ବର୍ଷ-୨୪, ସଂଖ୍ୟା-୧୯୩
ଭୁବନେଶ୍ୱର
୧୨ ଅଗଷ୍ଟ, ୨୦୨୪ ସୋମବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-24, Issue No. 193
Bhubaneswar
12 August, 2024, Monday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat

## ତୁଟିବ କି ଆଳୁ ଯୋଗାଣ ସମସ୍ୟା ?

### ସ୍ୱାଭାବିକ କରିବାକୁ ମମତାଙ୍କୁ ଅନୁରୋଧ କଲେ ମୋହନ



ଭୁବନେଶ୍ୱର, ୧ ୧।୮ (ମହାଭାରତ): ଓଡ଼ିଶାକୁ ଆଳୁ ଟ୍ରକ୍ ଆସିଥିଲେ ହେଁ ସ୍ଥିତିରେ କୌଣସି ସୁଧାର ହେଉନି। ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଟେଲିଫୋନ୍ ଯୋଗେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ସହିତ କଥା ହୋଇଛନ୍ତି। ଆଳୁ ଯୋଗାଣ ସମସ୍ୟା ସ୍ୱାଭାବିକ କରିବାକୁ ମମତାଙ୍କୁ ମୁଖ୍ୟମନ୍ତ୍ରୀ ଅନୁରୋଧ କରିଛନ୍ତି। ଏ ଦିଗରେ ଉପଯୁକ୍ତ ପଦକ୍ଷେପ ନେବେ ବୋଲି ମମତା ପ୍ରତିଶ୍ରୁତି ଦେଇଛନ୍ତି।

ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀଙ୍କ ସହିତ କଥା ହେବା ପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି, ଦିଲ୍ଲୀରେ ଆଲୋଚନା ହେବା ପରେ ଓଡ଼ିଶାକୁ ଆଳୁ ଯୋଗାଣ ସ୍ୱାଭାବିକ ହୋଇଥିଲା। ମାତ୍ର କିଛିଦିନ ପରେ ପୁଣି ଆଳୁ ଯୋଗାଣରେ ସମସ୍ୟା ସୃଷ୍ଟି ହୋଇଛି। ତେଣୁ ଏଥିପ୍ରତି ଧ୍ୟାନ ଦେଇ ଆଳୁ ସମସ୍ୟା ଦୂର କରିବାକୁ ପଦକ୍ଷେପ ନେବା ପାଇଁ ମମତାଙ୍କୁ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଅନୁରୋଧ କରିଛନ୍ତି। ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଏ ଦିଗରେ ଉପଯୁକ୍ତ ପଦକ୍ଷେପ ନେବେ ବୋଲି ପ୍ରତିଶ୍ରୁତି ଦେଇଥିବା ଜଣାପଡ଼ିଛି। ଓଡ଼ିଶାର ପଡ଼ୋଶୀ ରାଜ୍ୟ ହେଉଛି ପଶ୍ଚିମବଙ୍ଗ।ଏଠାରୁ ପ୍ରତିଦିନ ଶହ ଶହ ଟ୍ରକ୍ ଓଡ଼ିଶାକୁ ଆସିଥାଏ। କହିବାକୁ ଗଲେ ପଶ୍ଚିମବଙ୍ଗ ଆଳୁ ଉପରେ ଓଡ଼ିଶା ନିର୍ଭର କରିଥାଏ। ହେଲେ ଗତ କିଛି ଦିନ ହେଲା ପଶ୍ଚିମବଙ୍ଗ ସରକାର ଓଡ଼ିଶାକୁ ଆଳୁ ଯୋଗାଣ ବନ୍ଦ କରିଦେଇଛନ୍ତି। ଯାହାଫଳରେ ଓଡ଼ିଶାରେ ଆଳୁ ସଙ୍କଟ ଦେଖାଦେଇଛି। ଆଳୁ ଦର ଆକାଶ ଛୁଆଁ ହୋଇଛି। ଯେଉଁ ଆଳୁ କିଲୋ ୨୦ ଟଙ୍କାରେ ବିକ୍ରି ହେଉଥିଲା, ତାହା ଏବେ ୬୦ ଟଙ୍କାରେ ପହଞ୍ଚିଲାଣି। ରଜ୍ୟବ୍ୟାପୀ ଏମିତି ସମସ୍ୟା ଦେଖାଦେଇଛି। ଯେଉଁଥିପାଇଁ ଖାଉଟିମାନେ ନାନା ସମସ୍ୟାରେ ସମ୍ମୁଖୀନ ହେଉଛନ୍ତି। ଆଳୁ ଦର ବୃଦ୍ଧିକୁ ନେଇ ଅସନ୍ତୋଷ ପ୍ରକାଶ ପାଇବା ପରେ ନୂଆଦିଲ୍ଲୀରେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀଙ୍କ ସହିତ କଥା ହୋଇଥିଲେ ଓଡ଼ିଶାର ମୁଖ୍ୟମନ୍ତ୍ରୀ। ହେଲେ ସମସ୍ୟା ସମାଧାନ ହୋଇନଥିଲା। ଯେଉଁଥିପାଇଁ ଓଡ଼ିଶା ସରକାର ଉତ୍ତରପ୍ରଦେଶରୁ ଆଳୁ ଆଣିବାକୁ ବ୍ୟବସ୍ଥା କରିଥିଲେ। ହେଲେ ସେହି ଆଳୁ ପର୍ଯ୍ୟାପ୍ତ ପରିମାଣରେ ଆସୁନାହିଁ।

## ହିଣ୍ଡେନବର୍ଗ ଅଭିଯୋଗକୁ ସେବି ମୁଖ୍ୟଙ୍କ ଖଣ୍ଡନ

ନୂଆଦିଲ୍ଲୀ, ୧ ୧।୮: ହିଣ୍ଡେନବର୍ଗ ଅନୁସନ୍ଧାନର ନୂଆ। ଖୁଲାସା ପରେ ପ୍ରତିକ୍ରିୟା ରଖିଛନ୍ତି ସିକ୍ୟୁରିଟି ଆଣ୍ଡ ଏକ୍ସଚେଞ୍ଜ ବୋର୍ଡ ଅଫ୍ ଇଣ୍ଡିଆ। (ସେବି) ମୁଖ୍ୟ ମାଧବୀ ପୁରୀ ବୁଚ। ହିଣ୍ଡେନବର୍ଗ ଅଭିଯୋଗ ଭିତ୍ତିହୀନ, ଏଥିରେ କୌଣସି ସତ୍ୟତା ନାହିଁ ବଦନାମ୍ କରିବାକୁ ଉଦ୍ୟମ କରାଯାଉଥିବା ମାଧବୀ ପୁରୀ ବୁଚ୍ ଏବଂ ତାଙ୍କ ସ୍ୱାମୀ ଧବଳ ବୁଚ୍ କହିଛନ୍ତି। ଗତକାଲି ଆମେରିକାର ସର୍ଟ ସେଲିଂ ଫାର୍ମ ହିଣ୍ଡେନବର୍ଗ ରିସର୍ଚ୍ଚ ସଂସ୍ଥା ଗମ୍ଭୀର ଅଭିଯୋଗ ଆଣିଥିଲା। ଆଦାନି ଗ୍ରୁପର ସ୍କାମରେ ଜଡିତ ବିଦେଶୀ କମ୍ପାନିରେ ସେବି ମୁଖ୍ୟ ମାଧବୀ ପୁରୀ ବୁଚ୍ ଏବଂ ତାଙ୍କ ସ୍ୱାମୀ ଧବଳ ବୁଚଙ୍କ ଅଂଶଧନ (ଶେଆର୍) ରହିଥିବା ରିପୋର୍ଟରେ ପ୍ରକାଶ ପାଇଥିଲା। ଆଦାନୀ ଗ୍ରୁପର ବିଦେଶୀ ଅଂଶଧନ ସମ୍ପର୍କରେ ତଦନ୍ତ ପାଇଁ ସେବି ଯଥେଷ୍ଟ ଆଗ୍ରହ ନଦେଖାଇବାର ଏହା ଏକ କାରଣ ବୋଲି ହିଣ୍ଡେନବର୍ଗ ରିସର୍ଚ୍ଚ ଦାବି କରିଥିଲା।

## ପୁଲିସ୍-ଗୋଚାଲାଣକାରୀ ମୁହାଁମୁହିଁ

କେନ୍ଦୁଝର, ୧ ୧।୮ (ମହାଭାରତ): ପୂର୍ବରୁ କେନ୍ଦୁଝର ଜିଲ୍ଲାର ବିଭିନ୍ନ ଗଳା ବାଟ ଏବଂ ଜାତୀୟ ରାଜପଥ ଦେଇ ଟ୍ରିପ ଟ୍ରିପ୍ ଗୋ-ଚାଲାଣ ନିର୍ଭୟ ରେ ଚାଲିଥିଲା କିନ୍ତୁ ରାଜ୍ୟରେ ନୂତନ ବିଜେପି ସରକାର୍ ଆସିବା ଦିନରୁ ଠାରୁ ଗୋରୁ ତସ୍କର ଓ ଚୋରା ବେପାରୀ ଙ୍କ ନିଦ ହଜିଯାଇଥିବା ଚର୍ଚ୍ଚା ଜୋର ଧରିଛି । ତେବେ କେନ୍ଦୁଝର ନିକଟସ୍ଥ ବେଆଇନ ଗୋରୁ ଚାଲାଣକାରୀ ଓ ପୋଲିସ ମଧ୍ୟରେ ଗୁଳି ବିନିମୟ ' ଜଣେ ଗୋରୁ ତସ୍କର ଗୁରୁତର ୨ ଜଣ ପୋଲିସ କର୍ମଚାରୀ ଆହତ ହୋଇଛନ୍ତି।

ଆଜି ଭୋର ସମୟରେ ବେଆଇନ ଗୋରୁ ଚାଲାଣ ନେଇ ପୋଲିସ ଖବର ପାଇ ହରିଚନ୍ଦନପୁର ଥାନା ଅଞ୍ଚଳର କୁଲାଡାଙ୍କୁଣି ନିକଟରେ ଗୋରୁ ଚଲାଣ ଗାଡିକୁ ଅଟକାଇବାକୁ ଚେଷ୍ଟା କରିବା ସମୟରେ ଗୋଚାଲାଣକାରୀ ପୋଲିସ ଉପରକୁ ପ୍ରଥମେ ଗୁଳି ଚଳାଇବା ପରେ ପୋଲିସ ବାଧ୍ୟ ହୋଇ ତାଙ୍କ ଉପରକୁ ଗୁଳି ଚଳାଇଥିଲା। ଯେଉଁଥିରେ ଜଣେ ଗୋଚାଲାଣକାରୀ ଯିଏକି ସାନ୍ତରାପୁର ଅଞ୍ଚଳର ଆରିଫ ଖାନ ତା ଗୋଡରେ ଦୁଇଟି ଗୁଳି ବାଜି ଥିଲା ଓ ଗୋ ଚାଲାଣକାରୀ ଙ୍କ ଗୁଳିରେ ଦୁଇ ଜଣ ପୋଲିସ କର୍ମଚାରୀ ମଧ୍ୟ ଆହତ ହୋଇଛନ୍ତି । ଆହତ ଗୋଚାଲାଣ କାରୀ କୁ ପୋଲିସ ଆଣି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ପ୍ରାଥମିକ ଚିକିତ୍ସା ପରେ କଟକ ସ୍ଥାନାନ୍ତର କରିବା ସହିତ ଆହାତ ପୋଲିସ କର୍ମଚାରୀ ଦୁଇ ଜଣ ହରିଚନ୍ଦନପୁର ସ୍ୱାସ୍ଥ୍ୟକେନ୍ଦ୍ର ରେ ପ୍ରାଥମିକ ଚିକିତ୍ସା ପରେ ଛାଡ଼ି ଦିଆଯାଇଛି ।



ଏ ସଂକ୍ରାନ୍ତ ରେ ହରିଚନ୍ଦନପୁର ଓ ପଣ୍ଡାପଡ଼ା ଥାନା ରେ ପୃଥକ ପୃଥକ ଦୁଇଟି କେଶ ରୁଜୁ ହୋଇଛି ଏବଂ ଗୋରୁ ବୋଝେଇ ହୋଇଥିବା ୩ ଟି ପିକଅପ ଭ୍ୟାନ ଓଡି୦୯ଏମ ୪୯୩୨, ଓଡ଼ି୧୯ଆର ୫୬୨୫, ଓଆର୍ ୦୫ଏଏଲ ୩୬୪୭ ସହ ଗୋଟିଏ ଏକ୍ସୟୁଭି କାର ଓଡି୦୨ଏଫ୍ ୮୫୭୩ ସହିତ ଦୁଇଟି ଦେଶି ପିସ୍ତଲ ଜବତ କରିବା ସହିତ ୨୫ ଟି ଗୋରୁ ଙ୍କୁ ଉଦ୍ଧାର କରିଛି ପୋଲିସ। ଏହା ସହ ୫ ଜଣ ଗୋରୁ ତସ୍କର ଙ୍କୁ ଗିରଫ କରିଛି ପୋଲିସ ।

## ପାଣ୍ଡିଆନଙ୍କ ହେଲିକପ୍ଟର ଗସ୍ତ ଖର୍ଚ୍ଚର ତଦନ୍ତ କରାଯିବ : ଆଇନ ମନ୍ତ୍ରୀ

ଭୁବନେଶ୍ୱର ୧ ୧।୮ (ମହାଭାରତ): ୨୦୨୪ ନିର୍ବାଚନ ବେଳେ ଓ ତା ପୂର୍ବରୁ ବିଜେଡି ନେତା ଭି. କେ ପାଣ୍ଡିଆନ ଏକ ସରକାରୀ ହେଲିକପ୍ଟରରେ ବୋଲି ପ୍ରଚାର କରୁଥିବାର ଦେଖିବାକୁ ମିଳିଥିଲା। ଏହାକୁ ନେଇ ଏବେ ରାଜ୍ୟରେ ବିଜେପି ସରକାର ଆକ୍ସନ ମୋଡକୁ ଆସିଛନ୍ତି। ଏନେଇ ରାଜ୍ୟ ପୂର୍ତ୍ତ ଓ ଆଇନ



ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି କି ପାଣ୍ଡିଆନଙ୍କ ହେଲିକପ୍ଟର ଗସ୍ତ ଖର୍ଚ୍ଚ କିଏ ବହନ କରିଥିଲା, ତାର ସ୍ୱଷ୍ଟତା ଆସିବା ଦରକାର। ତେଣୁ ତଦନ୍ତ ହେବା ଆବଶ୍ୟକତା ରହିଛି। ତାଙ୍କ ହେଲିପ୍ୟାଡ଼ ନିର୍ମାଣ ପାଇଁ ସରକାରଙ୍କ ପକ୍ଷରୁ ନିର୍ଦ୍ଦେଶ ଯାଉଥିଲା ଏବଂ ସରକାରୀ ଖର୍ଚ୍ଚରେ ହେଲିପ୍ୟାଡ଼ ନିର୍ମାଣ କରାଯାଉଥିଲା । ପାଣ୍ଡିଆନ ପାଖାପାଖି ୪୦୦ ରୁ ୪୫୦ ଜାଗା ବୁଲିଛନ୍ତି। ହେଲିପ୍ୟାଡ ନିର୍ମାଣ ଲାଗି ରାଜ୍ୟ ରାଜକୋଷରୁ ଖର୍ଚ୍ଚ ହୋଇଛି, ସେ ବାବଦରେ ତଦନ୍ତ ପ୍ରକ୍ରିୟା ଆରମ୍ଭ ହେବ। କିଏ ନିର୍ଦ୍ଦେଶ ଦେଇଥିଲା ଏବଂ କେମିତି ନିର୍ଦ୍ଦେଶ ଦେଇଥିଲା। ଭି. କେ ପାଣ୍ଡିଆନ ସଚିବ ଥିବା ବେଳେ ହେଲିକପ୍ଟର ବ୍ୟବହାର କରିଛନ୍ତି। ଏନେଇ ପୂର୍ତ୍ତ ଓ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି, ବିଭଗୀୟ ସଚିବ ଯାହାର ହେଲିକପ୍ଟର ବ୍ୟବହାର କରିବାର ପ୍ରବଧାନ ନାହିଁ, ସରକାର କେମିତି ଅନୁମତି ଦେଇଥିଲେ ? କିଏ ହେଲିକପଟର ଅବତାରଣ କରିବା ପାଇଁ ପ୍ରୋସେସ କରିଥିଲେ, ଏ ସବୁ ତଦନ୍ତ ପରିସରଭୁକ୍ତ ହେବ। ତଦନ୍ତ କରାଯାଇ ଦଣ୍ଡବିଧାନ କରାଯିବ। ଆଇନ ମନ୍ତ୍ରୀ କହିଛନ୍ତି ଯେ, ତଦନ୍ତ ପରେ ଦଣ୍ଡବିଧାନ କରାଯିବ।

## କିଏ କେଉଁଠି କରିବେ ପତାକା ଉତ୍ତୋଳନ

ଭୁବନେଶ୍ୱର, ୧ ୧।୮ (ମହାଭାରତ): ତିନିଦିନ ପରେ ଜାତୀୟ ପର୍ବ 'ସ୍ୱାଧୀନତା ଦିବସ'। ଅଗଷ୍ଟ ୧୫ତାରିଖରେ ସାରା ଦେଶ ସମେତ ଓଡ଼ିଶାରେ ରାଜ୍ୟସ୍ତରୀୟ ଓ ଜିଲ୍ଲାସ୍ତରୀୟ ସ୍ୱାଧୀନତା ଦିବସ ପାଳନ କରାଯିବ। ଚଳିତ ବର୍ଷ ରାଜ୍ୟରେ ନୂଆ ସରକାର ଗଠନ ହୋଇଥିବା ବେଳେ କିଏ କେଉଁ ସ୍ଥାନରେ ପତାକା ଉତ୍ତୋଳନ କରିବେ ସେନେଇ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରୁ ସୂଚନା ଆସିଛି।

ଚଳିତ ବର୍ଷର ରାଜ୍ୟସ୍ତରୀୟ ସ୍ୱାଧୀନତା ଦିବସ କାର୍ଯ୍ୟକ୍ରମ ମହାତ୍ମା ଗାନ୍ଧୀ ମାର୍ଗରେ ପାଳନ କରାଯିବ। ରାଜ୍ୟ ଗୃହ ବିଭାଗ ଏବଂ ସୂଚନା ଓ ଲୋକସଂପର୍କ ବିଭାଗ ସହିତ ଏକ ବୈଠକରେ ଆଲେଚନା ପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ନିର୍ଦ୍ଦେଶ ଦେଇଛନ୍ତି। ଚଳିତ ବର୍ଷ ପରେଡରେ ସ୍କୁଲ-କଲେଜ ଓ ପୁଲିସ ବାହିନୀର କଣ୍ଟିଜେଣ୍ଟ ଅଂଶଗ୍ରହଣ କରିବେ। ମୁଖ୍ୟମନ୍ତ୍ରୀ ସକାଳ ୯ଟା ସମୟରେ ପତାକା ଉତ୍ତୋଳନ କରି ଜନସାଧାରଣଙ୍କୁ ଉଦ୍‌ବୋଧନ ଦେବେ। ଏହାପରେ ସମ୍ମିଳିତ ପରେଡରେ ଅଭିବାଦନ ଗ୍ରହଣ କରିବେ।ସେହିପରି ଜିଲ୍ଲାସ୍ତରରେ ମନ୍ତ୍ରୀ ଓ ଜିଲ୍ଲାପାଳମାନେ ତ୍ରିରଙ୍ଗା ଉଡ଼ାଇବେ। ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଓ ପ୍ରଭାତୀ ପରିଡ଼ା ଯଥାକ୍ରମେ ନୂଆପଡ଼ା ଓ କଟକରେ ତ୍ରିରଙ୍ଗା ଉଡ଼ାଇବେ। କଳାହାଣ୍ଡିରେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ, ସୁନ୍ଦରଗଡ଼ରେ ପଞ୍ଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାଏକ, କୋରାପୁଟରେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ନବରଂଗପୁରରେ ଖାଦ୍ୟ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର, ଗଂଜାମରେ ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ବରଗଡ଼ରେ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ, ଗଜପତିରେ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା, ବାଲେଶ୍ୱରରେ ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର, ବଲାଙ୍ଗୀରରେ ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଗଣେଶ ରାମ ସିଂହଖୁଣ୍ଟିଆ, ମାଲକାନଗିରିରେ କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ଖୋର୍ଦ୍ଧାରେ ହସ୍ତତନ୍ତ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ, କନ୍ଧମାଳରେ ମତ୍ସ୍ୟ ଓ ପଶୁପାଳନ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଓ ରାୟଗଡ଼ାରେ ଶିଳ୍ପମନ୍ତ୍ରୀ ସମ୍ପଦ ଚରଣ ସ୍ୱାଇଁ ତ୍ରିରଙ୍ଗା ଉଡ଼ାଇବେ। ସେହିପରି ସମ୍ବଲପୁର, କେନ୍ଦୁଝର, ଅନୁଗୁଳ, ଜଗତସିଂହପୁର, ଝାରସୁଗୁଡ଼ା, ମୟୂରଂଭଜ, ସୋନପୁର, ଢେଙ୍କାନାଳ, ବ୍ରହ୍ମପୁର, ଭଦ୍ରକ, ବୌଦ୍ଧ, ଦେବଗଡ଼, ଯାଜପୁର, କେନ୍ଦ୍ରାପଡ଼ା ଓ ନୟାଗଡ଼ରେ ସେଠାକାର ଜିଲ୍ଲାପାଳମାନେ ତ୍ରିରଙ୍ଗା ଉଡ଼ାଇବେ। ରାଉରକେଲାରେ ସୁନ୍ଦରଗଡ଼ ଜିଲ୍ଲାପାଳ ପତାକା ଉତ୍ତୋଳନ କରିବେ।

## ଭଦ୍ରକରେ ବାଂଲାଦେଶୀ ୭ ଅଟକ !

ଭଦ୍ରକ, ୧ ୧।୮ (ମହାଭାରତ): ବାଂଲାଦେଶୀ ଅନୁପ୍ରବେଶକାରୀ ସନ୍ଦେହରେ ୭ଜଣଙ୍କୁ ଅଟକାଇ ପୁଲିସରେ ଜିମା ଦେଲେ ଲୋକେ। ବାଂଲାଦେଶରେ ହିଂସା ପରେ ଓଡ଼ିଶାର ହାଇଆଲର୍ଟ ଜିଲ୍ଲା ମଧ୍ୟରେ ଭଦ୍ରକ ଜିଲ୍ଲା ରହିଛି। ଭଦ୍ରକ ଜିଲ୍ଲାର ବାସୁଦେବପୁରରେ ପୂର୍ବରୁ ବାଂଲାଦେଶୀ ଥିବା ବେଳେ ଏବେ ସମୁଦ୍ର ତଟବର୍ତ୍ତୀ ଅଞ୍ଚଳ ମୁକୁଳା ପଡ଼ିଥିବାରୁ କେତେବେଳେ ଅନୁପ୍ରବେଶକାରୀ ପଶିଯିବେ ସେହି କାରଣରୁ ହାଇ ଆଲର୍ଟରେ ଏବେ ସାଧାରଣ ଲୋକ। ଆଜି ବାଂଲାଦେଶୀ ଅନୁପ୍ରବେଶକାରୀ ସନ୍ଦେହରେ ବାସୁଦେବପୁରର ଅଟଳ ବିହାରି ହାଇସ୍କୁଲ ଛକ ନିକଟରେ ୭ ଜଣଙ୍କୁ ଧରି ପୁଲିସରେ ଜିମା ଦେଇଛନ୍ତି ଗ୍ରାମବାସୀ।





ମହାଭାରତ

# ଜୀବନଚର୍ଯ୍ୟା





## ପ୍ରସ୍ତୁତ କରନ୍ତୁ ଗୋଟା ରସୁଣ ଚିକେନ ଲଟପଟ



**ଆବଶ୍ୟକୀୟ ସାମଗ୍ରୀ:**ଚିକେନ, ପିଆଜ, ରସୁଣ ପାଖୁଡ଼ା, ଲୁଣ, ହଳଦୀ, ଲଙ୍କା ଗୁଣ୍ଡ, ରିଫାଇଲ ତେଲ, ଗରମ ମସଲା।

**ପ୍ରସ୍ତୁତ ପ୍ରଣାଳୀ:** ପ୍ରଥମେ ଚିକେନରେ ଲୁଣ, ହଳଦୀ ପକେଇ ଭଲ ଭାବରେ ଗୋଳାଇ ରଖନ୍ତୁ। କରେଇରେ ତେଲ ଗରମ କରି ପିଆଜ ପକାଇ ଭାଜି ରଖନ୍ତୁ। ପିଆଜ ଅଳ୍ପ ଭାଜି ହୋଇଗଲା ପରେ ଲୁଣ ହଳଦୀ ଗୋଳା ଚିକେନ୍ ପକାଇ କଷନ୍ତୁ। ଚିକେନ ଅଳ୍ପ କଷି ହୋଇଗଲେ ହଳଦୀ ଗୁଣ୍ଡ, ଲଙ୍କା ଗୁଣ୍ଡ, ସ୍ୱାଦ ଅନୁସାରେ ଲୁଣ, ଗରମ ମସଲା, ଗୋଟା ରସୁଣ ପକାଇ ଘାଣ୍ଟନ୍ତୁ। ଚିକେନରେ ମସଲା ଭଲ ଭାବେ ମିଶି ଯିବା ପରେ ଘୋଡ଼ଣୀ ଘୋଡ଼ାଇ ଦିଅନ୍ତୁ। ପ୍ରତି ୪ରୁ ୫ ମିନିଟ୍ ବ୍ୟବଧାନରେ ଚିକେନକୁ ଗୋଳାଇ ଦିଅନ୍ତୁ। ଏହାପରେ ପ୍ରସ୍ତୁତ ହୋଇଯିବ ଗୋଟା ରସୁଣ ଚିକେନ ଲଟପଟ।

ଖବର

## ହିନାଙ୍କ ପ୍ରଶ୍ନର ଏଭଳି ଉ ର ଦେଲେ ପ୍ରେମିକ



ତୃତୀୟ ପର୍ଯ୍ୟାୟ କର୍କଟ ସହିତ ଲଢୁଥିବା ହିନା ଖାନ୍ ଇନଷ୍ଟାଗ୍ରାମରେ ପ୍ରଶଂସକଙ୍କ ପାଇଁ ଏକ ନୂଆ ପୋଷ୍ଟ ସେୟାର କରିଛନ୍ତି। ତାଙ୍କର ଶେଷ ପୋଷ୍ଟରେ ଅଭିନେତ୍ରୀ ଏକ ପ୍ରଶ୍ନ ପଚାରିଥିଲେ। ଯାହାର ଉତ୍ତର ଦେବାକୁ ଯାଇ ହିନାଙ୍କ ପ୍ରେମିକା ରକି ଜାୟସୱାଲ ନିଜର ପ୍ରତିକ୍ରିୟା ଦେଇଛନ୍ତି। ଯାହାକୁ ସୋସିଆଲ ମିଡିଆ ବ୍ୟବହାରକାରୀ ବେଶ ପସନ୍ଦ ବି କରୁଛନ୍ତି। ହିନା ନିକଟରେ ତାଙ୍କର ନୂଆ କେଶ ସଜ୍ଜା ସହିତ ଏକ ଭିଡିଓ ସେୟାର କରିଥିଲେ। ଏଥିସହିତ ହିନା ପ୍ରେମିକ ରକିଙ୍କୁ ପଚାରିଛନ୍ତି ମୁଁ ଜାଣିଛି ତୁମେ ଏବେ ମୋତେ ଖୁବ ଭଲ ପାଏ କିନ୍ତୁ ଯେତେବେଳେ ମୋର ବୟସ ବର୍ଦ୍ଧିଯିବ ସୌନ୍ଦର୍ଯ୍ୟ କମିଯିବ ସେତେବେଳେ ବି ଏମିତି ଭଲ ପାଇବ ?ଏହାର ଉତ୍ତର ଦେଇ ଅଭିନେତ୍ରୀଙ୍କ ପ୍ରେମିକ ରକି ଜାୟସୱାଲ ଏକ ହୃଦୟର ଇମୋଜି ଦେଇ ପ୍ରତିକ୍ରିୟା ଦେଇ ଲେଖିଛନ୍ତି, ମୁଁ ସବୁବେଳେ ଏହା କରିବି।'ହିନା ଖାନ ଏବଂ ରକି ଜାୟସୱାଲ ଦୀର୍ଘ ଦିନ ଧରି ପରସ୍ପରକୁ ଡେଟ କରୁଥିଲେ। ତେବେ ସେମାନଙ୍କ ବ୍ରେକଅପ୍ ଖବର ମଧ୍ୟ ଅନେକ ଥର ସାମ୍ନାକୁ ଆସିଛି। ହିନା କର୍କଟ ଆକ୍ରାନ୍ତ ହେବାପରେ ରକି ତାଙ୍କର ଖୁବ ଯତ୍ନ ନେଉଥିବା ବି ବିଶେଷ ସୂତ୍ରରୁ ଖବର ମିଳିଛି।

## ଦୀପ ଓ କର୍ପୂର ଆଳତ



ପ୍ରାଚୀନ କାଳରୁ ଆମ ଦେଶରେ ଅନେକ ପରମ୍ପରା ରହିଆସିଛି। ଯାହାକୁ ଏବେ ବି ପାଳନ କରାଯାଏ। ଯେପରି ଦେଶୀ ଘିଅରେ ଦୀପ ଜାଳିବା ଏବଂ କର୍ପୂରରେ ଦେବାଦେବୀଙ୍କୁ ଆଳତି କରିବା ପ୍ରଥା ପ୍ରଚଳନ ହୋଇଆସୁଛି। ଧାର୍ମିକ ମାନ୍ୟତା ଅନୁସାରେ ଆରତୀ କଲେ ଦେବାଦେବୀ ପ୍ରସନ୍ନ ହୋଇ ବରଦାନ ଦେଇଥାନ୍ତି। ସାଧକର ମନୋକାମନା ପୂର୍ଣ୍ଣ ହୋଇଥାଏ। ଏଥିସହ ଦେବଦୋଷ ଏବଂ ପିତୃଦୋଷ ଲାଘବ ହୁଏ। ତେଣୁ କର୍ପୂର ଆରତୀ ଶୁଭ। ସେହିପରି ବୈଜ୍ଞାନିକ ଦୃଷ୍ଟିକୋଣରୁ ମଧ୍ୟ କର୍ପୂର ଜାଳିବା ଭଲ। ଏହା ଦ୍ୱାରା ବାତାବରଣରେ ଶୁଦ୍ଧତା ଆସିଥାଏ। ଅନେକ ଜୀବାଣୁ-କୀଟାଣୁ ନଷ୍ଟ ହୋଇଯାଇଥାନ୍ତି। ଶରୀର ଉପରେ ରୋଗର ଆକ୍ରମଣ ସହଜରେ ହୋଇପାରିନଥାଏ। ଏହିପରି ଅନେକ କିଛି। ତେଣୁ କର୍ପୁରରେ ଆରତୀ କରିବା ଅନେକ ଶୁଭଫଳ ଦେଇଥାଏ।

## ସୋରିଷ ତେଲ ମାଲିସର ପ୍ରଭାବ



ସୋରିଷ ତେଲ ନିୟମିତ ମାଲିସ୍ କଲେ ରକ୍ତ ସଞ୍ଚାଳନ ଶରୀରରେ ଭଲଭାବେ ହେବା ସହ ଉଷ୍ମତା ଭିତରୁ ମିଳେ। ଶୋଇବା ପୂର୍ବରୁ ନିୟମିତ ସୋରିଷ ତେଲକୁ ହାଲକା ଉଷୁମ କରି ପାଦତଳେ ମାଲିସ୍ କଲେ ଭଲ ନିଦ ହେବ। ଦୃଷ୍ଟି ଶକ୍ତି ବଢ଼ିଥାଏ। ନିଶାସେବନ, ଧୂମପାନ ଅଧିକ କଲେ ଆଖିର ଜ୍ୟୋତି ପ୍ରଭାବିତ ହୁଏ। ଏଥିରୁ ବର୍ତ୍ତିବାକୁ ହେଲେ ସୋରିଷ ତେଲ୍ ମହୌଷଧି।

◆ ପରୀକ୍ଷାରୁ ଜଣାପଡ଼ିଛି ଯେ, ସୋରିଷ ତେଲ ପାଦ ତଳେ ମାଲିସ୍ କରିବା ଦ୍ୱାରା ଶରୀରର ରୋଗପ୍ରତିରୋଧକ ଶକ୍ତି ବଢ଼ିବା ସହ ଓଜନକୁ ମଧ୍ୟ ନିୟନ୍ତ୍ରଣ କରେ।

◆ମାନସିକ ଚାପ, ଅବସାଦ ଓ ନିଦ୍ରାହୀନତାରୁ ବର୍ତ୍ତିବାକୁ ଚାହୁଁଥିଲେ, ୧ ମାସ ପର୍ଯ୍ୟନ୍ତ ସୋରିଷ ତେଲ ପାଦ ତଳେ ମାଲିସ୍ କରନ୍ତୁ।

◆ ସପ୍ତାହରେ ୨-୩ ଦିନଥର ଏଇ ଉପାୟ କରନ୍ତୁ, ଦେଖିବେ ନିଶ୍ଚୟ ଆରାମ ଅନୁଭବ କରିବେ। ବଡ଼ କୁଣ୍ଡରେ ଉଷୁମ ପାଣି ଭର୍ତ୍ତି କରି ସେଥିରେ ୨-୩ ଚାମଚ ସୋରିଷ ତେଲ ପକାନ୍ତୁ। ସେହି ପାଣିରେ ପାଦ ୨୦ ମିନିଟ୍ ବୁଡ଼ାଇ ପରେ ଭଲଭାବେ ପୋଛିନେବେ। ସୁନିଦ୍ରା ନିମନ୍ତେ ଏହା ଏକ ଉତ୍ତମ ଉପାୟ।

## ଏସିଡ଼ିଟି ଦୂର କରିଥାଏ ଏହି ଆୟୁର୍ବେଦ ଔଷଧି: ଗଣ୍ଠି ଯନ୍ତ୍ରଣାରୁ ବି ମିଳିଥାଏ ଆରାମ



ମାଲାବାର ବାଦାମ ଏକ ଔଷଧୀୟ ଗଛ। ଏହାର ଉପଯୋଗ ଆୟୁର୍ବେଦ, ହୋମିଓପାଥି, ୟୁନାନି ଚିକିତ୍ସା ପ୍ରଣାଳୀ ଦ୍ୱାରା କରାଯାଇଥାଏ। ସାଧାରଣତଃ ଏସିଆରେ ଏହି ଗଛ ଲଗାଯାଇଥାଏ। ଶୀତ ଋତୁରେ ଔଷଧ ତିଆରି କରିବାକୁ ଏହି ଗଛ ବ୍ୟବହାର କରାଯାଏ। ଏହାର ପତ୍ର ବହୁତ ଶକ୍ତିଶାଳୀ। ଏହାର ପତ୍ରରୁ ଆରମ୍ଭ କରି ଚେର ଯାଏଁ ସବୁ ବିଭିନ୍ନ ରୋଗର ଚିକିତ୍ସା ପାଇଁ ବ୍ୟବହାର କରଯାଏ। ବିଶେଷଜ୍ଞଙ୍କ ଅନୁଯାୟୀ, ମାଲାବାର ବାଦାମ ଗଛର ପତ୍ର, ଫୁଲ, ଚେର, ଛାଲ ଆୟୁର୍ବେଦରେ ହଜାର ହଜାର ବର୍ଷ ହେଲା ବ୍ୟବହୃତ ହେଉଛି। ଏଥିରେ ଜୀବଣୁରୋଧୀ ଗୁଣ ରହିଛି। ତାଛଡା ସୁଜନ କାମ କରିବା ଏବଂ ରକ୍ତ ସଫା କରିବା ଗୁଣ ମଧ୍ୟ ଅଛି। ଏହା ସାଧାରଣତଃ ଶ୍ୱାସ ରୋଗ ଏବଂ ଥଣ୍ଡା-କାଶ ସମ୍ବନ୍ଧୀୟ ସମସ୍ୟା ଦୂର କରିବାକୁ ଉପଯୋଗ କରାଯାଇଥାଏ। ତାଛଡା ଆହୁରି ଅନେକ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ସମସ୍ୟା ଦୂର କରିବାରେ ମଧ୍ୟ ଏହାକୁ ବ୍ୟବହାର କରାଯାଏ। ଥଣ୍ଡା-କାଶ ପାଇଁ ଏହା ଅତ୍ୟନ୍ତ ଲାଭଦାୟକ। ଏହାର ୭-୮ଟି ପତ୍ରକୁ ପାଣିରେ ଫୁଟାଇ ସେହି ପାଣିକୁ ଛାଣି ସେଥିରେ ମହୁ ମିଶାଇ ସେବନ କରିପାରିବେ। ମାଲାବାର ବାଦାମ ବା ଅଡୁସାରେ ଆଣ୍ଟିଭାୟରାଲ ଗୁଣ ରହିଛି ଯାହା ଭାଇରାଲ ସଂକ୍ରମଣ ପାଇଁ ବହୁତ ପ୍ରଭାବଶାଳୀ। ଏହା ବନ୍ଦ ନାକ ଖୋଲିବାରେ ସାହାଯ୍ୟ କରିଥାଏ। ଆଜିକାଲି ଏସିଡ଼ିଟି ବା ପେଟରେ ଜ୍ୱଳନ ଏକ ସାଧାରଣ ସମସ୍ୟା ହୋଇଗଲାଣି। ପେଟରେ ଅମ୍ଳ ପଦାର୍ଥ ଖାଦ୍ୟନଳୀକୁ ଆସିବା ଏସିଡ଼ିଟିର ମୁଖ୍ୟ କାରଣ। ଏହିଭଳି ସ୍ଥିତିରେ ଅଡୁସା ଲାଭଦାୟକ ପ୍ରମାଣିତ ହୋଇଥାଏ। ଏହା ପେଟର ଜ୍ୱଳନ ବା ଏସିଡ଼ିଟି କାମ କରିଥାଏ। ଅଡୁସା ପାଉଡର, ଜଷ୍ଟିମଧୁ ପାଉଡର ଅଁଳା ପାଉଡରକୁ ସମାନ ପରିମାଣରେ ମିଶାଇ ପ୍ରତିଦିନ ଏହାର ସେବନ କଲେ ଏସିଡ଼ିଟି ଦୂର ହୋଇଥାଏ। ବ୍ରୋଙ୍କାଇଟିସରେ ବ୍ରୋଙ୍କିଆଲ୍ ଟ୍ୟୁବରେ ବା ଶ୍ୱାସନଳୀ, ନାକ, ପାଟି ଓ ଫୁସଫୁସରେ ସ୍ନାୟୁନଳୀରେ ସୁଜନ ହୋଇଯାଇଥାଏ। ଯାହାଫଳରେ କାଶ ହୋଇଥାଏ। ଏଥିପାଇଁ ଛାତିରେ ଯନ୍ତ୍ରଣା ଅନୁଭୂତ ହେବାସହ ହାଲୁକା ଜ୍ୱର, ନିଶ୍ୱାସ ନେବାରେ ଅସୁବିଧା ହୋଇଥାଏ। ଅଡୁସା ସେବନ ଦ୍ୱାରା ବାୟୁ ମାର୍ଗ ଖୋଲିଯାଇଥାଏ ଏବଂ ନିଶ୍ୱାସ ନେବାରେ ଅସୁବିଧା ହୋଇନଥାଏ। ତାସହ କାଶ ମଧ୍ୟ ଦୂର ହୋଇଥାଏ। ଗଣ୍ଠି ବିନ୍ଧା ମଧ୍ୟ ଏକ ସାଧାରଣ ସମସ୍ୟା ହୋଇଗଲାଣି। ଆଜିକାଲି କାମ ବୟସରୁ ଗଣ୍ଠି ବିନ୍ଧା ଆରମ୍ଭ ହୋଇଯାଉଛି। ଶରୀରରେ ୟୁରିକ୍ ଏସିଡ୍ ସ୍ତର ବଢିଗଲେ ମଧ୍ୟ ଗଣ୍ଠି ଦରଜ ହୋଇଥାଏ। ଅଡୁସା ୟୁରିକ୍ ଏସିଡ୍ ସ୍ତରକୁ କାମ କରିବାରେ ସାହାଯ୍ୟ କରିଥାଏ ଏବଂ ଯନ୍ତ୍ରଣାରୁ ଆରାମ ମିଳିଥାଏ।



## ସ୍ୱାସ୍ଥ୍ୟ ପାଇଁ ହିତକର ନାଲି ଲଙ୍କା

ଅଧିକାଂଶ ଲୋକ ରାଗ ଖାଇବାକୁ ପସନ୍ଦ କରନ୍ତିନି। ସେଥିପାଇଁ ଡାଏଟରେ ଲଙ୍କା ବ୍ୟବହାର କରନ୍ତିନି। ବିଶେଷକରି ଲୋକେ ନାଲି ଲଙ୍କା ଠାରୁ ଦୁରେଇ ରହନ୍ତି।



ଏକ ଅଧ୍ୟୟନ ଅନୁଯାୟୀ, ନିୟମିତ ନାଲି ଲଙ୍କା ସେବନ କଲେ ଆୟୁଷ ବଢିଥାଏ ଏବଂ ଅକାଳ ମୃତ୍ୟୁ ଅଶଙ୍କା ମଧ୍ୟ କମିଯାଇଥାଏ। ଅଧ୍ୟୟନ ଅନୁଯାୟୀ, ଯେଉଁମାନେ ନାଲି ଲଙ୍କା ସେବନ କରନ୍ତି ସେମାନଙ୍କୁ ରୋଗ ହେବାର ସମ୍ଭାବନା ଏକ ଚତୁର୍ଥାଂଶ କମିଯାଇଥାଏ। ବୈଜ୍ଞାନିକମାନେ ନାଲି ଲଙ୍କାରେ ଥିବା ରାଗ ଅଂଶକୁ ଶରୀର ପାଇଁ ଲାଭଦାୟକ ବୋଲି କହିଛନ୍ତି। ବୈଜ୍ଞାନିକଙ୍କ ଅନୁଯାୟୀ, ନାଲି ଲଙ୍କା ଶର୍କରା ସ୍ତର ନିୟନ୍ତ୍ରଣ କରିବାରେ ସାହାଯ୍ୟ କରିଥାଏ ଏବଂ ଟ୍ୟୁମର ସହ ସୁଜନ କମ୍ କରିବାରେ ମଧ୍ୟ ସାହାଯ୍ୟ କରିଥାଏ। ନାଲି ଲଙ୍କାରେ ଭିଟାମିନ-ସି ରହିଛି ଯାହା ପ୍ରତିରୋଧକ କ୍ଷମତାକୁ ମଜବୁତ କରିଥାଏ। ନାଲି ଲଙ୍କାରେ ଆଣ୍ଟି ଅକ୍ସିଡେଣ୍ଟ ରହିଛି ଯାହା ସିରାପ୍ରଶିରାରେ ବ୍ଲଡ଼ ବ୍ଲକେଜକୁ ଦୂର କରିଥାଏ। କିନ୍ତୁ ନାଲି ଲଙ୍କା ଗୁଣ୍ଡ ସ୍ୱାସ୍ଥ୍ୟ ପକ୍ଷେ ହାନିକାରକ। ବିଶ୍ୱ ସ୍ତରରେ ପାଖାପାଖି ୫୭ ହଜାର ଲୋକଙ୍କ ସ୍ୱାସ୍ଥ୍ୟ ଓ ଆହାର ରେକର୍ଡ ଆଧାରରେ ଅଧ୍ୟୟନ କରାଯାଇଥିଲା। କିନ୍ତୁ ସୂଚନା ଆଧାରରେ ଅନ୍ୟ ଅଧ୍ୟୟନ ଭଳି ଏହାର ଅନ୍‌ଛୋକ ପରିଣାମ ମିଳିଥିଲା। କାରଣ ଅଧିକ ବ୍ୟକ୍ତିଗତ ଅଧ୍ୟୟନ କରୁଥିବା ବୈଜ୍ଞାନିକଙ୍କୁ ଏହା ଜାଣିବା ଆବଶ୍ୟକ ଯେ କେଉଁ କିସମର ଲଙ୍କା ସୁରକ୍ଷା ପ୍ରଦାନ କରିଥାଏ ଏବଂ କେତେ ମାତ୍ରାରେ ସେବନ କରିବା ସ୍ୱାସ୍ଥ୍ୟ ପାଇଁ ଲାଭଦାୟକ। ବୈଜ୍ଞାନିକ କହିଛନ୍ତି ଯେ, ଖାଇବାରେ ତାଜା ଓ ଶୁଖିଲା ଲଙ୍କା କିମ୍ବା ଗୋଲମରିଚ ବ୍ୟବହାର କଲେ ଖାଇବାର ସ୍ୱାଦ ଦୁଇଗୁଣ ବଢ଼ିଯାଇଥାଏ। ତାଛଡା ଏହା ଖାଇବାରେ ଲୁଣର ମାତ୍ରା ମଧ୍ୟ ନିୟନ୍ତ୍ରଣ କରିଥାଏ। ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ଅନୁସାରେ ଅତ୍ୟଧିକ ଲୁଣ ସେବନ ଉଚ୍ଚ ରକ୍ତଚାପ ଓ ହୃଦୟରୋଗର କାରଣ ହୋଇଥାଏ। କିନ୍ତୁ ବୈଜ୍ଞାନିକ ମିଶ୍ରିତ ମସଲା ଓ ବଜାରରେ ମିଳୁଥିବା ଚିଲି ସସ ବ୍ୟବହାର ନ କରିବାକୁ ପରାମର୍ଶ ଦେଇଛନ୍ତି। ବୈଜ୍ଞାନିକ କହିଛନ୍ତି ଯେ ଏଥିରେ ଅଧିକ ମାତ୍ରାରେ ସୋଡିୟମ ଥାଏ ଯାହା ସ୍ୱାସ୍ଥ୍ୟ ପାଇଁ ହାନିକାରକ। ଅଧ୍ୟୟନର ପ୍ରମୁଖ ଲେଖକ କହିଛନ୍ତି ଯେ, ନିୟମିତ ନାଲି ଲଙ୍କା ସେବନ କ୍ୟାନସର ଓ ହୃଦୟରୋଗ ଭଳି ନାନା ରୋଗର ଆଶଙ୍କା କମ କରିପାରେ।

# ୱାକଫ୍ (ସଂଶୋଧନ) ବିଲ୍ ପାଇଁ ଗଠିତ ଜେପିସିରେ ସାଂସଦ ଅପରାଜିତା ଷଡ଼ଙ୍ଗୀ ନିଯୁକ୍ତ

**ଭୁବନେଶ୍ୱର,୧୧।୮ (ମହାଭାରତ):** ୱାକଫ୍ ସଂଶୋଧନ ବିଲ୍-୨୦୨୪ର ସମୀକ୍ଷା ପାଇଁ କେନ୍ଦ୍ର ସରକାରଙ୍କ ଦ୍ୱାରା ଗଠିତ ଯୁଗ୍ମ ସଂସଦୀୟ କମିଟି (ଜେପିସି)ରେ ଓଡ଼ିଶାର ବିଜେପି ସାଂସଦ ଅପରାଜିତା ଷଡ଼ଙ୍ଗୀଙ୍କୁ ନିଯୁକ୍ତି ଦିଆଯାଇଛି। ସରକାରୀ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ୨୧ ଜଣିଆ କମିଟିରେ ଲୋକସଭାରେ ଭୁବନେଶ୍ୱରରୁ ପ୍ରତିନିଧିତ୍ୱ କରୁଥିବା ଅପରାଜିତା ହେଉଛନ୍ତି ଓଡ଼ିଶାର ଏକମାତ୍ର ସାଂସଦ। ଅପରାଜିତା ତାଙ୍କ ଏକ୍ସ ହ୍ୟାଣ୍ଡେଲରେ କୃତଜ୍ଞତା ଜ୍ଞାପନ କରି ଲେଖିଛନ୍ତି, 'ଲୋକସଭାରେ 'ୱାକଫ୍ (ସଂଶୋଧନ) ବିଲ୍, ୨୦୨୪' ଉପରେ ଯୁଗ୍ମ ସଂସଦୀୟ କମିଟିର ସଦସ୍ୟ ହୋଇ ମୁଁ ଗର୍ବ ଅନୁଭବ କରୁଛି। ଜେପିସିରେ ଉଭୟ ରାଜ୍ୟସଭା ଓ ଲୋକସଭାର ସଦସ୍ୟ ରହିଛନ୍ତିୟ ଓ୍ୱାକଫ୍ ସଂଶୋଧନ ବିଲକୁ ଅଧିକ ଯାଞ୍ଚ ପାଇଁ ଜେପିସିକୁ ପଠାଇବାକୁ ପ୍ରସ୍ତାବ ଆସିବାର ଦିନକ ପରେ ଏହି କମିଟି ଗଠନ କରାଯାଇଛି। ସଂସଦରେ ଏହି ବିଲକୁ ନେଇ ବିବାଦ ସୃଷ୍ଟି ହୋଇଥିବା ବେଳେ ବିରୋଧୀ ଏହାକୁ ମୁସଲମାନ ବିରୋଧୀ ବୋଲି ଆଖ୍ୟା ଦେଇଛନ୍ତି।



ବିଜେପି ନେତୃତ୍ୱାଧୀନ ଏନଡିଏ ସରକାର ଅଗଷ୍ଟ ୮ ରେ ଲୋକସଭାରେ ଏହି ବିଲ୍ ଆଗତ କରିଥିଲା। ଯାହା ଜୁନ୍ ରେ ମୋଦୀ ୩.୦ କ୍ୟାବିନେଟ୍ ଗଠନ ପରେ ପ୍ରଥମ ବଡ଼ ବିଲ୍। ଏହି ବିଲକୁ କଡ଼ା ସମାଲୋଚନା କରିବା ସହ ଏହା ମୁସଲମାନ ବିରୋଧୀ ବୋଲି କହିଛି ଇଣ୍ଡିଆ ମେଂଟ।

ଯଦି ୱାକଫ୍ (ସଂଶୋଧନ) ବିଲ୍ ପାରିତ ହୁଏ, ତେବେ ଓ୍ୱାକଫ୍ ବୋର୍ଡର କାର୍ଯ୍ୟରେ ଉଲ୍ଲେଖନୀୟ ପରିବର୍ତ୍ତନ ଆସିବ। ଏହି ବିଲରେ ୧୯୯୫ ର ୱାକଫ୍ ଆଇନରେ ଯଥେଷ୍ଟ ସଂଶୋଧନ ପ୍ରସ୍ତାବ ଦିଆଯାଇଛି। ଯେଉଁଥିରେ ୱାକଫ୍ ବୋର୍ଡରେ ମୁସଲମାନ ମହିଳା ଏବଂ ଅଣ-ମୁସଲମାନଙ୍କ ପ୍ରତିନିଧିତ୍ୱ ସୁନିଶ୍ଚିତ କରିବା ଅନ୍ତର୍ଭୁକ୍ତ।

# ୮ ଜିଲ୍ଲାରେ ଖୋଲିଲା ୧୪ ନୂତନ ସରକାରୀ ଡିଗ୍ରୀ କଲେଜ

**ଭୁବନେଶ୍ୱର,୧୧।୮ (ମହାଭାରତ):** ରାଜ୍ୟର ୮ଟି ଜିଲ୍ଲାରେ ୧୪ଟି ନୂଆ ସରକାରୀ ଡିଗ୍ରୀ କଲେଜ ଖୋଲାଯାଇଛି। ଭିଡିଓ କନଫରେନ୍ସିଂ ଜରିଆରେ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ଏହି କଲେଜଗୁଡ଼ିକୁ ଉଦଘାଟନ କରିଛନ୍ତି। ମୟୂରଭଞ୍ଜ ଜିଲ୍ଲା ତିରିଙ୍ଗରେ ନୂଆ କଲେଜ ରହିଛି। କଳାହାଣ୍ଡି ଜିଲ୍ଲାର ଥୁଆମୂଳ ରାମପୁର; ସୁନ୍ଦରଗଡ଼ ଜିଲ୍ଲାର ଗୁରୁଣ୍ଡିଆ ଓ ନୂଆଗାଁ; କୋରାପୁଟ ଜିଲ୍ଲାର ବନ୍ଧୁଗାଁ ଓ ନାରାୟଣପାଟଣା; ନବରଙ୍ଗପୁର ଜିଲ୍ଲାର ଝରିଗାଁ, କୋଷାଗୁମୁଡା, ରାଇଘର ଓ ତେନ୍ତୁଳିଖୁଣ୍ଟି; ରାୟଗଡ଼ା ଜିଲ୍ଲାର କାଶୀପୁର ଓ ରମଣାଗୁଡ଼ା; ଗଞ୍ଜାମ ଜିଲ୍ଲାର ଧରାକୋଟ; ଏବଂ କନ୍ଧମାଳ ଜିଲ୍ଲାର ଖଜୁରୀପଡ଼ା।

ଏହି ଅବସରରେ ମନ୍ତ୍ରୀ କହିଥିଲେ ଯେ ଶିକ୍ଷା ହେଉଛି ଏକମାତ୍ର ମାଧ୍ୟମ ଯାହା ମାଧ୍ୟମରେ




ଯୁବପିଢ଼ି ନିଜକୁ ସଶକ୍ତ କରିପାରିବେ ଏବଂ ସମାଜରେ ପରିବର୍ତ୍ତନ ଆଣିପାରିବେ। ଦୁର୍ଗମ ଅଂଚଳରେ ଥିବା ଏହି ନୂଆ ୧୪ଟି ସରକାରୀ ଡିଗ୍ରୀ କଲେଜ ଶିକ୍ଷାରେ ବୈପ୍ଳବିକ ପରିବର୍ତ୍ତନ ଆଣିବ ବୋଲି ସେ କହିଛନ୍ତି।

ଛାତ୍ରଛାତ୍ରୀଙ୍କ ମଧ୍ୟରେ ଉଚ୍ଚଶିକ୍ଷା ପ୍ରତି ଆଗ୍ରହ ସୃଷ୍ଟି ହେବା ସହ ଡ୍ରପ୍ ଆଉଟ୍ ପ୍ରତିଶତ ହ୍ରାସ ପାଇବ ବୋଲି ମନ୍ତ୍ରୀ କହିଛନ୍ତି।

ଭିଡିଓ କନଫରେନ୍ସିଂ ଜରିଆରେ ମନ୍ତ୍ରୀ ନୂଆ ଡିଗ୍ରୀ କଲେଜର ଅଧ୍ୟକ୍ଷ ଓ ଛାତ୍ରଛାତ୍ରୀ, ସରକାରୀ ଅଧିକାରୀ ଓ ଜନପ୍ରତିନିଧିଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଉଚ୍ଚଶିକ୍ଷା ବିଭାଗର କମିଶନର ତଥା ସଚିବ ଅରବିନ୍ଦ ଅଗ୍ରୱାଲ କହିଛନ୍ତି ଯେ ୮ଟି ଜିଲ୍ଲାର ୧୪ଟି ବ୍ଲକରେ ଡିଗ୍ରୀ କଲେଜ ପ୍ରତିଷ୍ଠା ହେବା ଦ୍ୱାରା ଓଡ଼ିଶାର ଦୁର୍ଗମ ଅଂଚଳରେ ରହୁଥିବା ଛାତ୍ରଛାତ୍ରୀଙ୍କ ପାଖରେ ଶିକ୍ଷା ପହଞ୍ଚିଛି।

ଏହା ସହ ଛାତ୍ରଛାତ୍ରୀଙ୍କୁ ଅଭିନନ୍ଦନ ଜଣାଇବା ସହ ଉଜ୍ଜ୍ୱଳ ଭବିଷ୍ୟତ ଗଢ଼ିବା ପାଇଁ କଠିନ ପରିଶ୍ରମ କରିବାକୁ ପରାମର୍ଶ ଦେଇଥିଲେ। ବଣାଇ ବିଧାୟକ ଲକ୍ଷ୍ମଣ ମୁଣ୍ଡା ଓ ଲକ୍ଷ୍ମୀପୁର ବିଧାୟକ ପବିତ୍ର ସୌନ୍ତ ଭର୍ଚୁଆଲ ମୋଡରେ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ଶିକ୍ଷା କ୍ଷେତ୍ରରେ ଏହା ଏକ ବୈପ୍ଳବିକ ପଦକ୍ଷେପ ବୋଲି କହିଥିଲେ।

# ଆଇଆଇଟି ଏବଂ କିମ୍ସ ପକ୍ଷରୁ ବେସିକ୍ ଲାଇଫ୍ ସପୋର୍ଟ କର୍ମଶାଳା

**ଭୁବନେଶ୍ୱର,୧୧।୮ (ମହାଭାରତ):** ଜନସାଧାରଣମାନଙ୍କ ଦ୍ୱାରା କାର୍ଡିଓପୁଲମୋନାରୀ ରେସସିଟେସନ ର ସଚେତନତା ଏବଂ ଅଭ୍ୟାସ ଦ୍ୱାରା ଅପାତକାଳୀନ ସ୍ଥିତିରେ ଜୀବନରକ୍ଷା ପାଇଁ ଜଣେ ଦକ୍ଷ ପ୍ରାଥମିକ ପ୍ରତିକ୍ରିୟାକାରୀର ବିକାଶ ହୋଇପାରିବ। ଏହି ସଚେତନତାର ପ୍ରସାର କରିବା ପାଇଁ ଭାରତୀୟ ପ୍ରଯୁକ୍ତିବିଦ୍ୟା ପ୍ରତିଷ୍ଠାନ (ଆଇଆଇଟି) ଭୁବନେଶ୍ୱରର ସଞ୍ଜୀବନ ସ୍ୱାସ୍ଥ୍ୟ କେନ୍ଦ୍ର ପକ୍ଷରୁ, କିମ୍ସ ହସ୍ପିଟାଲର କେଏଏସିଇଏଲ (କାବୀଲ) ସିମୁଲେସନ୍ ଆଣ୍ଡ୍ ସ୍କିଲ୍ ଅପଗ୍ରେଡେସନ୍ ସେଂଟର ପକ୍ଷରୁ ମିଳିତ ଭାବରେ ପ୍ରତିଷ୍ଠାନର ଛାତ୍ରଛାତ୍ରୀ, ଅଧିବାସୀ ଏବଂ ସୁରକ୍ଷା କର୍ମୀଙ୍କ ପାଇଁ ଶନିବାର ସିପିଆର ମାଧ୍ୟମରେ ବେସିକ୍ ଲାଇଫ୍ ସପୋର୍ଟ୍ ଉପରେ ଏକ କର୍ମଶାଳା ଆୟୋଜିତ ହୋଇଥିଲା। ହଠାତ୍ କାର୍ଡିଆକ୍ ଆରେଷ୍ଟ୍ ହେମୋଡାଇନାମିକ୍ ପତନ ସହିତ ହୃଦ୍ ର ଯାନ୍ତ୍ରିକ କାର୍ଯ୍ୟକଳାପକୁ ହଠାତ୍ ବନ୍ଦ କରିବାକୁ ବୁଝାଏ। ପ୍ରାୟ ୮୫% ଏସସିଏ ର ଉଦାହରଣ ଘରେ କିମ୍ବା କର୍ମକ୍ଷେତ୍ରରେ ଘଟିଥାଏ ଯେଉଁଥିରେ କି ୧୦% ରୁ କମ୍ ବଂଚିବାର ହାର ରିପୋର୍ଟ କରାଯାଇଛି। ମାତ୍ର, ଯଦି କାର୍ଡିଓପୁଲମୋନାରୀ ରିସସିଟେସନ୍ (ସିପିଆର) ଜଣେ ବାଇଷ୍ଟାଣ୍ଡର୍ କିମ୍ବା ଜରୁରୀକାଳୀନ ମେଡିକାଲ୍ ସର୍ଭିସେସ୍ ଦ୍ୱାରା ପ୍ରାରମ୍ଭ ହୁଏ ତେବେ ବଂଚିବା ଦ୍ୱିଗୁଣିତ କିମ୍ବା ତିନିଗୁଣ ହୋଇପାରେ। ଭାରତରେ ଜରୁରୀକାଳୀନ ମେଡିକାଲ୍ ସର୍ଭିସେସର ଘନତା, ଟ୍ରାଫିକ୍ ସମସ୍ୟା ଏବଂ ବୃହତ ଜନସଂଖ୍ୟା ପ୍ରାରମ୍ଭିକ ସିପିଆର ମିଳିବାରେ ପ୍ରତିବନ୍ଧକ ସାଜିଥାଏ। ପୀଡିତ ବ୍ୟକ୍ତିର ମସ୍ତିଷ୍କ ୬ ମିନିଟର ହୃଦ୍ ଘାତ ପରେ ଅପରିବର୍ତନୀୟ ଭାବେ କ୍ଷତିଗ୍ରସ୍ତ ହୁଏ। ଆମେରିକୀୟ ହାର୍ଟ ଆସୋସିଏସନର ଆଡଭାନ୍ସଡ କାର୍ଡିଆକ୍ ଲାଇଫ୍ ସପୋର୍ଟର ଇନଷ୍ଟ୍ରକ୍ଟର ଭାବେ ସ୍ୱୀକୃତିପ୍ରାପ୍ତ ଡାକ୍ତରମାନେ ଏହି ହ୍ୟାଣ୍ଡସ-ଅନ୍ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ପ୍ରାୟ ୨୫୦ ଅଂଶଗ୍ରହଣକାରୀ କର୍ମଶାଳାର ଲାଭ ଉଠାଇଥିଲେ। କ୍ରିଟିକାଲ କେୟାର ଟିମ୍ ସହିତ କିମ୍ସ ହସ୍ପିଟାଲ୍, ଭୁବନେଶ୍ୱରର ସିନିୟର କନ୍ସଲଟାଂଟ କାର୍ଡିଆକ୍ ଆନାସ୍ଥେସିଆ ଡକ୍ଟର ଅଶୋକ କୁମାର ବଡ଼ମାଲି ଏବଂ ଡିଜିଏମ୍ ମାର୍କେଟିଂ, କିମ୍ସ ଦେବାଶିଷ ମହାନ୍ତି ଏହି କର୍ମଶାଳାର ପରିଚାଳନା କରିଥିଲେ। ଆଇଆଇଟି ଭୁବନେଶ୍ୱରର ପକ୍ଷରୁ ପ୍ରଫେସର-ଇନ୍-ଚାର୍ଜ, ସ୍ୱାସ୍ଥ୍ୟସେବା, ଆର.ଏସ. ଦାଶ, ଏନଏସଏସ ସଂଯୋଜକ ଡକ୍ଟର ଶିବାୟା ବାଥୁଲା, ଏବଂ ବରିଷ୍ଠ ଚିକିତ୍ସା ଅଧିକାରୀ ଡକ୍ଟର ଏମ.ଏ. ଖାନ୍ ତାଙ୍କ ଟିମ୍ ସହିତ ଉପସ୍ଥିତ ଥିଲେ।

# ୟୁନିଟ-୧ ମାର୍କେଟରେ ଚଢ଼ାଉ

**ଭୁବନେଶ୍ୱର,୧୧।୮ (ମହାଭାରତ):** ଆଳୁ ଦରକୁ ଦୃଷ୍ଟିରେ ରଖି ଶନିବାର ଯୋଗାଣ ବିଭାଗର ପକ୍ଷରୁ ଭୁବନେଶ୍ୱର ୟୁନିଟ-୧ ମାର୍କେଟରେ ଚଢ଼ାଉ କରାଯାଇଛି। ଚଢାଉ ବେଳେ ଅଧିକାରୀମାନେ ସରକାର ଧାର୍ଯ୍ୟ କରିଥିବା



ଦାମ୍ରେ ଆଳୁ ବିକିବାକୁ କଡ଼ା ନିର୍ଦ୍ଦେଶ ଦେଇଛନ୍ତି। ଏପରିକି ଆଳୁ କିଲୋ ପିଛା ୩୨ରୁ ୩୫ ଟଙ୍କାରେ ବିକିବାକୁ ଦୋକାନୀଙ୍କୁ କୁହାଯାଇଛି। ସରକାର ଧାର୍ଯ୍ୟ କରିଥିବା ଦାମରୁ ଅଧିକ ଟଙ୍କାରେ ଆଳୁ ବିକିକଲେ ଆଇନ ଅନୁଯାୟୀ କାର୍ଯ୍ୟନୁଷ୍ଠାନ ଗ୍ରହଣ କରାଯିବ ବୋଲି ବିଭାଗୀୟ ଅଧିକାରୀମାନେ କଡ଼ା ଚେତାବନୀ ଦେଇଛନ୍ତି।

ଏପରିକି ଏ ରାଜଧାନୀ ବାସିନ୍ଦା ୩ କେଜି ଆଳୁ ୧୦୦ ଟଙ୍କାରେ ପାଇବେ। ପରିବାର ପିଛା ୩ କିଲୋ ଆଳୁ ଯୋଗାଇ ଦେବାକୁ ରାଜ୍ୟ ସରକାର ବଡ଼ ପଦକ୍ଷେପ ନେଇଛନ୍ତି। ଏନେଇ ଭୁବନେଶ୍ୱର ଅତିରିକ୍ତ ଜିଲାପାଳଙ୍କ ଅଫିସ ନିକଟରେ ରାଜଧାନୀର ପ୍ରାୟ ୧୦୦ ଡିଲରଙ୍କୁ ଯୋଗାଣ ବିଭାଗ ଆଳୁ ଯୋଗାଇ ଦେଇଛି। ଶୁକ୍ରବାର ରାଜ୍ୟ ସରକାରଙ୍କ ବଡ଼ ଘୋଷଣା କରି କହିଥିଲେ, ଏଣିକି ୩୦ଟଙ୍କାରେ କେଜିଏ ଆଳୁ ଦିଆଯିବ। ଏ ନେଇ ଦିଲ୍ଲୀରୁ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ସୂଚନା ଦେଇଥିଲେ। ମନ୍ତ୍ରୀ କହିଥିଲେ, ଆଲୋଚନା ସତ୍ତ୍ୱେ ପଶ୍ଚିମବଙ୍ଗରୁ ଆଳୁ ଆସିପାରୁନାହିଁ। ତେଣୁ ରାଜ୍ୟ ସରକାର ନାଫେଡ୍ ଜରିଆରେ ଆଳୁ ଆଣିବେ। ଉଚ୍ଚା ଦରରେ କିଣିଲେ ବି ଲୋକଙ୍କୁ ୩୦ ଟଙ୍କାରେ ଆଳୁ ଯୋଗାଇ ଦିଆଯିବ ବୋଲି ମନ୍ତ୍ରୀ ପ୍ରକାଶ କରିଥିଲେ।

# ଦିନ ମଜୁରିଆଙ୍କ ଶବ ସଂସ୍କାର କଲା ଜୟ ଓଡ଼ିଶା

**ଭୁବନେଶ୍ୱର,୧୧।୮ (ମହାଭାରତ):** ଭୁବନେଶ୍ୱରର ନୟାପଲ୍ଲି ସ୍ଥିତ ନୂଆସାହିର ବାସିନ୍ଦା ସ୍ୱର୍ଗତଃ ଆର୍ ସୋମନାଥଙ୍କ ପାର୍ଥିବ ଶରୀର ସ୍ଥାନାନ୍ତରଣରେ ସହଯୋଗର ହାତ ବଢାଇଛନ୍ତି ଅଗ୍ରଣୀ ସମାଜସେବୀ ସଂଘ ଜୟ ଓଡ଼ିଶା। ଆର୍ ସୋମନାଥ ଥିଲେ ପେସାରେ ଜଣେ ଦିନ ମଜୁରିଆ ତଥା ତାଙ୍କ ପୁତ୍ର ରାସ୍ତାକଡ଼ରେ ମୋଚି ଭାବେ କାମ କରି ପରିବାର ପ୍ରତିପୋଷଣ କରୁଥିଲେ। ସୋମନାଥ ପୂର୍ବରୁ ଟିବି ରୋଗରେ ଆକ୍ରାନ୍ତ ଥିବାବେଳେ ଆଜି ସକାଳେ ତାଙ୍କର ଅକାଳ ବିୟୋଗ



ଘଟିଥିଲା। ଆର୍ଥିକ ପରିସ୍ଥିତି ଠିକ୍ ନଥିବାରୁ ତାଙ୍କ ସହଯୋଗ ନିମନ୍ତେ ଅଞ୍ଚଳର ଜଣେ ସମାଜସେବୀ ଦେବବ୍ରତ ମହାନ୍ତି ଜୟ ଓଡ଼ିଶାର ସଭାପତି ରୁଦ୍ର ସାମନ୍ତରାୟଙ୍କୁ ଯୋଗାଯୋଗ କରିଥିଲେ। ଶ୍ରୀ ସାମନ୍ତରାୟ ସଙ୍ଗେ ସଙ୍ଗେ ତାଙ୍କ ଦ୍ୱାରା ପରିଚାଳିତ ଜୟ ଓଡ଼ିଶାର ଶେଷସାଥୀ ସ୍ୱର୍ଗରଥ ବ୍ୟବସ୍ଥା କରାଇ ସୋମନାଥଙ୍କ ମୃତ ଶରୀରକୁ ତାଙ୍କ ବାସଭବନରୁ ଶ୍ମଶାନକୁ ନେବାରେ ସାହାର୍ଯ୍ୟ କରିଥିଲେ। ଏହାସହ ରୁଦ୍ର ତାଙ୍କ ବାସଭବନକୁ ଯାଇ ପାର୍ଥିବ ଶରୀରର ଶେଷଦର୍ଶନ କରିଥିଲେ ଓ ତାଙ୍କ ପୁତ୍ରଙ୍କୁ ଭେଟି ସମବେଦନା ଜଣାଇଥିଲେ। ସମ୍ପୂର୍ଣ୍ଣ ଶେଷକୃତ୍ୟ କାର୍ଯ୍ୟ ସମୟରେ ୱାର୍ଡ ନଂ ୩୯ର କର୍ପୋରେଟର ବିଷ୍ଣୁ ପ୍ରସାଦ ସାହୁ ଶ୍ମଶାନରେ ଉପସ୍ଥିତ ରହି ସମସ୍ତ ସହଯୋଗ କରିଥିଲେ। ଜୟ ଓଡ଼ିଶା ଦ୍ୱାରା ପରିଚାଳିତ ଏହି ସ୍ୱର୍ଗରଥ ଭୁବନେଶ୍ୱରର ଯେକୌଣସି ଅଞ୍ଚଳରୁ ସତ୍ୟନଗର ପର୍ଯ୍ୟନ୍ତ ନିଶୁଳ୍କ ସେବା ଯୋଗାଉଛି ଓ ଏହି ସେବା ଉପଲବ୍ଧ କରିବା ନିମନ୍ତେ ୯୮୫୩୨୨୦୦୨୩ ନମ୍ବରରେ ଯୋଗାଯୋଗ କରିବାକୁ ହୁଏ।

# ବିଦ୍ୟାଳୟ ପରିଚାଳନା ଓ ଉନ୍ନୟନ କମିଟି ବୈଠକ

**ଭୁବନେଶ୍ୱର,୧୧।୮ (ମହାଭାରତ):** ରାଜ୍ୟର ସରକାରୀ ଓ ସରକାରୀ ଅନୁଦାନପ୍ରାପ୍ତ ସମସ୍ତ ବିଦ୍ୟାଳୟରେ ୨୦୨୪-୨୫ ଶିକ୍ଷାବର୍ଷର ଦ୍ୱିତୀୟ



ଅଭିଭାବକ-ଶିକ୍ଷକ ଓ ବିଦ୍ୟାଳୟ ପରିଚାଳନା କମିଟି ବୈଠକ (ଏସଏମସି) / ବିଦ୍ୟାଳୟ ପରିଚାଳନା ଓ ଉନ୍ନୟନ କମିଟି ବୈଠକ (ଏସ୍ଏମ୍ଡ଼ିସି) ଶନିବାର ଅନୁଷ୍ଠିତ ହୋଇଯାଇଛି। ଏହି ଆଲୋଚନାରେ ସମସ୍ତ ସଭ୍ୟ ଓ ଅଭିଭାବକ ଯୋଗ ଦେଇଥିଲେ। ଆଜିର ବୈଠକରେ ବିଦ୍ୟାଳୟରେ ଛାତ୍ରଛାତ୍ରୀମାନଙ୍କ ନିରାପତା ବ୍ୟବସ୍ଥା, ଅନଲାଇନ୍ ସୁରକ୍ଷା ଓ ସାଇବର ସଚେତନତା, ସ୍ୱଚ୍ଛତା ପକ୍ଷ ପାଳନ, ସୁରଭି-୨୦୨୪, ବିଦ୍ୟାଳୟର ୟୁଥ୍ ଏବଂ ଇକୋ କ୍ଲବ୍ ଗଠନ, ଛାତ୍ରଛାତ୍ରୀମାନଙ୍କୁ ବୟସ ଅନୁଯାୟୀ ଉପଯୁକ୍ତ ଶ୍ରେଣୀରେ ନାମ ଲେଖାଇବା ଓ ନିୟମିତ ଭାବରେ ଶିକ୍ଷା ସମାପ୍ତିକୁ ସୁନିଶ୍ଚିତ କରିବା, ବେଟି ବଚାଓ ବେଟି ପଢ଼ାଓ, କୈଶୋର ଛାତ୍ରୀମାନଙ୍କ ପାଇଁ ଇନସିନେରେଟର ଓ ଭେଣ୍ଡିଂ ମେସିନର ବ୍ୟବସ୍ଥା ଉପରେ ଆଲୋଚନା କରାଯାଇଥିଲା। ବୈଠକରେ ସରକାରଙ୍କ ପକ୍ଷରୁ ବିଦ୍ୟାଳୟ ଶିକ୍ଷାର ବିକାଶ ପାଇଁ ନିଆଯାଇଥିବା ବିଭିନ୍ନ ପଦକ୍ଷେପଗୁଡ଼ିକ ଉପରେ ଆଲୋଚନା କରାଯାଇଥିଲା। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ବିଭିନ୍ନ ପଦାଧିକାରୀମାନେ ଏହି କାର୍ଯ୍ୟକ୍ରମରେ ଯୋଗଦାନ କରି ବିଦ୍ୟାଳୟ ପରିଦର୍ଶନ କରିଥିଲେ।

# ସମ୍ରେ ଏସ୍ଏମ୍ଏ ଆକ୍ୟୁଟ୍ ଥ୍ରୋମ୍ବୋସିସ୍ ପୀଡ଼ିତ ରୋଗୀଙ୍କ ସଫଳ ଚିକିତ୍ସା

**ଭୁବନେଶ୍ୱର,୧୧।୮ (ମହାଭାରତ):** ଅନ୍ତନଳୀରେ ଜଟିଳ ସମସ୍ୟା ସହ ସୁପିରିୟର୍ ମେସେନଟେରିକ୍ ଆର୍ଟେରୀ (ଏସ୍ଏମ୍ଏ) ବ୍ୟାଧିରେ ପୀଡ଼ିତ ଥିବା ଜଣେ ୪୩ ବର୍ଷୀୟ ରୋଗୀଙ୍କର ସମ୍ ଅଲ୍ଟିମେଟ ମେଡିକେୟାରରେ ସଫଳ ଚିକିତ୍ସା କରାଯାଇଛି। କଟକରୁ ଆସିଥିବା ଏହି ରୋଗୀ ଜଣକ ସମ୍ସମ୍ରେ ପହଂଚିବା ପରେ ତାଙ୍କର ସେପ୍ସିସ୍ ଓ ସବ୍-ଆକ୍ୟୁଟ୍ ଇନ୍ଟେଷ୍ଟାଇନାଲ୍ ଅବ୍ଷ୍ଟ୍ରକ୍ସନ୍ ଦେଖାଦେବା ସହ ତଳି ପେଟରେ ଜଳୀୟ ଅଂଶ ସଂଗୃହୀତ ହୋଇଥିବା ଜଣାପଡ଼ିଥିଲା। ତାଙ୍କୁ ହସ୍ପିଟାଲ୍ର ଇନ୍ଟରଭେନ୍ସନାଲ ରେଡିଓଲୋଜି ବିଭାଗର ଆସୋସିଏଟ୍ କନ୍ସଲ୍ଟାଂଟ ଡାକ୍ତର ସମ୍ମିତ କୁମାର ପଟ୍ଟନାୟକଙ୍କ ଅଧୀନରେ ଭର୍ତି କରାଯାଇଥିଲା। ରୋଗୀ ଜଣଙ୍କୁ ତୁରନ୍ତ ଆଇସିୟୁକୁ ନିଆଯାଇ ସିଟି ଆନ୍ଜିଓଗ୍ରାମ୍ ପରୀକ୍ଷା ପରେ ତାଙ୍କ ଶରୀରରେ ଏସ୍ଏମ୍ଏ ଆକ୍ୟୁଟ୍ ଥ୍ରମ୍ବୋସିସ୍ ଓ ଆକ୍ୟୁଟ୍ ମେସେନ୍ଟେରିକ୍ ଇଷ୍କେମିଆ ଚିହ୍ନଟ



ହୋଇଥିଲା ବୋଲି ଡାକ୍ତର ପଟ୍ଟନାୟକ କହିଥିଲେ। ପ୍ରାଥମିକ ପର୍ଯ୍ୟାୟରେ ରୋଗୀ ଜଣଙ୍କୁ କ୍ୟାଥଲ୍ୟାବ୍ରେ ମିନିମାଲି ଇନ୍ଭେସିଭ୍ ଇମେଜ୍ ପରିଚାଳିତ ଅସ୍ତ୍ରୋପଚାର କରାଯାଇଥିଲା। ତାଙ୍କର ବାମପଟ ଆର୍ଟେରୀରେ ଏକ ଛୋଟ ପିନ୍ ଆକାରର ଛିଦ୍ର କରାଯାଇ ଛୋଟଛୋଟ କ୍ୟାଥେଟର ଏବଂ ୱେୟାର ଦ୍ୱାରା ଫାର୍ମାକୋ -ମେକାନିକାଲ୍ ଥ୍ରୋମ୍ବେକ୍ଟୋମି ପ୍ରକ୍ରିୟାରେ ଜମାଟ ବାନ୍ଧିଥିବା ଅଂଶଗୁଡ଼ିକୁ ବାହାର କରାଯାଇଥିଲା। ଏହା ପରେ ରୋଗୀଙ୍କୁ ଜରୁରୀ ଏକ୍ସପ୍ଲୋରେଟୋରୀ ଲାପାରୋଟୋମି ଅସ୍ତ୍ରୋପଚାର ପାଇଁ ଅପରେସନ୍ ଥିଏଟରକୁ ନିଆଯାଇଥିଲା। ଅସ୍ତ୍ରୋପଚାର ସମୟରେ ୩୦ ରୁ ୪୦ ପ୍ରତିଶତ ଅନ୍ତନଳୀ ନଷ୍ଟ ହୋଇଯାଇଥିବା ବେଳେ ଅନ୍ୟଗୁଡ଼ିକ ଠିକ୍ ଭାବେ କାର୍ଯ୍ୟ କରୁଥିଲା ବୋଲି ସେ କହିଛନ୍ତି। ଜରୁରୀ ଅସ୍ତ୍ରୋପଚାର କରି ନଥିଲେ ଏହା ଅନ୍ତନଳୀକୁ ସମ୍ପୂର୍ଣ୍ଣ ନଷ୍ଟ କରିଦେଇଥାନ୍ତା ବୋଲି ଡାକ୍ତର ପଟ୍ଟନାୟକ କହିବା ସହ ଏସ୍ଏମ୍ଏ ଥ୍ରୋମ୍ବୋସିସ୍ ଏକ ଜଟିଳ ସମସ୍ୟା ଏବଂ ଏ କ୍ଷେତ୍ରରେ ଠିକ୍ ଭାବେ ଚିକିତ୍ସା କରା ନଗଲେ ୮୦ ରୁ ୯୦ ପ୍ରତିଶତ ଲୋକଙ୍କ ମୃତ୍ୟୁ ହୋଇଥାଏ ବୋଲି କହିଛନ୍ତି। ସେପ୍ସିସ୍ ସମସ୍ୟା କମିବା ପରେ ରୋଗୀଙ୍କୁ ଆଇସିୟୁରୁ ୱାର୍ଡକୁ ଅଣାଯାଇଥିଲା ଏବଂ ପରବର୍ତୀ ସମୟରେ ତାଙ୍କୁ ହସ୍ପିଟାଲ୍ରୁ ଡିସ୍ଚାର୍ଜ କରାଯାଇଥିଲା ବୋଲ ଡାକ୍ତର ପଟ୍ଟନାୟକ କହିଛନ୍ତି।

# ଗାଙ୍ଗୋତ୍ରୀ ନଗର ରାସ୍ତା ଅବସ୍ଥା ଶୋଚନୀୟ

**ଭୁବନେଶ୍ୱର,୧୧।୮ (ମହାଭାରତ):** ଭୁବନେଶ୍ୱର ଉପକଣ୍ଠ ଲିଙ୍ଗିପୁର ପଂଚାୟତ ଅଧିନସ୍ଥ ଗାଙ୍ଗୋତ୍ରୀ ନଗର ଲେନ୍ ନଂ-୩ର ସମ୍ପୂର୍ଣ୍ଣ ରାସ୍ତା ବିପର୍ଯ୍ୟାସ୍ତ ଓ ବିପଦପୂର୍ଣ୍ଣ ହୋଇପଡିଛି। ରାସ୍ତାଗୁଡିକ ତିଆରି ପାଇଁ ଗ୍ରାମ୍ୟ ଉନ୍ନୟନ ବିଭାଗ ଯନ୍ତ୍ରୀଙ୍କୁ କହିଥିଲେ ମଧ୍ୟ ହାରାହାରି ୪କୋଟି ସରକାର ଅନୁଦାନ ଦୀର୍ଘଦିନ ହେଲା ଆସିଥିବାବେଳେ ଉନ୍ନୟନ କାମ ଠପ୍। ନାମକୁ ମାତ୍ର କିଛି କିଛି ଡ୍ରେନ ସଫା କରି ରାସ୍ତା କାମ ନକରି ଅର୍ଥ ଆତ୍ମସାତ୍ କରିବା ପାଇଁ ଯୋଜନା ହେଉଛି ସନ୍ଦେହ ଉପୁଜିଛି ବୋଲି ଏଠାକାର ଜନସାଧାରଣ କୁହାକୁହି ହେଉଥିବା ଶୁଣିବାକୁ ମିଳୁଛି। ଏଠାରେ ଉଲ୍ଲେଖନୀୟ ଯେ ଅଳ୍ପ କିଛି ଦିନ ତଳେ ଡ୍ରେନ ସଫା କରିବା ଓ ରାସ୍ତା ଉନ୍ନତିକରଣ ପାଇଁ ଅର୍ଥ ଅନୁଦାନ ଆସିଥିଲା କିନ୍ତୁ ନାମକୁ ମାତ୍ର କିଛି ଡ୍ରେନ ସଫା କରି ତାର ଫଟୋ ଉଠାଇ



ଅଫିସରେ ଦାଖଲ କରି ଚଂଚକତା ପୂର୍ବକ ଠିକାଦାର ବିଲ୍ କରିନେଇଥିବା ଶୁଣିବାକୁ ମିଳୁଛି। ଏଠାରେ ଆଲୋଚନା ହେଉଛି ଯେ ୧୦ବର୍ଷ ତଳୁ ଯେଉଁ ବ୍ୟକ୍ତି ଏଠି କନଷ୍ଟ ଯନ୍ତ୍ରୀ ଥିଲେ ବର୍ତମାନ ସେହି ବାବୁ ସେଠାରେ ସହକାରୀ ଯନ୍ତ୍ରୀ ଭାବେ କାର୍ଯ୍ୟରତ। ତେଣୁ ଭଲ ଭାବେ ଜଣା ସମସ୍ତ ବିଷୟରେ। ଏସବୁ ଘଟଣାର ଆବଶ୍ୟକ ତଦନ୍ତ ଜରୁରୀ ବୋଲି ଦାବୀ ହେଉଛି। ଏ ବିଷୟରେ ଏଠାକାର ଜନସାଧାରଣ ସହକାରୀ ଯନ୍ତ୍ରୀଙ୍କୁ ଟେଲିଫୋନ୍ ମାଧ୍ୟମରେ ଓ ବ୍ୟକ୍ତିଗତ ଭାବେ ତାଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ ସେ ଏହାକୁ ହାଲକା ଫୁଲକା ଭାବେ ନେଇ କହିଲେ ଦେଖିବା ଦେଖିବା ଏହା ହେଉଛି ୩ମାସ ତଳର ଖବର। ବର୍ତମାନ ନୂଆ ସରକାର ଆସିଥିବା ହେତୁ ଏଠାକାର ଜନସାଧାରଣ ଆଶାପୋଷଣ କରିଛନ୍ତି ଯେ ସରକାର ଏହା ଉପରେ ନିଶ୍ଚିତ ଧ୍ୟାନ ଦେଇ ଗାଙ୍ଗୋତ୍ରୀ ନଗର ରୋଡ ନଂ-୧,୨, ୩ର ବିପର୍ଯ୍ୟାୟ ପରିସ୍ଥିତିରୁ ଉଦ୍ଧାର କରିବେ ଏବଂ ସେହି ସହକାରୀ ଯନ୍ତ୍ରୀଙ୍କର କାର୍ଯ୍ୟକଳାପକୁ ଭିଜିଲାନ୍ସ ଦ୍ୱାରା ତଦନ୍ତ କଲେ ବହୁତ ରହସ୍ୟର ଗୁମର ଖୋଲିବ ବୋଲି ଅନୁମାନ କରାଯାଉଛି। ସର୍ବ ପ୍ରଥମେ ସେହି ସହକାରୀ ଯନ୍ତ୍ରୀଙ୍କୁ ବଦଳୀ କରାଯାଇ ତଦନ୍ତ କଲେ ଏହାର ନିରପେକ୍ଷ ତଦନ୍ତ ହେବ ଏବଂ ଜନସାଧାରଣ ନ୍ୟାୟ ପାଇପାରିବେ ଏବଂ ବର୍ତମାନ ସରକାରଙ୍କର ସୁନାମ ବଢିବ।

# ଜ୍ୟୋତିଷ ଶାସ୍ତ୍ରକୁ ବାଇକୋଳିଙ୍କ ଅବଦାନ ଅବିସ୍ମରଣୀୟ



**ଭୁବନେଶ୍ୱର,୧୧।୮ (ମହାଭାରତ):** ଜ୍ୟୋତିଷ ଶାସ୍ତ୍ରକୁ ବାଇକୋଳି ମହାପାତ୍ରଙ୍କ ଅବଦାନ ଅତୁଳନୀୟ ଓ ଅବସ୍କରଣୀୟ ବୋଲି ପୂଜ୍ୟପୂଜା ଓଡ଼ିଶାର ମାସିକ ଆଲୋଚନାଚକ୍ରରେ ମୁଖ୍ୟଅତିଥି ଭାବେ ଯୋଗଦାନ କରି ପ୍ରଫେସର ଡାକ୍ତର ଅଶୋକ କୁମାର ମହାପାତ୍ର ବିଭିନ୍ନ ଉଦାହରଣ ପ୍ରଦାନ କରି ମତବ୍ୟକ୍ତ କରିଛନ୍ତି। ବିରଜା ପ୍ରସାଦ ଶତପଥୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ବକ୍ତାଭାବେ ହିମାଂଶୁ ଶେଖର ମହାପାତ୍ର ଯୋଗଦାନ କରି ବାଇକୋଳିଙ୍କ ପାରିବାରିକ ଜୀବନ, ସାମାଜିକ ଓ ସାଂସ୍କୃତିକ ଜୀବନ ଉପରେ ସୁବିସ୍ତୃତ ଆଲୋଚନା କରି ସମସ୍ତ ପ୍ରତିକୂଳତା ସତ୍ତ୍ୱେ କିପରି ଜ୍ୟୋତିଷ ଶାସ୍ତ୍ର ଦ୍ୱାରା ଅନୁକୂଳ ପରିସ୍ଥିତି ସୃଷ୍ଟି କରିପାରୁଥିଲେ ତାହା ବିଶଦଭାବେ ବର୍ଣ୍ଣନା କରିଥିଲେ।

ପ୍ରାରମ୍ଭରେ ସଂପାଦକ ରମାକାନ୍ତ ମିଶ୍ର ସ୍ୱାଗତ ଭାଷଣ ପ୍ରଦାନ କରିବା ସହିତ ବାଇକୋଳି ମହାପାତ୍ରଙ୍କ ସ୍ମୃତିରକ୍ଷା ପାଇଁ ରାଜ୍ୟ ସରକାର ବିଭିନ୍ନ ସମୟରେ ଜ୍ୟୋତିଷ ଆଲୋଚନାଚକ୍ର ଆଦି କରିବା ସହ ରାଜଧାନୀର କୌଣସି ରାସ୍ତାକୁ ବାଇକୋଳି ମହାପାତ୍ର ମାର୍ଗ ଭାବେ ନାମିତ କରିବାକୁ ପ୍ରସ୍ତାବ ଆଗତ କରିଥିଲେ। ତାରେଶ୍ୱର ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଆଲୋଚନା ଚକ୍ରରେ ବହୁ ସାହିତ୍ୟକ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ।


ମହାଭାରତ
# ସାରାଂଶ
ଚଳନ୍ତି ସମୟର ଅବଶିଷ୍ଟାଂଶ

ସୋମବାର, ୧୨ ଅଗଷ୍ଟ, ୨୦୨୪


## ଶ୍ରୀଲଙ୍କା ରାସ୍ତାରେ ବାଂଲାଦେଶ

ବାଂଲାଦେଶରେ ସଂରକ୍ଷଣ ପ୍ରସଙ୍ଗକୁ ନେଇ ଛାତ୍ର ଆନ୍ଦୋଳନ ହିଂସାତ୍ମକ ରୂପ ନେଇଛି । ପ୍ରଥମେ ଢାକା ବିଶ୍ୱବିଦ୍ୟାଳୟରୁ ଏହି ଆନ୍ଦୋଳନ ଆରମ୍ଭ ହୋଇଥିଲା । ପରେ ଏହା ଦେଶର ଅନ୍ୟାନ୍ୟ ଅଞ୍ଚଳକୁ ବ୍ୟାପିଲାଣି । ପରିସ୍ଥିତି ଏପରି ହୋଇଛି ଯେ, ସ୍ଥିତି ନିୟନ୍ତ୍ରଣ କରିବାକୁ ଯାଇ ସାରା ଦେଶରେ କର୍ଫ୍ୟୁ ଜାରି କରାଯାଇଛି ଏବଂ ହିଂସା ନିୟନ୍ତ୍ରଣ ନିମନ୍ତେ ସେନା ମୁତୟନ କରିବାକୁ ପଡ଼ିଛି । ବିରୋଧୀ ଦଳ ପରିସ୍ଥିତିରୁ ଫାଇଦା ହାସଲ କରିବାକୁ ଉଦ୍ୟମ କରୁଛନ୍ତି ଏବଂ ପ୍ରଧାନମନ୍ତ୍ରୀ ଶେଖ ହାସିନାଙ୍କ ଇସ୍ତଫା ଦାବି କରିଛନ୍ତି । ସରକାର ଆନ୍ଦୋଳନକାରୀ ଛାତ୍ରମାନଙ୍କୁ ଆଲୋଚନା ନିମନ୍ତେ ଡାକିଛନ୍ତି । କିନ୍ତୁ ସଂରକ୍ଷଣ ବିରୋଧୀ ଛାତ୍ରମାନେ ଏହାକୁ ଅଗ୍ରାହ୍ୟ କରିଛନ୍ତି ଏବଂ ଆଉ ଆଲୋଚନାର ସମୟ ନାହିଁ ବୋଲି କହିଛନ୍ତି । ଆନ୍ଦୋଳନକାରୀ ଛାତ୍ରମାନଙ୍କ ଅଭିଯୋଗ ହେଲା ସରକାରୀ ସ୍ତରରେ ଉଚ୍ଚ ପଦପଦବୀ ବିଶେଷକରି ସିଭିଲ ସର୍ଭିସେସରେ ସଂରକ୍ଷଣ ବ୍ୟବସ୍ଥା ଯୋଗୁ ଅନେକ ମେଧାବୀ ଏବଂ ନିଷ୍ଠାପର ଛାତ୍ରଛାତ୍ରୀ ଅନ୍ୟାୟର ଶୀକାର ହେଉଛନ୍ତି । ତେଣୁ ଉଚ୍ଚ ସ୍ତରରେ ଅନ୍ତତଃପକ୍ଷେ ସଂରକ୍ଷଣ ବ୍ୟବସ୍ଥା ପ୍ରତ୍ୟାହାର କରାଯାଉ ଏବଂ କେବଳ ମେଧା ଆଧାରରେ ଚୟନ କରାଯାଉ । ଏହି ଦାବିର ଯଥାର୍ଥତା ରହିଛି । ଭାରତରେ ମଧ୍ୟ ସମାନ ସମସ୍ୟା । ଉଚ୍ଚ ଜାତିର ଗରିବ ମେଧାବୀ ପିଲାଟିଏ ୯୦ ପ୍ରତିଶତ ନମ୍ବର ରଖି ଯାହା ସଫଳତା ପାଉନାହିଁ, ତଥାକଥିତ ପଛୁଆ ବର୍ଗର ଛାତ୍ରଟିଏ ୫୦ ପ୍ରତିଶତ ନମ୍ବର ରଖି ସେହି ସଫଳତା ପାଇପାରୁଛି । ଏପରିକି ସେ ଧନୀ ପରିବାରର ପିଲା ହୋଇଥିଲେ ମଧ୍ୟ ତାଙ୍କପ୍ରତି ଅନୁକମ୍ପା ପ୍ରଦର୍ଶନ କରାଯାଉଛି । ବର୍ଷ ବର୍ଷ ଧରି ଏଭଳି ଅନ୍ୟାୟ ଚାଲିଥିବା ବେଳେ ଏବେ ଅସଂରକ୍ଷିତ ବର୍ଗର ଛାତ୍ରଛାତ୍ରୀମାନେ ସହିବାର ସୀମା ଅତିକ୍ରମ କରିଛନ୍ତି । ଭାରତରେ ଯେଉଁମାନେ ଜାତିର ଜନସଂଖ୍ୟା ଆଧାରରେ ସଂରକ୍ଷଣ ସୀମାକୁ ୫୦%ରୁ ଅଧିକ କରିବାକୁ ଏବଂ ଘରୋଇ କ୍ଷେତ୍ରରେ ଜାତି ଭିତ୍ତିକ ସଂରକ୍ଷଣ ବ୍ୟବସ୍ଥା ଲାଗୁ କରିବାକୁ ଦାବି କରୁଛନ୍ତି ସେମାନେ ଏହାର କୁପରିଣାମ ସମ୍ପର୍କରେ ଚିନ୍ତା କରିବା ଉଚିତ । ସେନା, ବିଚାରବିଭାଗ, ବୈଷୟିକ ଶିକ୍ଷା ବିଶେଷ କରି ମେଡିକାଲ ଶିକ୍ଷା, ସିଭିଲ ସର୍ଭିସେସରେ ଜାତି ଭିତ୍ତିକ ସଂରକ୍ଷଣ ବ୍ୟବସ୍ଥା ରହିବା ଅନୁଚିତ । କେବଳ ଯୋଗ୍ୟତା ଆଧାରରେ ମେଡିକାଲ କଲେଜରେ ଆଡମିଶନ ଏବଂ ଚାକିରୀରେ ନିଯୁକ୍ତି ବ୍ୟବସ୍ଥା ହେବା ଉଚିତ । ବାଂଲାଦେଶରେ ଆଜି ଯେଉଁ ହିଂସାର ବାତାବରଣ ସୃଷ୍ଟି ହୋଇଛି ତାହା କେବଳ ଶେଖ ହାସିନାଙ୍କ ପାଇଁ ଏକ ଆହ୍ୱାନ ନୁହେଁ, ଏହା ବାଂଲାଦେଶର ରାଜନୈତିକ, ସାମାଜିକ ଏବଂ ଆର୍ଥିକ ସ୍ଥିତିକୁ ପ୍ରଭାବିତ କରିବ । ଦକ୍ଷିଣ ଏସିଆରେ ଭାରତ ପରେ ଅର୍ଥନୈତିକ କ୍ଷେତ୍ରରେ ସବୁଠାରୁ ପ୍ରଗତିଶୀଳ ଦେଶ ହେଲା ବାଂଲାଦେଶ । ସେଠାରେ ରାଜନୈତିକ ଅସ୍ଥିରତା ଭାରତ ପାଇଁ ଚିନ୍ତାର ବିଷୟ । କାରଣ ବାଂଲାଦେଶରେ ଆଉ ଥରେ ସାମରିକ ଶାସନ ପ୍ରତିଷ୍ଠା ନହେଉ ଏହା ଭାରତ ଚାହେଁ । ଦ୍ୱିତୀୟରେ ବାଂଲାଦେଶକୁ ନିଜ ଜାଲରେ ପକାଇବାକୁ ଚୀନ ବରାବର ଉଦ୍ୟମ କରିଆସୁଛି । ବର୍ତ୍ତମାନର ଅସ୍ଥିରତା ଚୀନକୁ ସୁହାଇବ । ତେଣୁ ଶେଖ ହାସିନା ତୁରନ୍ତ ସମସ୍ୟାର ସମାଧାନ ଏବଂ ଶାନ୍ତି ପ୍ରତିଷ୍ଠା ନିମନ୍ତେ ଉଦ୍ୟମ କରିବା ଉଚିତ । ବାଂଲାଦେଶ ଭଳି ନେପାଳରେ ମଧ୍ୟ ରାଜନୈତିକ ଅସ୍ଥିରତା ସୃଷ୍ଟି ହୋଇଛି । ଆସ୍ଥା ଭୋଟରେ ହାରି ପ୍ରଧାନମନ୍ତ୍ରୀ ପଦରୁ ପ୍ରଚଣ୍ଡ ଇସ୍ତଫା ଦେଇଛନ୍ତି । କେ ପି ଶର୍ମା ଓଲି ପୁଣି କ୍ଷମତାକୁ ଫେରିଛନ୍ତି । ତାଙ୍କ ଶାସନ କାଳରେ ଚୀନ ନେପାଳ ଉପରେ ଏକରକମ କବଜା କରି ନେଇଥିଲା । ଓଲି ଜଣେ ଭାରତ ବିରୋଧୀ ନେତା । ସେତେବେଳେ ନେପାଳ ଏବଂ ଭାରତ ମଧ୍ୟରେ ତିକ୍ତତା ବଢ଼ିଯାଇଥିଲା । ଏବେ ପୁଣି ସେହି ପରିସ୍ଥିତି ସୃଷ୍ଟି ହୋଇପାରେ । ଅବଶ୍ୟ ଓଲି ମଧ୍ୟ ଏକ ମିଳିତ ସରକାରର ନେତୃତ୍ୱ ନେଇଛନ୍ତି ।

# କ୍ୟାନସରରୁ ଆରୋଗ୍ୟ ହୋଇପାରିବେ ପିଲା

॥ ଡାକ୍ତର ଜ୍ୟୋତିରଞ୍ଜନ ଚମ୍ପତିରାୟ ॥

> *ପିଲାମାନଙ୍କୁ କ୍ୟାନସର ସମୟରେ ବିଭିନ୍ନ ପ୍ରକାର ଚିକିତ୍ସା କରାଯାଏ । ସେଥିମଧ୍ୟରୁ ଗୋଟିଏ ହେଉଛି କେମୋ ଥେରାପି । ପିଲାଟିକୁ କେମୋ ଥେରାପିରେ ଆଣ୍ଟିକ୍ୟାନସର ଡ୍ରଗ୍ସ ଦିଆଯାଏ । ଯାହାକି ମାରାତ୍ମକ କ୍ୟାନସର କୋଷକୁ ନଷ୍ଟ କରେ । ମେରୁଦଣ୍ଡରେ କିମ୍ବା ସ୍ନାୟୁରେ ଏହି ଡ୍ରଗ୍ସ ଦିଆଯାଏ । କେତେକ କ୍ଷେତ୍ରରେ ପିଲାଟିର ପାଟିରେ ଏହା ଦିଆଯାଏ । ଏହା ସଠିକ ଭାବେ କାର୍ଯ୍ୟକଲେ ପିଲାଟି ରୋଗମୁକ୍ତର ସମ୍ଭାବନା ରହିଥାଏ ।*

ଜନ୍ମରୁ ଚଉଦ ବର୍ଷ ପର୍ଯ୍ୟନ୍ତ ପିଲାଙ୍କ ଠାରେ କ୍ୟାନସରର ଆଶଙ୍କା ଦିନକୁ ଦିନ ବଢୁଛି । ସେହିକ୍ରମରେ ଡାକ୍ତରୀ ବିଜ୍ଞାନ ମଧ ବୃଦ୍ଧି ପାଉଛି । ନିକଟରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ଏକ ତଥ୍ୟଭିତ୍ତିକ ରିପୋର୍ଟ ପ୍ରକାଶ ପାଇଛି ଯେଉଁଥିରେ ସୂଚିତ ହୋଇଛି ଯେ ପ୍ରତି ବର୍ଷ ବିଶ୍ୱରେ ୧ ଲକ୍ଷ ୫୦ ହଜାର କ୍ୟାନସର ପୀଡ଼ିତ ପିଲାଙ୍କ ଚିହ୍ନଟ ହୋଇଛି । ସେଥିମଧ୍ୟରୁ ୮୦ ପ୍ରତିଶତ ପିଲା ଚିକିତ୍ସା ଦ୍ୱାରା ସୁସ୍ଥ ଜୀବନଯାପନ କରିପାରୁଛନ୍ତି । ତେବେ ଆର୍ଥିକ ଅନଗ୍ରସର ପିଲା ଉପଯୁକ୍ତ ଚିକିତ୍ସାରୁ ବଞ୍ଚିତ ହୁଅନ୍ତି ଯାହାଦ୍ୱାରା ପାଖାପାଖି ୯୦ ପ୍ରତିଶତରୁ ଅଧିକ ପିଲା ମୃତ୍ୟୁମୁଖରେ ପଡ଼ନ୍ତି । ଭାରତରେ ପ୍ରତିବର୍ଷ ୫୦ ହଜାର ନୂଆ କ୍ୟାନସର ଶିଶୁରୋଗୀ ଚିହ୍ନଟ ହେଉଛନ୍ତି । ଏମାନେ ବିଭିନ୍ନ ଡାକ୍ତରଖାନାରେ ଚିକିତ୍ସା ହୋଇଥାନ୍ତି । ବିଶ୍ୱ ସ୍ୱାସ୍ଥ୍ୟସଂଗଠନ ପ୍ରତ୍ୟେକ କ୍ୟାନସର ପୀଡ଼ିତ ଶିଶୁ ଓ ବୟସ୍କଙ୍କୁ ସର୍ବୋତ୍ତମ ଓ ଆବଶ୍ୟକୀୟ ଚିକିତ୍ସା ଯୋଗାଇ ଦେବାପାଇଁ କାର୍ଯ୍ୟକ୍ରମ ହାତକୁ ନେଇଛି । କ୍ୟାନସର ଚିକିତ୍ସା ଓ ସଚେତନତା ବୃଦ୍ଧି ପାଇଁ ପ୍ରତିବର୍ଷ ୧୫ ଫେବୃଆରୀ ତାରିଖରେ ପିଲାଙ୍କ ପାଇଁ ଆନ୍ତର୍ଜାତିକ ଚାଇଲ୍ଡ ହୁଡ୍ କ୍ୟାନସର ଦିବସ ପାଳିତ ହେଉଛି । ବିଶ୍ୱ ସ୍ୱାସ୍ଥ୍ୟସଂଗଠନ ସହ କେତେକ ସାମାଜିକ ଓ ସେବାଭିମୁଖୀ ସଂଗଠନର ମିଳିତ ସହଯୋଗରେ ଲୋକଙ୍କ ମଧ୍ୟରେ ସଚେତନତା ବଢ଼ାଇବା, ଉତ୍ତମ ଚିକିତ୍ସା ଯୋଗାଇବା ଓ ପିଲାଙ୍କ ସହିତ ତାଙ୍କ ପରିବାରକୁ ଏ କ୍ଷେତ୍ରରେ ସହଯୋଗର ହାତ ବଢ଼ାଇବାର କାର୍ଯ୍ୟକ୍ରମର ସାମିଲ ହୋଇଛି । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ରିପୋର୍ଟ ମୁତାବକ ବର୍ଷକୁ ବର୍ଷ ପିଲାଙ୍କ ଠାରେ କ୍ୟାନସରର ସମସ୍ୟା ବଢ଼ିବାରେ ଲାଗିଛି । ଯାହାପାଇଁ ସଚେତନତା ନିହାତି ଜରୁରୀ । ପ୍ରାଥମିକ ଚିକିତ୍ସାରୁ ପିଲାଟି ସମ୍ପୂର୍ଣ୍ଣ ଭାବେ ସୁସ୍ଥ ହୋଇ ଅନ୍ୟ ମାନଙ୍କପରି ସାଧାରଣ ଜୀବନ ଯାପନ କରିପାରିବ ।

ସାଧାରଣରେ ପିଲାଙ୍କ ଠାରେ ଦେଖା ଦେଉଥିବା କ୍ୟାନସର ଗୁଡ଼ିକ ଭିତରେ ଯେଉଁ ପ୍ରକାର ଭେଦ ରହିଛି ତାହା ଆସନ୍ତୁ ଜାଣିବା । ଅଧିକ ଭାବରେ ପିଲା ବ୍ଲଡ଼ କ୍ୟାନସରରେ ଶିକାର ହୋଇଥାନ୍ତି ଯାହାକି ହ୍ୱାଇଟ ରକ୍ତଶ୍ୱେତକୁ ପ୍ରଭାବିତ କରିବା ସହ ଶରୀରର ବିଭିନ୍ନ ସୁସ୍ଥ କୋଷକୁ ଆକ୍ରାନ୍ତ କରିଥାଏ । ଅନ୍ୟ କୌଣସି ବଡ଼ ରୋଗ ହୋଇଥିବା ସମୟରେ ସଂକ୍ରମଣ ହେଲେ ଏହା ରୋଗ ପ୍ରତିରୋଧକ ଶକ୍ତି ଦୁର୍ବଳ ହେବାରୁ ଏହି କ୍ୟାନସର ହୋଇଥାଏ । ଏହାକୁ ଆକ୍ୟୁଟ ଲ୍ୟୁକେମିଆ ବା ବ୍ଲଡକ୍ୟାନସର କୁହାଯାଏ । ସେହିପରି ଦ୍ୱିତୀୟଟି ହେଉଛି ବ୍ରେନ୍ ଟ୍ୟୁମର । ଏହାଦ୍ୱାରା କ୍ୟାନସର ଜୀବାଣୁ ଅଧିକ ଭାବରେ ସକ୍ରିୟ ହୋଇ ସନ୍ନିକଟ କୋଷକୁ ପ୍ରଭାବିତ କରି ପିଲାଟିର ଜୀବନ ପ୍ରତି ସଂକଟ ସୃଷ୍ଟି କରିଥାଏ । ବୟସ୍କଙ୍କ ତୁଳନାରେ ଅଧିକ ଦେଖାଦେଉଥିବା କ୍ୟାନସର ହେଉଛି କିଡ଼ନୀ କ୍ୟାନସର । ତେବେ ଏହା ଖୁବ୍ କମ୍ ଭାବରେ ଦେଖାଯାଏ । ସେହିପରି ଛୋଟ ପିଲା ବା ପାଞ୍ଚ ବର୍ଷ ପର୍ଯ୍ୟନ୍ତ ପିଲାର ବୟସରେ ଦେଖାଯାଉଥିବା ଆଖିର ଟ୍ୟୁମର ଦ୍ୱାରା ଆଇ ଟ୍ୟୁମର କ୍ୟାନସର ଦେଖାଯାଏ । ଏହା ସହଜରେ ଚିକିତ୍ସା ହୋଇପାରେ । ତେବେ ସଠିକ ସମୟରେ ଚିକିତ୍ସା ନହୋଇପାରିଲେ ପିଲାଟିର ଅନ୍ୟ ସୁସ୍ଥ ଅଙ୍ଗକୁ ବ୍ୟାପି ଯାଏ ।

ପିଲାଟି କୌଣସି ରୋଗରେ ଦୀର୍ଘଦିନ ଧରି ଆକ୍ରାନ୍ତ ହେଲେ ସେ ତାର ରୋଗ ପ୍ରତିରୋଧକ ଶକ୍ତିକୁ ହରାଇଥାଏ । ଯାହାଦ୍ୱାରା ସଂକ୍ରମଣ ହୋଇ ବ୍ଲଡ଼ କ୍ୟାନସରର ଶିକାର ହୋଇଥାଏ । ସେହିପରି ପିଲାଟି କୌଣସି ରୋଗରେ ଅଧିକ ରାଡିଏସନ୍ ନେଇଥିଲେ ଏହି ରୋଗର ଆଶଙ୍କା ଦେଖାଯାଏ । ଏହାବ୍ୟତୀତ ଜେନେଟିକ୍ ମଧ ଅନ୍ୟ ଏକ କାରଣ । ଜନ୍ମ ସମୟରୁ ପିଲାଟି ମା’ ଜିନ୍‌ରୁ ଏହି ଜୀବାଣୁ ତା ଦେହରେ ଦେଖାଯାଏ । ପିଲାମାନଙ୍କର କ୍ୟାନସରର ପ୍ରାଥମିକ ଲକ୍ଷଣ ହେଉଛି ପିଲାଟି କୌଣସି କାରଣ ନଥାଇ ମଧ ଦୁଇ ସପ୍ତାହରୁ ଅଧିକ ଦିନ ଅସୁସ୍ଥ ରହିବା । ଶରୀରର କୌଣସି ଅଙ୍ଗରେ ଆବୁପରି ଦେଖାଯିବା । ତାର ଆଖି ଡୋଳାରେ ଧଳା ଚିହ୍ନ ମାଡିଯିବା ଓ ଅସୁସ୍ଥତା ବା ଥକ୍କା ଅନୁଭବ କରିବା । ପିଲାଟିକୁ ଜ୍ୱର ଲାଗିରହିବା ଓ ଉଦ୍‌ବେଗଜନକ ଭାବେ ଓଜନ କମିଯିବା ।

ପିଲାମାନଙ୍କୁ କ୍ୟାନସର ସମୟରେ ବିଭିନ୍ନ ପ୍ରକାର ଚିକିତ୍ସା କରାଯାଏ । ସେଥିମଧ୍ୟରୁ ଗୋଟିଏ ହେଉଛି କେମୋ ଥେରାପି । ପିଲାଟିକୁ କେମୋ ଥେରାପିରେ ଆଣ୍ଟିକ୍ୟାନସର ଡ୍ରଗ୍ସ ଦିଆଯାଏ । ଯାହାକି ମାରାତ୍ମକ କ୍ୟାନସର କୋଷକୁ ନଷ୍ଟ କରେ । ମେରୁଦଣ୍ଡରେ କିମ୍ବା ସ୍ନାୟୁରେ ଏହି ଡ୍ରଗ୍ସ ଦିଆଯାଏ । କେତେକ କ୍ଷେତ୍ରରେ ପିଲାଟିର ପାଟିରେ ଏହା ଦିଆଯାଏ । ଏହା ସଠିକ ଭାବେ କାର୍ଯ୍ୟକଲେ ପିଲାଟି ରୋଗମୁକ୍ତର ସମ୍ଭାବନା ରହିଥାଏ । ଏହାର ପାର୍ଶ୍ୱପ୍ରତିକ୍ରିୟାରେ କେତେକ କ୍ଷେତ୍ରରେ ପିଲାର ଚୁଟି ଉପୁଡିଯିବା ସହ ଯନ୍ତ୍ରଣା ପାଇଥାଏ । ବେଳେ ବେଳେ ତାହାର ଖପୁରୀ ସମ୍ବେଦନଶୀଳର ଶିକାର ହୋଇଥାଏ, ରକ୍ତହୀନତା ସହ ରକ୍ତ ଜମାଟ ବାନ୍ଧିଯାଏ ଓ ପରିସ୍ରାନଳୀ ମଧ ତାର ସଂକ୍ରମଣ ଶିକାର ପରି ସମସ୍ୟା ସମ୍ମୁଖୀନ ହୋଇଥାଏ । ତେବେ ଏହା ସମସ୍ତଙ୍କ କ୍ଷେତ୍ରରେ ଦେଖାଯାଇନଥାଏ । ଆଉ ଗୋଟିଏ ଚିକିତ୍ସା ପଦ୍ଧତି ହେଉଛି ରାଡ଼ିଏସନ୍ ଏକ୍ସରେ ମାଧମରେ ଚାପ ଦ୍ୱାରା ପିଲାଟିର ଟ୍ୟୁମରକୁ ଛୋଟ କରି ନଷ୍ଟ କରି ଦିଆଯାଇଥାଏ । ଏହା କେମୋ ଥେରାପି ଓ ଅସ୍ତ୍ରୋପଚାର ପୂର୍ବରୁ ଦିଆଯାଇଥାଏ । ରାଡ଼ିଏସନ୍ ଓ କେମୋ ଥେରାପି ଦ୍ୱାରା ପିଲାଟିର ସୁସ୍ଥ କୋଷ ଉପରେ କୌଣସି ପ୍ରଭାବ ପଡ଼ିନଥାଏ ଏହା କେବଳ କ୍ୟାନସର କୋଷକୁ ନଷ୍ଟ କରେ । ଏହାର ପାର୍ଶ୍ୱପ୍ରତିକ୍ରିୟାର ପ୍ରଭାବ କେମୋଥରାପି ଠାରୁ ବହୁତ କମ୍ ହେଲେ ଏହା ପିଲାର ଫୁସ୍‌ଫୁସ୍‌କୁ ସାମାନ୍ୟ ଭାବେ ଦୁର୍ବଳ କରେ । ସେହିପରି କେତେକ କ୍ଷେତ୍ରରେ ଅସ୍ତ୍ରପଚାର ଦ୍ୱାରା ପିଲାମାନଙ୍କର କ୍ୟାନସର ଚିକିତ୍ସା କରାଯାଏ । ପିଲାମାନଙ୍କ ଠାରେ ରକ୍ତକର୍କଟ ପ୍ରାୟତଃ ଦେଖାଯାଏ । ଏହା ବ୍ୟତୀତ ମସ୍ତିଷ୍କ କର୍କଟ, ଲିମ୍ଫୋମା, ବୃକକ୍‌ର କର୍କଟ, ରେଟିନୋବ୍ଲାଷ୍ଟୋମା ଓ ନ୍ୟୁରୋବ୍ଲାଷ୍ଟୋମା ମଧ ଶିଶୁମାନଙ୍କର ଅନ୍ୟତମ ପ୍ରମୁଖ କର୍କଟ ରୋଗ । ହେଲେ ଏସବୁ ଗୁଡ଼ିକ ଚିକିତ୍ସା ଦ୍ୱାରା ଆରୋଗ୍ୟର ସମ୍ଭାବନା ରହିଥାଏ । ସଠିକ୍ ସମୟରେ ଶିଶୁ ଠାରେ କର୍କଟ ଚିହ୍ନଟ ହେଲେ ଏହା ଚିକିତ୍ସା ଦ୍ୱାରା ଆରୋଗ୍ୟର ସମ୍ଭାବନା ରହିଥାଏ ।

ପିଲାମାନଙ୍କ ଠାରେ କ୍ୟାନସର କୋଷ ଅଧିକ ସକ୍ରିୟ ରହିଥାଏ । ହେଲେ ପ୍ରାଥମିକ ଓ ଉପଯୁକ୍ତ ଭାବେ ଚିକିତ୍ସା କରାଗଲେ ପିଲାଟି ଶୀଘ୍ର ରୋଗମୁକ୍ତ ହୋଇଥାଏ । ବଡ଼ମାନଙ୍କ କ୍ଷେତ୍ରରେ କ୍ରୋନିକ୍ ଲ୍ୟୁକିମିଆ ବା ଆସ୍ତେ ଆସ୍ତେ ପ୍ରଭାବ ଦେଖାଯାଉଥିବା ବ୍ଲଡ କ୍ୟାନସର ହେଉଥିବାବେଳେ ପିଲାମାନଙ୍କ ଠାରେ ଏକ୍ୟୁଟ୍ ଲ୍ୟୁକିମିଆ ବା ଅଧିକ ଗତିରେ ପ୍ରଭାବ ବିସ୍ତାର କରୁଥିବା ବ୍ଲଡ଼ କ୍ୟାନସର ହୋଇଥାଏ । ପିଲାମାନଙ୍କର ବ୍ଲଡ଼ କ୍ୟାନସରର ସମ୍ପୂର୍ଣ୍ଣ ଓ ସଫଳ ଚିକିତ୍ସା ପାଇଁ ପାଖାପାଖି ତିନିବର୍ଷ ଲାଗୁଥିବାବେଳେ ପିଲାଟି ଚିକିତ୍ସା ପରେ ବର୍ଷେ ପାଖାପାଖି ଚିକିତ୍ସକଙ୍କ ତତ୍ତ୍ୱାବଧାନରେ ରହିବାକୁ ପଡ଼ିଥାଏ । ବୟସ୍କଙ୍କ ତୁଳନାରେ ପିଲାମାନଙ୍କ କ୍ୟାନସର ଚିକିତ୍ସାରେ କମ୍ ଖର୍ଚ୍ଚ ପଡ଼ିଥାଏ । ଚିକିତ୍ସା ବେଳେ ଯେପରି ପିଲାଟି ପାର୍ଶ୍ୱପ୍ରତିକ୍ରିୟାର ଶିକାର ନହୁଏ ସେ କ୍ଷେତ୍ରରେ ସତର୍କତା ଜରୁରୀ । ଚିକିତ୍ସା ପରେ ପିଲାଟି ନିଶ୍ଚିନ୍ତ ସାଧାରଣ ଜୀବନଯାପନ କରିଥାଏ । ହେଲେ ସୁସ୍ଥ ହେବାପରେ ଚିକିତ୍ସକଙ୍କ ନିୟମିତ ଓ ଯୋଜନାବଦ୍ଧ ପରାମର୍ଶ ଆବଶ୍ୟକୀୟ । କେତେକ କ୍ଷେତ୍ରରେ ପିଲାଟି ମା’ବାପା କିମ୍ବା ଜିନ୍‌ଗତ ସମସ୍ୟା ପାଇଁ ଏହାର ଶିକାର ହୋଇଥାଏ । ମନେରଖନ୍ତୁ ଭଗବାନଙ୍କ ସୃଷ୍ଟିରେ ପିଲାଟି ଜଣେ ଅମୃତ ଓ ଆଗାମୀ ଭବିଷ୍ୟତର ସ୍ୱର୍ଣ୍ଣିମ ସୃଷ୍ଟି । ସେଥିପାଇଁ ପିଲାଙ୍କୁ ଦେବଶିଶୁ କୁହାଯାଏ । ଭାରତୀୟ ଆଧାତ୍ମିକ ବିଶ୍ୱାସ ରହେ ଯେ, ଭଗବାନଙ୍କର କଲ୍ୟାଣ ପିଲାମାନଙ୍କ ଠାରେ ସର୍ବଦା ରହିଥାଏ । କ୍ୟାନସର କଥା ଶୁଣିବା ମାତ୍ରେ ପିଲାଟିର ବାପାମା ବା ଅଭିଭାବକମାନେ ଅତ୍ୟଧିକ ଭୟଭୀତ ହୋଇଯାଆନ୍ତି ଯାହାଦ୍ୱାରା ପିଲାଟି ମଧ ମାନସିକ ଭାବରେ ଗୁରୁତର ଅଧୈର୍ଯ୍ୟତାର ଶିକାର ହୋଇଥାଏ । ଏ କ୍ଷେତ୍ରରେ ଭଗବାନଙ୍କ ଉପରେ ବିଶ୍ୱାସ ରଖି ତଥା ଚିକିତ୍ସକଙ୍କ ପରାମର୍ଶ ଓ ତତ୍ତ୍ୱାବଧାନକୁ ପାଥେୟ କରି ଭାଙ୍ଗି ପଡ଼ନ୍ତୁନାହିଁ । ପ୍ରାଥମିକ ସମୟରୁ ଚିକିତ୍ସା ଜାରି ରଖନ୍ତୁ । ମନେରଖନ୍ତୁ ସରକାର ଏ କ୍ଷେତ୍ରରେ ପର୍ଯ୍ୟାପ୍ତ ଓ ଯଥାର୍ଥ ଚିକିତ୍ସା ବ୍ୟବସ୍ଥାର ଗୁରୁତ୍ୱ ପ୍ରଦାନ କରି ପିଲାମାନଙ୍କ ଠାରୁ କ୍ୟାନସରକୁ ରୋଗମୁକ୍ତ କରିବାପାଇଁ ବିଭିନ୍ନ ଯୋଜନା ହାତକୁ ନେଉଛନ୍ତି । ସରକାରୀ ସୁବିଧାର ସୁଯୋଗ ନିଅନ୍ତୁ, ଧୈର୍ଯ୍ୟହରା ନହୋଇ ପ୍ରାଥମିକ ଅବସ୍ଥାରୁ ଦୃଢ଼ ମାନସିକତାର ସହ ପରିସ୍ଥିତିକୁ ସମ୍ମୁଖୀନ ହୋଇ ପିଲାଟିକୁ ହିଁ ବିଶ୍ୱାସ ଓ ଭରଷା ଦିଅନ୍ତୁ । ଦେଖିବେ ଆପଣଙ୍କ ପିଲାଟି ରୋଗମୁକ୍ତ ହୋଇ କ୍ୟାନସର ବିଜୟୀ ହେବାସହ ନୂଆ ଜୀବନଯାପନ କରିପାରିବ ।

**ବିଭାଗୀୟ ମୁଖ୍ୟ, ଶିଶୁରୋଗ ବିଭାଗ,**
**ଫକୀରମୋହନ ମେଡ଼ିକାଲ କଲେଜ, ବାଲେଶ୍ୱର,**
**ଦୂରଭାଷ : ୯୪୩୭୧୨୪୦୭୪**

# ପ୍ରେମର ଅନୁଶୀଳନ

॥ ଇଂ.ସଚ୍ଚିଦାନନ୍ଦ ନନ୍ଦ ॥

ଅତି ଦୁଃଖର କଥା ଯେ ଏହି ଦେଶ, ଯେଉଁଠି ମନୁଷ୍ୟର ଦିବ୍ୟତ୍ୱ ଏବଂ ସେହି ଦିବ୍ୟତ୍ୱର ପୁନଃ ପ୍ରାପ୍ତି ଉପାୟ ଆବିଷ୍କୃତ ହୋଇଥିଲା, ଯେଉଁ ଦେଶରେ ମୁନିଋଷିମାନଙ୍କର ଅବିରତ ପ୍ରବାହ ମନୁଷ୍ୟକୁ ଭଗବତ ଅଭିମୁଖୀ ଯାତ୍ରାରେ ତାହାର ଭୂମିକା ସ୍ମରଣ କରାଇ ଦେଇଆସିଛି, ସେହି ଦେଶରେ ଲୋକମାନେ ଶିକ୍ଷାର ଅଧଃପତନ ଏବଂ ଅଭ୍ୟାସର ମଳିନତା ପାଇଁ ସୁଯୋଗ ଦେଉଅଛନ୍ତି । ଏହି ମଧୁର ଜ୍ଞାନରେ ସିକ୍ତ ହୃଦୟ ବିଷ ପାତ୍ରରେ ପରିଣତ ହୋଇଅଛି । ଘୃଣା ସେମାନଙ୍କୁ କଠୋର କରି ଦେଉଛି, ଲୋଭ ସେମାନଙ୍କୁ ଧୂର୍ତ୍ତ କରି ଦେଇଛି; ଗର୍ବ ସେମାନଙ୍କୁ କଳୁଷିତ କରିଛି । ପୁନର୍ବାର ତା ଭିତରେ ଅନ୍ତର୍ନିହିତ ଆନନ୍ଦର ଝରଣା ସମ୍ପର୍କରେ ମନୁଷ୍ୟକୁ ସଚେତନ କରାଇବାକୁ ପଡ଼ିବ, ଯଦ୍ୱାରା ସେସୁଖୀ ହୋଇ ପାରିବ ଏବଂ ଉତ୍‌କଣ୍ଠାରେ ଉତ୍ତୋଜିତ ହେବନାହିଁ । ମାନବୀୟ ଆଦର୍ଶରେ ଏତେ ଅଧଃପତନ ଘଟିଛି ଯେ ମନୁଷ୍ୟ ଅବତାରମାନଙ୍କର ସୌନ୍ଦର୍ଯ୍ୟ, ଜ୍ଞାନ ଓ ଶକ୍ତିକୁ ଚିହ୍ନିବା ପାଇଁ ଅସମର୍ଥ ହୋଇପଡ଼ିଛି । ସେମାନେ ନିଜେ ଅଂଶ ବିଶେଷ ହୋଇ ଥିବା ଗୌରବ ଓ ଐଶ୍ୱର୍ଯ୍ୟର ସହଜାତ ଅନୁଭୂତି ପାଇଁ ଅଭିଳାଷ କରୁନାହାନ୍ତି । ଅନାଦି ଓ ଅନନ୍ତ ଶକ୍ତି ଭଗବାନଙ୍କ ଚିନ୍ତନରୁ ପ୍ରବାହିତ ଆନନ୍ଦର ଧାରାରେ ସେମାନେ ନିଜକୁ ହଜାଇ ଦେଉନାହାଁନ୍ତି’ – ଭଗବାନ ଶ୍ରୀସତ୍ୟସାଇ ତାଙ୍କ ଦିବ୍ୟସମ୍ଭାଷଣରେ ଉପରୋକ୍ତ ବାଣୀ ଗୁଡ଼ିକ ଆମ ପାଇଁ ପ୍ରଦାନ କରିବା ସହ ଏହା ମଧ କହିଛନ୍ତି ଆଜି ଆମେ କୃଷ୍ଣଙ୍କର ଜନ୍ମଦିନ ପାଳନ କରୁଛେ । ଏହାକୁ ସେହି ଆନନ୍ଦର ପ୍ରାପ୍ତି ନିମନ୍ତେ ତୁମ ଜୀବନକୁ ପୁନଃ ଉତ୍ସର୍ଗୀକୃତ କରିବାରେ ସଦୁପଯୋଗ କର । କୃଷ୍ଣ ଶବ୍ଦର ତିନୋଟି ପୃଥକ୍ ଅର୍ଥ ଅଛି । (୧) ‘କର୍ଷ’ ଧାତୁରୁ ଏହି ଶବ୍ଦର ବ୍ୟୁତ୍ପତ୍ତି ହୋଇଛି । ଏହାର ଅର୍ଥ ଯାହା ଆକର୍ଷଣ କରେ । କୃଷ୍ଣ ତାଙ୍କର ଲୀଳା ଖେଳା, ଆସୁରିକ ଶକ୍ତି ଉପରେ ଅଲୌକିକ ବିଜୟ, ମନମୁଗ୍ଧକାରୀ ବାର୍ତ୍ତାଳାପ ତାଙ୍କର ଜ୍ଞାନ, ତାଙ୍କର ମୋହନୀୟ ରୂପ ବଳରେ ସମସ୍ତ ହୃଦୟକୁ ଆକର୍ଷଣ କରନ୍ତି । (୨) ଏହି ଶବ୍ଦ ‘କୃଷ୍’ ସହିତ ମଧ ସମ୍ବନ୍ଧିତ । ଏହାର ଅର୍ଥ ଶସ୍ୟ ଉତ୍ପାଦନ ନିମନ୍ତେ ଭୂମିକୁ କର୍ଷଣ କରିବା । କୃଷ୍ଣ ଶବ୍ଦର ଅର୍ଥ ଯାହା ମନୁଷ୍ୟର ହୃଦୟରୁ ଅନାବରା ଗଛ ସଫାକରେ ଏବଂ ବିଶ୍ୱାସ, ସାହସ ଓ ଆନନ୍ଦର ବୀଜ ବପନ କରେ । (୩) ଏହା ‘କୃଷ୍’ ଧାତୁ ଅର୍ଥାତ୍ ତିନିଗୁଣ ଓ ତିନିକାଳର ଅତୀତ, ସହିତ ମଧ ସମ୍ବନ୍ଧିତ । ‘ନ’ ଅର୍ଥ ସତ୍-ଚିତ୍-ଆନନ୍ଦ । ଭାଗବତରେ ବର୍ଣ୍ଣିତ ହୋଇଛି ଯେ କୃଷ୍ଣ ତାଙ୍କର ଲୀଳା ଓ ମହିମା ବଳରେ ମାନବ ଜାତିର ପ୍ରେମକୁ ଆକର୍ଷଣ କରନ୍ତି, ତାଙ୍କର ଭକ୍ତମାନଙ୍କ ହୃଦୟରେ ଆନନ୍ଦର ଫସଲ ଉତ୍ପାଦନ କରନ୍ତି ଏବଂ ତାଙ୍କ ସତ୍-ଚିତ୍-ଆନନ୍ଦ ଭାବ ସମ୍ବନ୍ଧରେ ସେମାନଙ୍କୁ ଅବଗତ କରନ୍ତି ।’

ଆମେମାନେ ଭାଗ୍ୟବାନ । କାରଣ, ଆମେ ଭଗବାନଙ୍କ ଶକ୍ତିର ଅନେକ ଅଭିବ୍ୟକ୍ତି ଦେଖି ଅଛୁ । କିନ୍ତୁ ସେଗୁଡ଼ିକ ଅଭିବ୍ୟକ୍ତ ହେବାକୁ ଥିବାରୁ ଅଭିବ୍ୟକ୍ତ ହୋଇଅଛି; ଭଗବାନଙ୍କ ଏହା ପ୍ରତିଭାର ପ୍ରଦର୍ଶନ ନୁହେଁ ବା ପେଷାଦାରୀ ଯୋଗସୂତ୍ର ପ୍ରତିଷ୍ଠା ନିମନ୍ତେ ନୁହେଁ । ଇଚ୍ଛାଶକ୍ତିର ଆବଶ୍ୟକତା ପଡ଼ିଲେ ସେ ଗୁଡ଼ିକ ସ୍ୱାଭାବିକ ଭାବେ ଅଭିବ୍ୟକ୍ତ ହୁଏ, ଆପେ ଆପେ ଅନ୍ୟ ଶାରୀରିକ କାର୍ଯ୍ୟ ପରି । ବାବା ଆହୁରି ମଧ କହିଛନ୍ତି ‘ମୁଁ ସତ୍ୟର ସତ୍ୟ, ମୁଁ ସତ୍ୟ ଆଡ଼କୁ ଦିଗ ଦର୍ଶନ କରାଏ । ମୁଁ ସତ୍ୟ ପରିପ୍ରକାଶ କରେ ମନୁଷ୍ୟ ଯେତେବେଳେ ସତ୍ୟର ଉପଲବ୍ଧି କରେ ସେ ମୋତେ ଉପଲବ୍ଧି କରେ । ରସୋ ବୈସଃ । ସେ ହିଁ ରସ । ସେହିପରି ତାଙ୍କର ସୃଷ୍ଟି, ଜଗତକୁ ଯେଉଁମାନେ ତାଙ୍କର ହସ୍ତକର୍ମ ରୂପେ ଗ୍ରହଣ କରନ୍ତି, ସେମାନଙ୍କ ପାଇଁ ବିଶ୍ୱ ରସ ବିନା ଆଉ କିଛି ହୋଇନପାରେ । ଭଗବାନଙ୍କର ଐଶ୍ୱର୍ଯ୍ୟ ଓ ଶକ୍ତି ସମ୍ବନ୍ଧରେ ଶିକ୍ଷା ଦେବା ପାଇଁ ଜଗତକୁ ପ୍ରୟୋଗ କରିବାକୁ ହେବ । ଏହାଦ୍ୱାରା ତୁମେ ତାଙ୍କର ଅନ୍ୱେଷଣ କରି ପାରିବ ଓ ତାଙ୍କ ପାଖରେ ପହଞ୍ଚିପାରିବ । ଏହି ଲକ୍ଷ୍ୟସ୍ଥଳରେ ପହଞ୍ଚିବା ପାଇଁ ଚାରୋଟି ସୋପାନ ଅଛି । ପ୍ରତ୍ୟେକକୁ ଲୋକ ବୋଲି କୁହାଯାଏ । ପ୍ରଥମଟି ଅବିଦ୍ୟା ଲୋକ । ଏହି ଅଜ୍ଞାନ ଓ ମୋହ ଲୋକରେ ଦୁଃଖ ଓ ସନ୍ତାପ ଦ୍ୱାରା ପ୍ରେରିତ ହୋଇ ତୁମେ ଯାତ୍ରା ଆରମ୍ଭ କରିଥାଅ । ଦ୍ୱିତୀୟଟି ବିଦ୍ୟାଲୋକ । ଏଠାରେ ତୁମେ ବିଜ୍ଞାନମୟ କୋଷ ଉପରେ ଅଭିନିବେଶ କର ଏବଂ ସତ୍ୟ ଓ ମିଥ୍ୟା, ଧାନ ଓ ଅଗାଡ଼ି ଭିତରେ ପ୍ରଭେଦ କରିବାକୁ ସମର୍ଥ ହୁଏ । ତୃତୀୟଟି ଆନନ୍ଦ ଲୋକ । ଏଠାରେ ତୁମେ ଶକ୍ତି ଓ ଶାନ୍ତିର ଚିରନ୍ତନ ଉତ୍ସଙ୍କର ଝଲକ ପାଇ ଆନନ୍ଦରେ ନିମଜ୍ଜିତ ହୁଏ । ଶେଷରେ ଗୋଲୋକ । ଏଠାରେ ଗୋପାଳ ଶାସନ କରନ୍ତି । ଏଠାରେ ସମସ୍ତେ ଗୋ (ଜୀବ, ଦିବ୍ୟତ୍ୱର ସ୍ଫୁଲିଙ୍ଗ, ପ୍ରେମ ସାଗରର ତରଙ୍ଗ) ଅତ୍ୟୁଲ୍ଲାସ ଓ ଅତି ଔଜ୍ଜଲ୍ୟ ସ୍ଥିତିରେ ଏକ ହୁଅନ୍ତି । ତୁମ ପାଖରେ ପ୍ରେମ ନଥିଲେ ତୁମେ ଭଗବତ୍ ପ୍ରେମୀ ମାନଙ୍କ ସହିତ ସମ୍ପର୍କ ସ୍ଥାପନ କରି ପାରିବନାହିଁ । କେବଳ ବାହ୍ୟାଚାରର ନିର୍ଭୁଲ ପାଳନ, ଆଡ଼ମ୍ବର ପୂର୍ଣ୍ଣ ଅର୍ଚ୍ଚନା ବା ଉଚ୍ଚସ୍ୱରରେ ଜୟଧ୍ୱନି କଲେ ଗୋଲୋକର ଫାଟକରେ ତୁମେ ପ୍ରବେଶ କରି ପାରିବନାହିଁ । ଏଗୁଡ଼ିକ ପ୍ରେମର ରତ୍ନ ସିନ୍ଧୁକ ଆଗରେ ଟିଣ ଡବା ସଦୃଶ । ପ୍ରେମ ଜନ୍ମରୁ ଅମରତ୍ୱ ଆଡ଼କୁ ଏବଂ ମୃତ୍ୟୁରୁ ଅଜାତତ୍ୱ ଆଡ଼କୁ ଯିବା ପାଇଁ ସେତୁ ସଦୃଶ । ତୁମେ ଜୀବ ଭାବରୁ ଦେବ ଭାବକୁ ଉନ୍ନୀତ ହେଲେ ଆଉ ଜନ୍ମ ବା ମୃତ୍ୟୁ ରହିବା ନାହିଁ । ତୁମେ ଯେତେବେଳେ ପ୍ରତ୍ୟେକ ଜୀବକୁ ଏତେ ପ୍ରଗାଢ଼ ଭାବରେ ଭଲ ପାଅ ଯେ ତୁମକୁ ସବୁ କେବଳ ଏକ ପରି ଲାଗେ ସେତେବେଳେ ହିଁ ମୋକ୍ଷ ପ୍ରାପ୍ତି ହୁଏ । ହୃଦୟକୁ ପ୍ରେମରେ ଆର୍ଦ୍ରକର, କର୍ମକୁ ଧର୍ମରେ ଆର୍ଦ୍ରକର, ବାସନାକୁ ଦୟାରେ ଆର୍ଦ୍ରକର, ତେବେ ତୁମେ ଅତି ଶୀଘ୍ର ଭଗବାନଙ୍କୁ ଲାଭ କରିପାରିବ ।’

ପ୍ରେମ ସ୍ୱରୂପ କୃଷ୍ଣଙ୍କ ଧ୍ୟାନ କରି ଆମେମାନେ ପ୍ରେମରେ ବିବଶିତ ହେବା ଉଚିତ । ଜୀବନ ବିକଳ କ୍ରନ୍ଦନରେ, ପୀଡ଼ିତର ଆବିସ୍ମିକ ଆଦେଶରେ, କ୍ଷୁଧାର୍ତ୍ତର ଆର୍ତ୍ତନାଦରେ ଆମର ହୃଦୟ ଦ୍ରବୀଭୂତ ଓ କୋମଳ ନ ହେବା ପର୍ଯ୍ୟନ୍ତ, ସେଥିରେ ଥିବା ପ୍ରେମର ନିର୍ଝରିଣୀ ଗର୍ବରତପ୍ତ କିରଣରେ ଅବରୁଦ୍ଧ ଥିବାଯାଏଁ କୃଷ୍ଣ ଆମ୍ଭ ମାନଙ୍କ କାମରେ ବଂଶୀ ବଜାଇବେ ନାହିଁ, ଆମେ ଗୀତା ଓ ଭାଗବତରେ ପଣ୍ଡିତ ହୋଇପାରୁ କିନ୍ତୁ ଆମେ କୃଷ୍ଣଙ୍କ ସେବାରେ କେତେ ଦଶନ୍ଧି ବିତାଇ ଦେଇଛେ ବୋଲି ଦାବି କରିପାରିବା ? କିନ୍ତୁ ପ୍ରେମର ଚାବି ବିନା ଆମେ ତାଙ୍କର ନିବାସ ସ୍ଥଳ ଗୋଲକ ଭିତରକୁ ପ୍ରବେଶାନୁମତି ପାଇ ପାରିବ ନାହିଁ । ଆମେ ବହୁ ବର୍ଷ ଧରି ପ୍ରଶାନ୍ତି ନିଳୟମ୍‌ରେ ଥାଇପାର ଏବଂ ସ୍ୱାମୀଙ୍କ ପାଖରେ ଓ ନିକଟରେ ଅଛେ ବୋଲି ଦାବି କରିପାରୁ, କିନ୍ତୁ ସେବା ମାଧମରେ ଅଭିବ୍ୟକ୍ତ ପ୍ରେମର ଅନୁଶୀଳନ ବିନା ଆମେମାନେ ଭଗବାନଙ୍କୁ ଜାଣିପାରିବା ନାହିଁ ।

**ଅଲିଶା ବଜାର, କଟକ, ଦୂରଭାଷ : ୯୩୩୭୨୪୨୯୫୫**

# ସଂଗ୍ରାମୀ ଗୁଣନିଧି ମହାନ୍ତିଙ୍କ ତ୍ୟାଗର ପ୍ରତୀକ

॥ ତପସ୍ୱିନୀ ପଟ୍ଟନାୟକ ॥

କିଏ ତାଙ୍କୁ ସଂଗ୍ରାମୀ କହନ୍ତି ତ ଆଉ କିଏ କୁହନ୍ତି ସତ୍ୟାଗ୍ରହୀ, ଭୂଦାନକର୍ମୀ । କିଏ କୁହେ ଘରଜଗୁଆ ତ କିଏ କୁହେ ମୁଖିଆ । କେତେବେଳେ ଗାନ୍ଧିଜୀଙ୍କ ଲବଣ ସତ୍ୟାଗ୍ରହରେ ତ କେବେ ପୁଣି ଆଚାର୍ଯ୍ୟ ବିନୋବାଙ୍କ ଭୂଦାନ ଆନ୍ଦୋଳନରେ ଆଉ ମା’ରମାଦେବୀଙ୍କ ନିଶା ନିବାରଣ ଅଭିଯାନରେ ସିଏ ଥିଲେ ସକ୍ରିୟ । ଦେଶମାତୃକା ପାଇଁ ସାରା ଜୀବନକୁ ଉତ୍ସର୍ଗ କରି ଦେଇଥିବା ଏହି ମହାନ ବ୍ୟକ୍ତି ଗୁଣନିଧି ମହାନ୍ତିଙ୍କ ତ୍ୟାଗର ଗାଥା ବହନ କରୁଛି ଥୋରିଆ ସାହିସ୍ଥିତ ଗୁଣନିଧି ଭବନ ।

୪୨ ମୌଜା ଦେଉଳି ଗ୍ରାମର ଏକ ମଧ୍ୟବିତ୍ତ ପରିବାରରେ ଗୁଣନିଧି ମହାନ୍ତିଙ୍କ ଜନ୍ମ । ଜନ୍ମ ତାରିଖ ବିଷୟରେ କିଛି ପ୍ରମାଣ ନଥିଲେ ମଧ ଗୁଣନିଧି ୧୮୮୫ ମସିହାରେ ଜନ୍ମ ହୋଇଥିବା ଜଣାଯାଏ । ୧୯୨୧ ମସିହାରେ ଗାନ୍ଧିଜୀଙ୍କ ଡାକରାରେ ସରକାରୀ ଚାକିରୀ ଛାଡ଼ି ଅସହଯୋଗ ଆନ୍ଦୋଳନରେ ସାମିଲ ହୋଇଥିଲେ । ଲବଣ ସତ୍ୟାଗ୍ରହ ପାଇଁ ସ୍ୱାକ୍ଷର କରିଥିବା ୨୦ଜଣ ଓଡ଼ିଆଙ୍କ ମଧ୍ୟରୁ ସେ ଥିଲେ ଅନ୍ୟତମ । ୧୯୩୪ ମସିହାରେ ବାଲେଶ୍ୱର ଇଞ୍ଚୁଡିରୁ ଆରମ୍ଭ ହୋଇଥିବା ଲବଣ ସତ୍ୟାଗ୍ରହରେ ଗାନ୍ଧିଜୀଙ୍କ କଥା ବୁଝିବାର ଦାୟିତ୍ୱ ତାଙ୍କ କାନ୍ଧରେ ଥିଲା । ସ୍ୱାଧୀନତା ସଂଗ୍ରାମ ସମୟରେ ଅନ୍ନପୂର୍ଣ୍ଣା ମହାରଣା, ମଙ୍ଗଳା ମାଉସୀଙ୍କ ସହିତ ମିଶି ଗୁଣନିଧି ବାବୁ ବିଭିନ୍ନ ବ୍ୟକ୍ତିଙ୍କ ଠାରୁ ଚାନ୍ଦା ଆଦାୟକ କରି ସଂଗ୍ରାମୀଙ୍କ ଖାଦ୍ୟପେୟ କଥା ବୁଝୁଥିଲେ । ସ୍ୱାଧୀନତା ପରେ ୧୯୫୦ରେ ଆଚାର୍ଯ୍ୟ ବିନୋବା ଆରମ୍ଭ କରିଥିବା ଭୂଦାନ ଆନ୍ଦୋଳନରେ ସେ ସକ୍ରିୟ ହୋଇଥିଲେ । ୧୯୫୫ ମସିହାରେ ବାଲେଶ୍ୱରରୁ କୋରାପୁଟ ପର୍ଯ୍ୟନ୍ତ ଭୂଦାନ ପଦଯାତ୍ରାରେ ସଂଗ୍ରାମୀ ମହାନ୍ତିଙ୍କ ଉଲ୍ଲେଖନୀୟ ଭୂମିକା ଥିଲା । ଏହା ପୂର୍ବରୁ ବକ୍ସିବଜାର ଥୋରିଆସାହିସ୍ଥିତ ତାଙ୍କ ପୈତୃକ ସମ୍ପତ୍ତିକୁ ସର୍ବୋଦୟ କର୍ମୀଙ୍କ ପାଇଁ ଅର୍ପଣ କରିଥିଲେ । ସଂଗ୍ରାମୀମାନଙ୍କ ଉଦ୍ଦେଶ୍ୟରେ ଏହି ଜମିକୁ ଶ୍ରୀ ମହାନ୍ତି ଭୁବନାନନ୍ଦ ଦାସ, ସ୍ୱାମୀ ବିଚିତ୍ରାନନ୍ଦ ଦାସ, ଗୋପବନ୍ଧୁ ଦାସଙ୍କ ନାମରେ ଦାନ କରିଦେଇଥିଲେ । ଗୁଣନିଧି ଭବନ ନାମରେ ପରିଚିତ ଏହି ଘର ଅନେକ ଦଶନ୍ଧି ଧରି ଜନସେବାର ପ୍ରାଣକେନ୍ଦ୍ର ଥିଲା । ଏଇଠି ଗୋପବନ୍ଧୁ ଚୌଧୁରୀଙ୍କ ପରିବାର ବହୁ ଦିନ ଧରି ରହିଥିଲେ । ଗୁଣନିଧିଙ୍କ କର୍ମମୟ ଜୀବନ ଏଇଠି ଅତିବାହିତ ହୋଇଥିଲା । ଗୁଣନିଧି କମ୍ ବୟସରୁ ବିପତ୍ନୀକ ହୋଇ ଯାଇଥିଲେ । ସେ ଦେଉଳିସ୍ଥିତ ପୈତୃକ ସମ୍ପତ୍ତିକୁ ଦୁଇ ପୁତୁରାଙ୍କ ମଧ୍ୟରେ ବାଣ୍ଟି ଦେଇଥିଲେ । ଶେଷରେ ଡିସେମ୍ବର ୧୭ ତାରିଖ ୧୯୬୧ ମସିହାରେ ଗୁଣନିଧିଙ୍କ ଜୀବନ ଦୀପ ନିର୍ବାପିତ ହୋଇଥିଲା । ଏବେ ତାଙ୍କ ପ୍ରଦତ୍ତ ଗୁଣନିଧି ଭବନ ଦିନ, ଦୁଃଖୀଙ୍କ ସହାୟତାର କେନ୍ଦ୍ର ପାଲଟିଛି । ଖାଲି ସେତିକି ନୁହେଁ ଏଠାରେ ଉତ୍କଳ ସେର୍ବୋଦୟ ମଣ୍ଡଳ, ଉତ୍କଳ ଖଦୀ ମଣ୍ଡଳ, ସର୍ବୋଦୟ ରିଲିଫ୍ କମିଟି, ରମାଦେବୀ ଟ୍ରଷ୍ଟ, ରାଷ୍ଟ୍ରୀୟ ଯୁବା ସଂଗଠନ ଭଳି ଅନେକ ଅନୁଷ୍ଠାନ କାର୍ଯ୍ୟ କରୁଛି । ଗୁଣନିଧି ମହାନ୍ତିଙ୍କ ସଂପର୍କରେ ସୁମିତ୍ରା ଚୌଧୁରୀ ସ୍ୱର୍ଗତଃ ମନମୋହନ ଚୌଧୁରୀଙ୍କ ପତ୍ନୀ କହନ୍ତି ଯେ ବରୀ ଛାଡ଼ିବା ପରେ ସେ ପରିବାର ସହ ଥୋରିଆସାହି ଗୁଣନିଧି ଭବନରେ ରହୁଥିଲେ । ସେଠାରେ ଗୁଣନିଧି ବାବୁ ମଧ ରହୁଥିଲେ । ଗୁଣନିଧି ବାବୁ ଥିଲେ ଅତ୍ୟନ୍ତ ମଜାଳିଆ ଲୋକ । ରମାଦେବୀ, ଆଚାର୍ଯ୍ୟ ମହାଶୟ, ଗୋପବନ୍ଧୁ ଚୌଧୁରୀ, ଭୁବନାନନ୍ଦ, ବିଚିତ୍ରାନନ୍ଦ ପ୍ରମୁଖ ଖୁବ୍ ଘନିଷ୍ଠ ଥିଲେ । ଗୁଣନିଧି ଖୁବ୍ ଖାଦ୍ୟ ପ୍ରିୟ ଥିଲେ । ବରା ତାଙ୍କର ପ୍ରିୟ ଖାଦ୍ୟ ଥିଲା । ଅନ୍ୟମାନଙ୍କୁ ଖାଇବାକୁ ଦେବାକୁ ଭଲ ପାଉଥିଲେ । ସର୍ବୋପରି ସେ ଜଣେ ମୂଲ୍ୟବୋଧସଂପନ୍ନ ମଣିଷ ଥିଲେ ବୋଲି କହନ୍ତି ସୁମିତ୍ରା ଚୌଧୁରୀ । ଗୁଣନିଧି ମହାନ୍ତି ତାଙ୍କ ନାମର ସାର୍ଥକତା ପ୍ରତିପାଦନ କରିଛନ୍ତି । ତାଙ୍କର ତ୍ୟାଗ ଓ ବହୁମୁଖୀ ପ୍ରତିଭା ପାଇଁ ଏବେ ବି ଝୁରୁଛି ଥୋରିଆ ସାହିଘର, କଟକ ମାଟି, ସର୍ବୋଦୟ ମଣ୍ଡଳ ।

**ଶିକ୍ଷାବିତ୍, ମହାନଦୀ ବିହାର, କଟକ**

# କର୍କଟ ରୋଗରେ କଟୁଛି ଗଗନଙ୍କ ଦିନ





**ହାଟଡିହି,(ମହାଭାରତ) :** 'କପାଳ ଲିଖନ କେ କରିବ ଆନ' ସତରେ କପାଳରେ ଯାହା ଲେଖା ଥିବା ତାକୁ କିଏ ବା ଲିଭେଇ ପାରିବ, ସେଭଳି ଏକ ଦୁଃଖ ଏବେ ଘର ର ମଝି ଖୁଣ୍ଟ ପରି ଦାୟିତ୍ୱ ତୁଲାଉ ଥିବା ଗଗନଙ୍କ ପରିବାରରେ ଘଟିଛି। କଥାରେ ଅଛି ଦଇବ ଦଉଡ଼ି ମଣିଷ ଗାଇ ଯେଣିକି ଓଟାରି ତେଣିକି ଯାଇ। ଯେତେବେଳେ ଦଇବ କପାଳରେ ଦୁଃଖ ଦେବ ତାକୁ କିଏ ଲିଭାଇବ। ଘଟଣାଟି ଦେଖିବାକୁ ମିଳିଛି ହାଟଡିହି ବ୍ଲକ ଡଅଁର ପଞ୍ଚାୟତ ଡଅଁର ଗ୍ରାମରେ। ସ୍ୱର୍ଗତ ତରିଣୀ ଦେଓ ରଙ୍ଗଲତା ଦେଓଙ୍କର ଏକମାତ୍ର ରୋଜଗାରିଆ ପୁଅ ଥିଲା ଗଗନ। ଗଗନଙ୍କ ପରିବାର କହିଲେ (୮୦) ବର୍ଷର ବୃଦ୍ଧା ମା', ପତ୍ନୀ ମମତା, ୧୨ ବର୍ଷ ପୁଅ ୧୫ବର୍ଷର ଝିଅ। ହଠାତ୍ ଦିନେ ଜିଭ ବଥା ଲାଗିବାରୁ ଡାକ୍ତରଙ୍କୁ ଦେଖାଇବା ପରେ ଡାକ୍ତର ପରୀକ୍ଷା କରିବାକୁ କହିଲେ। ପରୀକ୍ଷା ପରେ ସବୁ କିଛି ଠିକ ଠାକ୍ ଥିଲା। ଦିନେ ହଠାତ୍ କାଶ ହେବା ପରେ ଆଉ କାଶ ନକମିବାରୁ ଡାକ୍ତରଙ୍କ ପାଖକୁ ନିଆଗଲା। ଡାକ୍ତର କର୍କଟ ରୋଗ ହୋଇଥିବା କହିଥିଲେ। ସେଦିନ ଥିଲା ୨୦୨୨ମସିହା ଅଗଷ୍ଟ ମାସ। ସେବେ ଠାରୁ ଚିକିତ୍ସା ଆରମ୍ଭ କରି ଥକି ପଡିବା ପରେ ରୋଗ ଭଲ ହେବାର ନାମ ଧରୁନି। ଏପଟେ ନିଜର ପତ୍ନୀ ସୁଖ ଦୁଃଖକୁ ଭୁଲି ନିଜର ସ୍ୱାମୀ ପାଇଁ ଭଗବାନ ପାଖରେ ପ୍ରତିଦିନ ଘିଅ ଦୀପ ଜଳାଇ ଆଖିରୁ ଲୁହ ଶୁଖାଇ ପାରୁନଥିବା ବେଳେ ସେପଟେ ପରିବାର ୧୨ ବର୍ଷର ପୁଅ ଓ ୧୫ ବର୍ଷ ଝିଅ ଦୁଃଖରେ ଭାଙ୍ଗି ପଡିଛନ୍ତି। ବନ୍ଧୁ ବାନ୍ଧବଙ୍କ ସହଯୋଗରେ ପରିବାର ଲୋକେ ଶେଷ ପାରୁ ପର୍ଯ୍ୟନ୍ତ ଚେଷ୍ଟା କରି ଥକି ପଡ଼ିଛନ୍ତି। ଏବେ ଜିଲ୍ଲା ପ୍ରଶାସନର ସହଯୋଗ ଲୋଡିଛନ୍ତି। ଯଦି ଜିଲ୍ଲା ପ୍ରଶାସନ କି କୌଣସି ସହୃଦୟ ବ୍ୟକ୍ତି କିଛି ଆର୍ଥିକ ସାହାର୍ଯ୍ୟ କରନ୍ତେ ତାହେଲେ ପରିବାରର ଦୁଃଖ କିଛି ମାତ୍ରାରେ ଲାଘବ ହେବା ସହ ପିଲା ଦୁଇଟି ମଣିଷ ହୋଇପାରନ୍ତେ ବୋଲି ଗ୍ରାମବାସୀ ପ୍ରକାଶ କରିଛନ୍ତି। ଯଦି କୌଣସି ସହୃଦୟ ବ୍ୟକ୍ତି ଗଗନଙ୍କ ପରିବାରକୁ ସହଯୋଗର ହାତ ବଢ଼ାଇବାକୁ ଚାହାଁନ୍ତି ତେବେ ତାଙ୍କ ମୋବାଇଲ ନମ୍ବର ୯୧୭୮୧୧୩୦୧୮ କିମ୍ବା ବ୍ୟାଙ୍କ୍ ଜମା ଖାତା ନମ୍ବର୍ ୨୦୩୦୩ ୪୦୦୬୦୦ ୦୮୦୧ ହୋଇଥିବା ବେଳେ ତାଙ୍କ ପତ୍ନୀ ମମତା ଦେଓଙ୍କ ନାମରେ ଜମା ଖାତାଟି ରହିଛି। ଯାହାର ଆଇ ଏଫ୍ ସି କୋଡ୍ IOBAORGB01 ରହିଛି। ଯଦି ପ୍ରତ୍ୟେକ ବ୍ୟକ୍ତି ଦଶ ଟଙ୍କା ଲେଖାଏଁ ସହାୟତା ପ୍ରଦାନ କରନ୍ତି ତାହାଲେ ବିଚାରା କର୍କଟ ରୋଗୀ ଗଗନଙ୍କ ମୁଣ୍ଡରେ ରହିଥିବା ଔଷଧ ଚିନ୍ତା କିଛି ଦିନ ପାଇଁ ଦୂରେଇ ଯାଆନ୍ତି।

## ପୁଲିସ କର୍ମଚାରୀଙ୍କ ସନ୍ଦେହ ଜନକ ମୃତ୍ୟୁ

**ନୟାଗଡ଼,(ମହାଭାରତ) :** ନୟାଗଡ଼ ଇଟାମାଟି ଥାନା ସରଧାପୁର ଗାଁରେ ଅଭାବନୀୟ ଘଟଣା। ମାନସିକ ଚାପରେ ଜୀବନ ହାରିଲେ ପୁଲିସ କର୍ମଚାରୀ ପ୍ରଭାକର ନାୟକ। ପରିବାର ଲୋକଙ୍କ ଅଭିଯୋଗ ହେଉଛି କି ପ୍ରଭାକର ଆତ୍ମହତ୍ୟା କରିଛନ୍ତି। କୋରାପୁଟ ଜିଲ୍ଲାରେ ସେ ପୁଲିସ ଚାକିରି କରିଥିବା ବେଳେ ନିକଟରେ ଛୁଟିରେ ଗାଁକୁ ଆସିଥିଲେ ପ୍ରଭାକର।



ଅନଲାଇନ୍ ରେ ଫାଇନାନ୍ସ ଗେମ୍ ଖେଳି ଧାର କରଜରେ ବୁଡ଼ୀ ଚିନ୍ତାରେ ଥିଲେ ସେ। ମାନସିକ ଚାପରେ ରହି ଆତ୍ମହତ୍ୟା କରି ଜୀବନ ହରାଇଥିବା ପରିବାର ଲୋକେ ଅଭିଯୋଗ ଆଣିଥିବା ବେଳେ ପୁଲିସ ଶବ ଜବତ କରି ବ୍ୟବଚ୍ଛେଦ ପଠାଇ ତଦନ୍ତ ଆରମ୍ଭ କରିଛି। ପୁଲିସ କର୍ମଚାରୀ ପ୍ରଭାକର ନାୟକଙ୍କ ଆତ୍ମହତ୍ୟା ପଛରେ କେବଳ ଅନଲାଇନ୍ ରେ ଫାଇନାନ୍ସ ଗେମ୍ ଖେଳି ନାଁ ଅନ୍ୟ କିଛି କାରଣ ରହିଛି ତାକୁ ନେଇ ପୁଲିସ ତଦନ୍ତ ଆରମ୍ଭ କରିଛି। ସୂଚନା ଅନୁଯାୟୀ ଆଜି ସକାଳୁ ପରିବାର ଲୋକେ ସରଧାପୁର ଗାଁର ଜଙ୍ଗଲରେ ପ୍ରଭାକର ବେକରେ ଗାମୁଛା ବାନ୍ଧି ଆତ୍ମହତ୍ୟା କରିଥିବା ଦେଖିବାକୁ ପାଇଥିଲେ। ଗତକାଲି ରାତିରେ ଟଙ୍କା ପାଇଁ କିଛି ଲୋକ ପ୍ରଭାକରଙ୍କ ଝଗଡ଼ା କରିବା ପରେ ପ୍ରଭାକର ଛାଡ଼ି ପଳାଇଥିଲେ। ଖୋଜା ଖୋଜି ପରେ ନିକଟସ୍ଥ ଜଙ୍ଗଲରେ ପ୍ରଭାକରଙ୍କ ଝୁଲନ୍ତା ମୃତ ଦେହ ଆଜି ଘର ଲୋକ ଦେଖିବା ପାଇଁ ପାଇଥିବା କହିଛନ୍ତି। ସେପଟେ ପ୍ରଭାକର ଆତ୍ମହତ୍ୟା ଖବର ପୁଲିସ କୁ ନଜଣାଇ ଜଙ୍ଗଲ ରୁ ପ୍ରଭାକରଙ୍କ ମୃତ ଦେହ କୁ ପରିବାର ଲୋକେ ଘରକୁ ଆଣିବା ସନ୍ଦେହ ସୃଷ୍ଟି କରିଛି।

## ଶ୍ରୀ ବିଦ୍ୟା ମେମୋରିଆଲ ଟ୍ରଷ୍ଟ ଦ୍ୱାରା ନୂତନ ବସ୍ତ୍ର ବଣ୍ଟନ



**ଉଦଳା,(ମହାଭାରତ) :** ଅପଅରାହ୍ନ ୩ ଘଟିକା ସମୟରେ ଶ୍ରୀବିଦ୍ୟା ମେମୋରିଆଲ ଟ୍ରଷ୍ଟ ତରଫରୁ ଶ୍ରୀବଦ୍ୟା ସ୍ମୃତି ଉଦ୍ଦେଶ୍ୟରେ ମଧୁପୁର ଗ୍ରାମର ଅଙ୍ଗନୱାଡ଼ି କେନ୍ଦ୍ରରେ ସେହି ଗ୍ରାମର ୨୦ ଜଣ ବୃଦ୍ଧାଙ୍କୁ ନୂତନ ବସ୍ତ୍ର ବଣ୍ଟନ କରାଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେର ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଗୋପାଳ ଚନ୍ଦ୍ର ସାହୁ, ଟ୍ରଷ୍ଟର ଚେୟାରମ୍ୟାନ ତଥା ଶ୍ରୀବିଦ୍ୟାଙ୍କ ପିତା ଦୋଳମଣି ପୁହାଣ, ମାତା ସୁଭଦ୍ରା ରାଉତ, ଭାଇ ସଞ୍ଜୟ କୁମାର ପୁହାଣ, ଅଭିଜିତ ରାଉତ ଉପସ୍ଥିତ ଥିଲେ । ଶ୍ରୀବିଦ୍ୟାଙ୍କ ମଉସା ଉମେଶ ଚନ୍ଦ୍ର ରାଉତ ଓ ମାଉସୀ ଅନ୍ନପୂର୍ଣ୍ଣ ରାଉତଙ୍କର ପୃଷ୍ଠ ପୋଷକତାରେ ଏହି କାର୍ଯ୍ୟକ୍ରମରେ ଅନୁଷ୍ଠିତ ହୋଇଥିଲେ ।

## ଉଦଳା ମହାବିଦ୍ୟାଳୟର ସ୍ୱନକ୍ଷତ୍ର ଦିବସ ପାଳିତ



**ଉଦଳା,(ମହାଭାରତ) :** କପ୍ତିପଦା ଉପଖଣ୍ଡର ସର୍ବପୁରାତନ ଉଦଳା ମହାବିଦ୍ୟାଳୟରେ ୫୯ତମ ପ୍ରତିଷ୍ଠା ଦିବସ ପାଳିତ ହୋଇ ଯାଇଅଛି । ମହାବିଦ୍ୟାଳୟର ଅଧ୍ୟକ୍ଷ ଡ଼ଃ ଯତୀନ କୁମାର ମହାକୁଡ଼ଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସମାରୋହରେ ଉଦଳା ବିଧାୟକ ଭାସ୍କର ମଢ଼େଇ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଉଦଳା ମହାବିଦ୍ୟାଳୟକୁ ଏକ ଅଗ୍ରଣୀ ମହାବିଦ୍ୟାଳୟରେ ପରିଣତ କରିବା ସହିତ ମହାବିଦ୍ୟାଳୟରେ ସ୍ନାତକୋତ୍ତର ପାଠ୍ୟକ୍ରମ ଖୋଲା ଯାଇ ସ୍ୱଂୟ ଶାସିତ ମହାବିଦ୍ୟାଳୟରେ ପରିଣତ କରିବାକୁ ସହଯୋଗ କରିବେ ବୋଲି ବକ୍ତବ୍ୟରେ ପ୍ରକାଶ କରିଥିଲେ । ମୁଖ୍ୟ ବକ୍ତା ଭାବରେ ଉଦଳା ଏନ.ଏ.ସି. ଅଧ୍ୟକ୍ଷା ପ୍ରମିଳା ପଣ୍ଡା ଯୋଗଦେଇ ଶିକ୍ଷାର୍ଥୀମାନଙ୍କୁ ସତ୍ ?ଚରିତ୍ର ଓ ଶୃଙ୍ଖଳିତ ହୋଇ ଅଧ୍ୟନରତ ହେବାକୁ ପରାମର୍ଶ ଦେଇଥିବା ବେଳେ ସ୍ୱତନ୍ତ୍ର ଅତିଥି ଭାବରେ ଉଦଳା ତହସିଲଦାର ସତ୍ୟଜିତ ମହାନ୍ତି ଯୋଗ ଦେଇ ଜୀବନର ଲକ୍ଷ୍ୟ ନୁହେଁ ଅର୍ଥ ଉପର୍ଜ୍ଜନା କରିବା - ଜୀବନର ଲକ୍ଷ୍ୟ ପ୍ରତ୍ୟେକ ଦିନ ଭଲ ମଣିଷଟେ ହେବାକୁ ଚେଷ୍ଟା କରିବା ଭଳି ଗୁରୁମନ୍ତ୍ର ସମେତ ଅନେକ ଉପାଦେୟ ଉଦାହରଣ ସହ ବକ୍ତବ୍ୟ ରଖିଥିଲେ । ଏହି ସମାରୋହରେ ସମ୍ମାନିତ ଅତିଥି ଭାବରେ ଉଦଳା ବ୍ଲକ ଅଧ୍ୟକ୍ଷା ମଞ୍ଜୁଲତା ବିଶ୍ୱାଳ, ମହାବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଚିନ୍ତାମଣି ମହାନ୍ତ, ମହାବିଦ୍ୟାଳୟର ପୁରାତନ ଛାତ୍ର ସଙ୍ଗଠନର ସଭାପତି ସଚ୍ଚିଦାନନ୍ଦ ପରିଡ଼ା ପ୍ରମୁଖ ଯୋଗଦେଇ ମହାବିଦ୍ୟାଳୟ ଉନ୍ନତିରେ ସହଯୋଗ କରିବାକୁ ମତ ଦେଇଥିଲେ । ଏହି ଅବସରରେ ରସାୟନ ବିଜ୍ଞାନର ବିଶ୍ୱବିଦ୍ୟାଳୟ ଟପ୍ପର ସସ୍ମିତା ପରିଡ଼ା, ବିଜ୍ଞାନ ବିଭାଗର ସର୍ବୋଚ୍ଚ ନମ୍ବର ରଖିଥିବା ଛାତ୍ରୀ ଏନ. ଅନ୍ୱେଷା, +୨ସ୍ତରରେ ସର୍ବୋଚ୍ଚ ନମ୍ବର ରଖିଥିବା ରମେଶ ଚନ୍ଦ୍ର ଖଣ୍ଡେଇ, ସଞ୍ଜିବ କୁମାର ବେହେରା, ସେଲିନା ଟୁଡୁ ପ୍ରମୁଖଙ୍କୁ ସମ୍ବୋର୍ଦ୍ଧିତ କରାଯାଇଥିଲା । ମଞ୍ଚ ପରିଚାଳନାରେ ଅଧ୍ୟାପକ ସୌମେନ୍ଦ୍ର କୁମାର ଦାଶ, ଅଧ୍ୟାପିକା ଡ଼ଃ ମିନାକ୍ଷୀ ପରିଡ଼ା, ଅଧ୍ୟାପକ ଗୋଲକ ବିହାରୀ ନାଏକ, ଅଧ୍ୟାପିକା ଡ଼ଃ ପୂର୍ଣ୍ଣିମା ପରୀକ୍ଷା ଏବଂ ହେଲିନା ଦାସ ପ୍ରମୁଖ ସହଯୋଗ କରିଥିଲେ। ଏହା ବ୍ୟତୀତ ସମସ୍ତ ଶିକ୍ଷକ ଓ ଅଣଶିକ୍ଷକ କର୍ମଚାରୀ ତଥା ମହାବଦ୍ୟାଳୟର ଏନ.ସି.ସି., ଏନ.ଏସ.ଏସ., ରେଡ଼କ୍ରସର ଛାତ୍ରଛାତ୍ରୀମାନେ ଏହି କାର୍ଯ୍ୟକ୍ରମକୁ ସାଫଲ୍ୟ ମଣ୍ଡିତ କରାଇଥିଲେ । ଅଧ୍ୟାପକ ସୁଧାକର ଆଚାର୍ଯ୍ୟ ଧନ୍ୟବାଦ ଅର୍ପଣ କରିଥିଲେ ।

## ଓଡ଼ିଶା ଜୁନିଅର ବାଳିକା ଫୁଟବଲ ପାଇଁ ଖେଳିବେ ଦେବଗଡର ଝିଅ ପ୍ରୀୟାମଝି

**ଦେବଗଡ଼,(ମହାଭାରତ) :** ଭାରତୀୟ ଫୁଟବଲ ସଂଘ ଆନୁକୂଲ୍ୟରେ ଅଗଷ୍ଟ ୧୨.୦୮.୨୦୨୪ଠାରୁତା.୨୫.୦୮.୨୦୨୪ ପର୍ଯ୍ୟନ୍ତ ଆନ୍ଧ୍ରପ୍ରଦେଶର ଅନନ୍ତପୁର ଠାରେ ଆୟୋଜିତ ହେବାକୁଥିବା ଜୁନିୟର ବାଳିକା ଫୁଟବଲ ଜାତୀୟ ଚମ୍ପିୟାନଶିପ ଫୁଟବଲରେ ଦେବଗଡ଼ର ବାଳିକା ପ୍ରିୟା ମାଝୀ ମନୋନୀତ ହୋଇଛନ୍ତି । ସେ ଦୀର୍ଘ ୨ ବର୍ଷ ହେବ ଦେବଗଡ଼ ସ୍ଥିତ ଶିଶୁ ଗୃହରେ ରହି ପାଠ ପଢ଼ିବା ସହ ତାଙ୍କର ଖେଳ ଅଭ୍ୟାସ ଜାରି ରଖିଥିଲେ । ଜିଲ୍ଲା କ୍ରୀଡ଼ା ସଂସଦ ର ପ୍ରତକ୍ଷ ତତ୍ତ୍ୱାବଧାନ ସହିତ ବାଳିକା ଫୁଟବଲ ପ୍ରଶିକ୍ଷକ ଶ୍ରୀ କିଶୋର ବେହେରାଙ୍କ ଅଧିନରେ ନିଜର ଅଭ୍ୟାସ ଜାରି ରହି ଆଜି ଓଡ଼ିଶା ପାଇଁ ମନୋନୀତ ହୋଇ ଦେବଗଡ଼ ଜିଲ୍ଲା ପାଇଁ ଗୌରବ ଆଣି ଦେଇଛନ୍ତି। ଏଥି ପାଇଁ ଜିଲ୍ଲା କ୍ରୀଡ଼ା ସଂସଦ ସମେତ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଅଭିନନ୍ଦନ ଜ୍ଞାପନ କରାଯିବା ସହ ତାଙ୍କର ସଫଳ କାମନା କରାଯାଇଛି ।



## କ୍ଷୁଦ୍ର ଜଳ ସେଚନ ବିଭାଗର କାର୍ଯ୍ୟରତ କର୍ମଚାରୀଙ୍କ ବଦଳି କେବେ ?

**ଗଜପତି,(ମହାଭାରତ) :** ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡି ରେ ଥିବା କ୍ଷୁଦ୍ର ଜଳ ସେଚନ ବିଭାଗ ର କାର୍ଯ୍ୟ ରତ କର୍ମଚାରୀ ଙ୍କ ଦୀର୍ଘ ଦିନ ହେଲା ବଦଳୀ ହୋଇ ନ ଥିବା ଦେଖିବକୁ ମିଳିଛି। ବିଶେଷ କରି କ୍ଷେତ୍ର କର୍ମଚାରୀ ଦୀର୍ଘ ବର୍ଷ ହେବ ବଦଳୀ ହୋଇ ନାହିଁ ସେହି ପରି ଅଫିସରେ କାର୍ଯ୍ୟରତ କର୍ମଚାରୀ ମଧ ଦୀର୍ଘ ବର୍ଷ ହେଲା କର୍ଯ୍ୟରତ ଥିବାର ଦେଖିବା କୁ ମିଳିଛି। ଯାହା ଫଳରେ ସ୍ୱଚ୍ଛତା ଉପରେ ପ୍ରଶ୍ନ ବାଚି ସୃଷ୍ଟି କରିଛି ? ପ୍ରକାଶ ଥାଉକି ସରକାରୀ ନିୟମ ଅନୁଯାୟୀ ୩ ବର୍ଷ ହୋଇଗଲେ ବଦଳୀ ହେବା କଥା କିନ୍ତୁ କିଛି କର୍ମଚାରୀ ୧୦ ବର୍ଷ ରୁ ଉର୍ଦ୍ଧ୍ୱ ମଧ କାର୍ଯ୍ୟ କରୁଛନ୍ତି। ସରକାରୀ ନିୟମ କାର୍ଯ୍ୟକାରୀ ହେଉ ନାହିଁ। ଯାହା ଫଳରେ ସ୍ୱଚ୍ଛ ତା ଉପରେ ପ୍ରଶ୍ନ ବାଚି ସୃଷ୍ଟି କରିଛି ? କର୍ମଚାରୀ ଙ୍କୁ ତୁରନ୍ତ ବଦଳି କରିବକୁ ସାଧାରଣ ରେ ଦାବୀ ହେଉଛି।

## ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ଶିବିର

**ହିଞ୍ଜିଳିକାଟୁ,(ମହାଭାରତ) :** ଗଞ୍ଜାମ ଜିଲ୍ଲାର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ତଥା ହିଞ୍ଜିଳିକାଟୁ ବ୍ଲକ୍ ପୋଡିଙ୍ଗି ପଲ୍ଲୀ ବିକାଶ ଅନୁଷ୍ଠାନ ପକ୍ଷରୁ ରବିବାର ଅନୁଷ୍ଠାନ କାର୍ଯ୍ୟାଳୟ ପରିସରରେ ଏକ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟ ଅତିଥିଭାବେ ସ୍ୱାସ୍ଥ୍ୟ ବିଭାଗ ଶ୍ୟାମଘନ ବିଶ୍ୱାଳ ଯୋଗଦେଇ ଆନୁଷ୍ଠାନିକ ଭାବେ ଶୁଭ ଉଦଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ବିଜୁ ପଟ୍ଟନାୟକଙ୍କ ହୋମିଓପାଥି ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷ ଡାକ୍ତର ପ୍ରଶାନ୍ତ ପତି, ସିତାକାନ୍ତ ପାତ୍ର, କିରଣ ପାଢ଼ି, ସୁବାଷ ପାଣିଗ୍ରାହୀ ପ୍ରମୁଖ ଯୋଗ ଦେଇଥିଲେ। ଆୟୋଜିତ ଶିବିରରେ ଫାର୍ମାସିଷ୍ଟ କୁଶ ମହାରଣା, ଜିତେନ୍ଦ୍ର ଦଳାଇ, ସମ୍ବିତ ସାବତ, ଶାନ୍ତନୁ ସାବତ ପ୍ରମୁଖ ଉପସ୍ଥିତ ରହି ବୁରୁପୋଡା ପଞ୍ଚାୟତ ସମେତ ନିକଟବର୍ତ୍ତୀ ଅଞ୍ଚଳର ୨ ଶହରୁ ଉର୍ଦ୍ଧ୍ୱ ରୋଗୀଙ୍କ ରକ୍ତଚାପ, ମଧୁମେହ ସମେତ ବିଭିନ୍ନ ରୋଗର ଚିକିତ୍ସା ସହ ମାଗଣା ଔଷଧ ବିତରଣ କରାଯାଇଥିଲା। ସମ୍ପାଦକ ସଞ୍ଜୟ କୁମାର ପଣ୍ଡା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କାହ୍ନୁ ବେହେରା, ଜନାର୍ଦ୍ଦନ ପାଢ଼ି, ଚିନ୍ମୟ ଗୌଡ, କାହ୍ନୁ ବିଷୋୟୀ, ଦିପକ ବେହେରା, ବିନୋଦ ଗୌଡ, କିଶୋର ବେହେରା, ବିଚିତ୍ର ପଣ୍ଡା, ଦିପକ ସେନାପତି, ପ୍ରକାଶ ସାହୁ, ହରିବନ୍ଧୁ ନାୟକ ପ୍ରମୁଖ ସହଯୋଗ କରିଥିଲେ।

## ଧର୍ମ ସଂସ୍କୃତି ଓ ସାହିତ୍ୟରେ ଶ୍ରୀଜଗନ୍ନାଥ ପୁସ୍ତକ ଲୋକାର୍ପିତ

**ହିନ୍ଦୋଳ,(ମହାଭାରତ) :** ହିନ୍ଦୋଳ ଉପଖଣ୍ଡ ଅନ୍ତର୍ଗତ ରାସୋଳ ପର୍ଶୁରାମପୁର ସ୍ଥିତ ସରସ୍ୱତୀ ଶିଶୁବିଦ୍ୟାମନ୍ଦିର ପରିସର ରେ ୧୧ ତାରିଖ ରବିବାର ଅଖିଳ ଭାରତୀୟ ସାହିତ୍ୟ ପରିଷଦ ହିନ୍ଦୋଳ ଶାଖା ଆନୁକୁଲ୍ୟରେ 'ପ୍ରଥମ ଶ୍ରାବଣୀ ଉତ୍ସବ ' ଅନୁଷ୍ଠିତ ହୋଇଯାଇଛି । ଏଥି ନିମନ୍ତେ ଅନୁଷ୍ଠିତ ପ୍ରଥମ ସତ୍ର ରେ ଅଖିଳ ଭାରତୀୟ ସାହିତ୍ୟ ପରିଷଦ ଢେଙ୍କାନାଳର ଜିଲ୍ଲା ଉପସଭାନେତ୍ରୀ ପ୍ରଭାତି ମହାପାତ୍ରଙ୍କ ପୌରହିତ୍ୟରେ ଓଡିଶା ସାହିତ୍ୟ ଏକାଡେମୀର ପ୍ରାକ୍ତନ କାର୍ଯ୍ୟକାରିଣୀ ସଦସ୍ୟ କବି ବାହାଦୁର ପାଟସାହାଣୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ସରସ୍ୱତୀ ଶିଶୁ ମନ୍ଦିର ପ୍ରଧାନ ଆଚାର୍ଯ୍ୟ ପ୍ରତାପ କୁମାର ରଥ ଓ ଅଧ୍ୟାପକ ମଙ୍ଗରାଜ ମହାପାତ୍ରଙ୍କ ମଳିତ ସଂଯୋଜନାରେ ଅଭିଭକ୍ତ ଅନୁଗୁଳ ଓ ଢେଙ୍କାନାଳ ଜିଲ୍ଲାର ୫୦ ଜଣ କବି କବୟତ୍ରୀ ଉକ୍ତ କାର୍ଯ୍ୟକ୍ରମରେ ଯୋଗଦେଇ ଅନୁଷ୍ଠିତ କବିତା ପାଠୋତ୍ସବରେ ସ୍ୱରଚିତ କବିତା ପାଠ କରିଥିଲେ । ଏହାପରେ ଅଖିଳ ଭାରତୀୟ ସାହିତ୍ୟ ପରିଷଦର ସଭାପତି ଡ. ଦୂର୍ଗା ମାଧବ ପୃଷ୍ଟିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ୨ୟ ସତ୍ରରେ ମୁଖ୍ୟ ବକ୍ତା ଏବଂ ସମୀକ୍ଷକ ଭାବେ ବିଶିଷ୍ଟ କବି ଓ ପ୍ରାବନ୍ଧିକ ପ୍ରଫେସର ରମେଶ ଚନ୍ଦ୍ର ସାହୁ , ସମ୍ମାନିତ ଅତିଥିଭାବେ ପ୍ରାଧାପକ ମୁରଲୀ କିଶୋର ଜେନାମଣି, ଗେଙ୍ଗୁଟିଆ ଆଞ୍ଚଳିକ ମହାବିଦ୍ୟାଳୟ ର ଅବସରପ୍ରାପ୍ତ ଅଧ୍ୟକ୍ଷା ଡ. କବିତା ମହାନ୍ତି, ରାମକୃଷ୍ଣ ତ୍ରିପାଠୀ ପ୍ରମୁଖ ଯୋଗଦେଇ ସାହିତ୍ୟ ସମାଜର ସଂସ୍କୃତି ଓ ପରମ୍ପରାକୁ ବଞ୍ଚେଇ ରଖିବା ସହ ଆମକୁ ପ୍ରତିଭା ଅନ୍ୱେଷଣରେ ସହାୟ ହୋଇଥାଏ ବୋଲି ମଞ୍ଚାସିନ ଅତିଥିବୃନ୍ଦ ମତବ୍ୟକ୍ତ କରିବା କରିଥିଲେ । ଅଖିଳ ଭାରତୀୟ ସାହିତ୍ୟ ପରିଷଦ ର ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପ୍ରମୋଦ କୁମାର ପରିଡା ମଞ୍ଚ ପରିଚାଳନା କରିଥିଲେ । ସଦାନନ୍ଦ ପରିଡା ପ୍ରାରମ୍ଭରେ ଜଗନ୍ନାଥ ସ୍ତୁତି ପଠନ କରି ଆଧାତ୍ମିକ ପରିବେଶରେ ସ୍ୱଭାବ କବି ଗଙ୍ଗାଧର ମେହେର ଙ୍କ ଜୟନ୍ତି ଉତ୍ସବ ପାଳନର ଶୁଭାରମ୍ଭ କରିଥିଲେ ଏବଂ ମଞ୍ଚାସୀନ ଅତିଥିବୃନ୍ଦ ସାହିତ୍ୟ ଜଗତକୁ କବି ଗଙ୍ଗାଧର ମେହେର ଙ୍କ ଅବଦାନ ସଂପର୍କରେ ଆଲୋକପାତ କରିଥିଲେ । ଏହି ଅବସର ରେ ଦୂର୍ଗାମାଧବ ପୃଷ୍ଟିଙ୍କ ଗଙ୍ଗାଧର ସାହିତ୍ୟ ସମୀକ୍ଷା ଓ ପ୍ରାବନ୍ଧିକ ରମେଶ ଚନ୍ଦ୍ର ସାହୁଙ୍କ ଦ୍ୱାରା ରଚିତ ' ଓଡିଶାର ଧର୍ମ ସଂସ୍କୃତି ଓ ସାହିତ୍ୟରେ ଶ୍ରୀଜଗନ୍ନାଥ 'ପୁସ୍ତକ ଲୋକାର୍ପଣ ହୋଇଥିଲା ।ଶେଷରେ ଅଖିଳଭାରତୀୟ ସାହିତ୍ୟ ପରିଷଦ ହିନ୍ଦୋଳ ଶାଖା ନିମନ୍ତେ ସର୍ବ ସମ୍ମତି କ୍ରମେ ସଭାପତି ଭାବେ ପ୍ରାବନ୍ଧିକ ଦଣ୍ଡଧର ପତି , ଉପସଭାପତି ଭାବେ ମୁରଲି କିଶୋର ଜେନାମଣି , ସସ୍ମିତା ପଟନାୟକ, ସଂପାଦକ ଭାବେ ବିନୟ ସାମଲ, ସହସଂପାଦକ ଭାବେ ମଙ୍ଗରାଜ ପ୍ରଧାନ , ସଂଗଠନ ସଂପାଦକ ସନ୍ତୋଷ କୁମାର ସାହୁ , କୋଷାଧ୍ୟକ୍ଷ ଭାବେ ଅଖିଳ କୁମାର ପୃଷ୍ଟି , କାର୍ଯ୍ୟକାରିଣୀ ସଦସ୍ୟ ଭାବେ ରମେଶ ଚନ୍ଦ୍ର ସାହୁ, ସତ୍ୟଭାମା ମିଶ୍ର , ପ୍ରମୋଦ କୁମାର ସାମଲ ଓ ଲିଙ୍କୁ ପତିଙ୍କୁ ମନୋନୟନ କରାଯାଇଥିଲା ଏବଂ ସାହିତ୍ୟିକ ଅଖିଳ ପୃଷ୍ଟି ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।



## ଗୁରାଣ୍ଡି ଗ୍ରାମର ପ୍ରାଣୀ ଚିକିତ୍ସାଳୟରେ ପଶୁଧନ ଜାଗୃତି ଅଭିଯାନ



**ଗଜପତି,(ମହାଭାରତ) :** ଜିଲ୍ଲା ଗୋଶାଣୀ ବ୍ଲକ ଅନ୍ତର୍ଗତ ଗୁରାଣ୍ଡି ପଞ୍ଚାୟତର ଗୁରାଣ୍ଡି ଗ୍ରାମରେ ଥିବା ଗୁରାଣ୍ଡି ପଶୁ ଚିକିତ୍ସାଳୟରେ ଗୋବନ୍ଧ୍ୟା ଚିକିତ୍ସା ଶିବିର ଓ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବ୍ଲକ୍ ଅଧକ୍ଷ ଏନ ବୀରରାଜୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି ଶୁଭାରମ୍ଭ କରିଥିଲେ। ଅନ୍ୟ ସମ୍ମାନିତ ଅତିଥି ଭାବେ ଉକ୍ତ ରମାକାନ୍ତ ରାଣା ମୟଙ୍କଙ୍କ , ଡକ୍ଟର ବିଦ୍ୟୁତ ଶେଖର ମିଶ୍ରମୁଖ୍ୟ ପ୍ରାଣୀ ଚିକିତ୍ସକ,ଅତିରିକ୍ତ ଜିଲ୍ଲା ପ୍ରାଣୀ ଚିକିତ୍ସା ଅଧିକାରୀ ଡକ୍ଟର ଶ୍ରୀକାନ୍ତ ଖଟୁଆ, ଡକ୍ଟର ଶୁଭଙ୍କର ସେଠୀ ଇଡ ରୋଗ ନିରାକରଣ, ପ୍ରାଣୀ ଚିକିତ୍ସା ଅଧିକାରୀ ଗୁରାଣ୍ଡି ଦିଲ୍ଲୀପ କୁମାର ସାହୁ,ଡକ୍ଟର ପ୍ରଭଞ୍ଜନ କୁମାର ପ୍ରଧାନ, ପ୍ରମୁଖ ମଞ୍ଚାସିନ ଥିଲେ ।ଡକ୍ଟର ଲୀନା ମହାନ୍ତି ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ ।ଅତିଥି ମାନେ ଗୋ ପାଳନର ଉପକାରୀତା ଉପରେ ନିଜର ମତବ୍ୟକ୍ତ କରିଥିଲେ। ଏହି କାର୍ଯ୍ୟକ୍ରମ ଗୋ ପାଳକ ମାନେ ଉପସ୍ଥିତ ଥିଲେ। ଗଜପତି ରୁ ବିବେକାନନ୍ଦ ବେହେରା

## ଜି.ସନୁକ ରାଓଙ୍କୁ ଜିଲ୍ଲା ପ୍ରଶାସନ ତରଫରୁ ଉଚ୍ଚ ଶିକ୍ଷା ନିମନ୍ତେ ଆର୍ଥିକ ସହାୟତା ପ୍ରଦାନ



**ଗଜପତି,(ମହାଭାରତ) :** ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀଙ୍କ ନିର୍ଦ୍ଦେଶ ମୁତାବକ ଆଜି ଗଜପତି ଜିଲ୍ଲା ପ୍ରଶାସନ ତରଫରୁ ଜି ସାନୁକ ରାଓଙ୍କୁ ମୁଖ୍ୟ ମନ୍ତ୍ରୀ ରିଲିଫ୍ ପାଣ୍ଠିରୁ ଉଚ୍ଚ ଶିକ୍ଷା ନିମନ୍ତେ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ବାପାଙ୍କ ଦେହାନ୍ତ ପରେ ଆର୍ଥିକ ସ୍ଥିତି ସଚ୍ଛଳ ନଥିବା ହେତୁ ଉଚ୍ଚ ଶିକ୍ଷା ପାଇଁ ପାଠପଢିବାକୁ ଅସମର୍ଥ, ହେଉଥିଲେ। ସେଥିପାଇଁ ସନୁକ ଆର୍ଥିକ ସହାୟତା ନିମନ୍ତେ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରିଥିଲେ। ଫଳ ସ୍ୱରୂପ ମାନ୍ୟବର ମୁଖ୍ୟମନ୍ତ୍ରୀ ସନୁକଙ୍କ ଅନୁରୋଧ ରକ୍ଷା କରି ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ଆର୍ଥିକ ସହାୟତା ପ୍ରଦାନ ନିମନ୍ତେ ନିର୍ଦ୍ଦେଶ ଦେଇଥିଲେ । ଏହି ପରିପ୍ରେକ୍ଷୀରେ ଆଜି ଜିଲ୍ଲାପାଳ ଶ୍ରୀଯୁକ୍ତ ସ୍ମୃତି ରଞ୍ଜନ ପ୍ରଧାନ ୧୫ ହାଜର ଟଙ୍କାର ଚେକ ପ୍ରଦାନ କରିଛନ୍ତି। ଏହି ଆର୍ଥିକ ସହାୟତା ଫଳରେ ସନୁକ ଆଗକୁ ଉତ୍ତମ ପାଠପଢିବା ସହିତ ନିଜର ଲକ୍ଷ ପୁରଣ କରିପାରିବେ ବୋଲି ଜିଲ୍ଲାପାଳ କହିଛନ୍ତି । ସୂଚନା ଯେ,ସନୁକ ରାଓ ପାରଳାଖେମୁଣ୍ଡି ସ୍ଥିତ ଜଙ୍ଗମ୍ ସାହି ବାସିନ୍ଦା ଅଟନ୍ତି। ସେ ଶ୍ରୀ କୃଷ୍ଣ ଚନ୍ଦ୍ର ଗଜପତି ସ୍ୱୟଂସ୍ୱାଶିତ ମହାବିଦ୍ୟାଳୟ +୨ ର ଛାତ୍ର ଅଟନ୍ତି । ଏହି ଆର୍ଥିକ ସହାୟତା ପ୍ରଦାନ ସମୟରେ ଅନ୍ୟ ମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀଯୁକ୍ତ ରାଜେନ୍ଦ୍ର ମିଞ୍ଜ, ଛେଳିଗଡ଼ ସ୍ୱତନ୍ତ୍ର ଭୂ-ଅଧିଗ୍ରହଣ ଅଧିକାରୀ ଶ୍ରୀଯୁକ୍ତ ରବୀନ୍ଦ୍ର କହଁର,ଡେପୁଟୀ କଲେକ୍ଟର ଶ୍ରୀ କମଳକାନ୍ତ ପଣ୍ଡା ସମେତ ଅନ୍ୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

## ଜିଲ୍ଲାସ୍ତରୀୟ ଜାତୀୟ କୃମିନାଶକ ଦିବସ କାର୍ଯ୍ୟକ୍ରମ

**ଭବନୀପାଟଣା,(ମହାଭାରତ) :** କଳାହାଣ୍ଡି ଜିଲ୍ଲା ସ୍ୱାସ୍ଥ୍ୟ ସମିତି ଆନୁକୂଲ୍ୟରେ " ଜାତୀୟ କୃମିନାଶକ କାର୍ଯକ୍ରମ" କୁ ଶ୍ରୀ ସତ୍ୟ ସାଇ ବିଦ୍ୟା ମନ୍ଦିର ଭବନୀପାଟଣା ଠାରୁ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡଃ. ସୁଚେତା ପାଣି ଙ୍କ ତତ୍ୱାବଧାନରେ ଶୁଭାରମ୍ଭ କରାଯାଇଛି । ଏହି କାର୍ଯକ୍ରମରେ ଏ ଡି ପି ଏଚ ଓ ଡଃ. ନିହାରେନ୍ଦ୍ର ପଣ୍ଡା , ଡି ଆଇ ପି ଆର୍ ଓ ମନୋଜ କୁମାର ବେହେରା, ଡି ପି ଏମ ( ଏନ୍ଏଚଏମ) ଭବାନୀ ଶଙ୍କର ସାହୁ , ଡି ପି ଏଚ ସି ଓ ଶ୍ରୀମତୀ ଭାରତୀ ବ୍ରହ୍ମା ଏବଂ ବିଦ୍ୟାଳୟ ଅଧ୍ୟକ୍ଷ ଡ ଉମେଶ ଚନ୍ଦ୍ର ଶତପଥୀ ଯୋଗ ଦେଇଥିଲେ । ବର୍ଷ କୁ ଦୁଇ ଥର ହେଉଥିବା ଏହି କୃମିନାଶକ କାର୍ଯକ୍ରମଟି ଜିଲ୍ଲାର ସମସ୍ତ ବ୍ଲକ ରେ ଆଜି ଅଗଷ୍ଟ ୧୦ ତାରିଖରେ ଆରମ୍ଭ ହୋଇ ଅଗଷ୍ଟ ୧୭ ତାରିଖରେ ସମାପ୍ତ ହେବ । ଉକ୍ତ ସମୟ ମଧ୍ୟରେ ଜିଲ୍ଲାର ପ୍ରତ୍ୟେକ ଚିକିତ୍ସାଳୟ ଯଥା ସି ଏଚ ସି, ପି ଏଚ ସି , ଆୟୁଷ୍ମାନ ଆରୋଗ୍ୟ କେନ୍ଦ୍ର,ଅଙ୍ଗନବାଡି କେନ୍ଦ୍ର ଏବଂ ସରକାରୀ ଓ ବେସରକାରୀ ବିଦ୍ୟାଳୟ ମାନଙ୍କର ୧ ରୁ ୧୯ ବର୍ଷର ପ୍ରତ୍ୟେକ ଶିଶୁ , କିଶୋର ଏବଂ କିଶୋରୀ ବାଳକ , ବାଳିକା ତଥା ଗର୍ଭବତୀ ମା ମାନଙ୍କୁ ଆଲବେଣ୍ଡାଯୋଲ୍ ବଟିକା ଖୁଆଇ କୃମିନାଶକ ପାଇଁ ସହଯୋଗ କରାଯିବ। ଏହାର ମୁଖ୍ୟ ଉଦ୍ଦେଶ୍ୟ ହେଲା ଏସ ଟି ଚ ପାରାସାଇଟ ନାମକ ପରଜୀବୀ ଯାହାକି ଶିଶୁ , କିଶୋର ଏବଂ କିଶୋରୀ ମାନଙ୍କ ସ୍ୱାସ୍ଥ୍ୟ ଓ ପୁଷ୍ଟି ସାଧନରେ ବାଧକ ସାଜୁଛି ଏବଂ କୃମିକୁ ପେଟରୁ ସମ୍ପୂର୍ଣ ରୂପେ ନାଶ କରିବା ଏବଂ ଉତ୍ତମ ସ୍ୱାସ୍ଥ୍ୟପାଇଁ ଏହି ବଟିକା ଖାଇବା। ବକ୍ତା ମାନେ ନିଜ ବକ୍ତବ୍ୟ ରେ ପିତା ମାତା ନିଜ ନିଜ ଶିଶୁ ମାନଙ୍କ ଭଲ ସ୍ୱାସ୍ଥ୍ୟପାଇଁ ଏହି ବଟିକା ନିଶ୍ଚୟ ଖୁଆଇବା ,ହାତ ଧୋଇବା ଓ ପାଦ ରେ ଚପଲ କିମ୍ବା ଜୋତା ପିନ୍ଧିବାକୁ ଗୁରୁତ୍ୱ ଦେଲେ ଏହି ଜାତୀୟ କୃମି ନାଶକ ଦିବସ ର ଉଦ୍ଦେଶ୍ୟ ସାଧିତ ହେବ ବୋଲି ପ୍ରକାଶ କରିଥଲେ। ବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀଙ୍କୁ ଆଲବେଣ୍ଡାଯୋଲ ଖୁଆଇ କାର୍ଯକ୍ରମକୁ ସମାପ୍ତ କରାଗଲା ।



## ଫାଇଲେରିଆ ନିରାକରଣ ନେଇ ଔଷଧ ସେବନ ସପ୍ତାହ ଆରମ୍ଭ



**ଆସିକା,(ମହାଭାରତ) :** ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଫାଇଲେରିଆ ନିରାକରଣ ସକାଶେ ଔଷଧ ସେବନ ସପ୍ତାହ ଆଜି ଅର୍ଥାତ୧୦ ଅଗଷ୍ଟ ଠାରୁ ୧୯ ଅଗଷ୍ଟ ପର୍ଯ୍ୟନ୍ତ ପାଳିତ ହେବ। ଏହି ଆନୁକୂଲ୍ୟରେ ଆସିକା ଉପଖଣ୍ଡ ଚିକିତ୍ସାଳୟ ଠାରେରେ ଫାଲେରିଆ ନିରାକରଣ ନିମନ୍ତେ ସାମୁହିକ ଔଷଧ ସେବନ କାର୍ଯ୍ୟକ୍ରମ ଆରମ୍ଭ ହୋଇଯାଇଛି । ଆସିକା ବିଧାୟକ ସରୋଜ କୁମାର ପାଢ଼ୀ ଏହି ଔଷଧ ସେବନ କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଛି । ଆସିକା ବିଜ୍ଞାପିତ ଅଞ୍ଚଳ ପରିଷଦର ର ୧୮ ଗୋଟି ୱାର୍ଡ ୨୩ ହଜାର ଲୋକଙ୍କୁ ଏହି ବଟିକା ସେବନ କରାଇବା ସକାଶେ ୧୨ ଜଣ ଆଶା, ୨୬ ଅଙ୍ଗନବାଡି କର୍ମୀ, ମହିଳା ସ୍ୱାସ୍ଥ୍ୟ କର୍ମୀ ନିୟୋଜିତ ହୋଇଛନ୍ତି। ଆଜିର ଏହି ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅ୍ବସରପ୍ରାପ୍ତ ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡାକ୍ତର ଘନଶ୍ୟାମ ବିଶ୍ୱାଳ, ଉପଖଣ୍ଡ ଚିକିତ୍ସାଳୟ ଅଧିକ୍ଷକ ଡାକ୍ତର ବାଲଗୋପାଳ ବେହେରା,ଡାକ୍ତର ସୋମ୍ୟଶ୍ରୀ ସାହୁ,ଭିଡିଏମ ସୁନୀଲ କୁମାର ଘଡେଇ, ସ୍ୱାସ୍ଥ୍ୟ କର୍ମୀ ସରସ୍ୱତୀ ରାଓ, ଶ୍ରାବଣୀ ନାହାକ, ଅମିତ ଶତପଥୀ, ବରିଷ୍ଠ ବିଜେପି ନେତା ବିଜୟ ସ୍ୱାଇଁ, ନିରଞ୍ଜନ ମହାନ୍ତି, ସଂଗୀତ ପାଢ଼ୀ, ସମ୍ବିତ ପାଢ଼ୀ, ସୁଶାନ୍ତ ପାତ୍ର, ବାଇଧର ପାତ୍ର, ନାରାୟଣ ମୁନି, ସୁଶାନ୍ତ ପାତ୍ର, ହରିହର ରେଡି,ପ୍ରମୁଖ ଉପସ୍ଥିତ ଥିଲେ।



# ମହାଭାରତ ଅଞ୍ଚଳ କଥା

ଆପଣା ମାଟିର କଥା ଓ ବ୍ୟଥା






## ପାରାଦୀପ ଇଫକୋ କର୍ମଚାରୀ ସଙ୍ଘ ନିର୍ବାଚନ ଅନୁଷ୍ଠିତ

# ପ୍ରଶାନ୍ତ ସ୍ୱାଇଁ ସଭାପତି



ପାରାଦୀପ, (ଭାସ୍କର ନ୍ୟୁଜ) : ପାରାଦୀପ ସ୍ଥିତ ଇଫକୋ ସାରକାରଖାନା କର୍ମଚାରୀ ସଙ୍ଘ ର ୨୦୨୪ -୨୦୨୭ ବର୍ଷ ପାଇଁ ନିର୍ବାଚନ ଶୃଙ୍ଖଳାର ସହ ଅନୁଷ୍ଠିତ ହୋଇଯାଇଛି । ପ୍ରତି ତିନି ବର୍ଷରେ ଅନୁଷ୍ଠିତ ଚଳିତ ନିର୍ବାଚନ ରେ ପ୍ରଶାନ୍ତ କୁମାର ସ୍ୱାଇଁ ସଭାପତି ଭାବେ ନିର୍ବାଚିତ ହୋଇଥିବା ବେଳେ ତୃପ୍ତି ରଞ୍ଜନ ପୁହାଣ ସାଧାରଣ ସମ୍ପାଦକ, ସୁରେନ୍ଦ୍ର ବୈଠା,କାର୍ଯ୍ୟକାରୀ ସଭାପତି, ସ୍ମୃତି ରଞ୍ଜନ ଜେନା, ଉପସଭାପତି, କାଳି ଚରଣ ପାଢ଼ୀ, ଯୁଗ୍ମ ସମ୍ପାଦକ, ପ୍ରବୀର କୁମାର ପ୍ରଧାନ, ସଂଗଠନ ସମ୍ପାଦକ, ପ୍ରଦୀପ୍ତ କୁମାର ସ୍ୱାଇଁ, ପ୍ରଚାର ପ୍ରସାର ସମ୍ପାଦକ ଏବଂ ବ୍ରହ୍ମାନନ୍ଦ ଦାସ କୋଷାଧ୍ୟକ୍ଷ ଭାବେ ନିର୍ବାଚିତ ହୋଇଛନ୍ତି । ସେହିପରି କାର୍ଯ୍ୟକାରୀ କମିଟି ସଦସ୍ୟ ଭାବେ ରତନ କୁମାର ମାଇତି, ଉମେଶ ଚରଣ ସେଠୀ, ସୁକାନ୍ତ ସ୍ୱାଇଁ, ଦୀପକ କୁମାର ବୋଇତି, ଅସିତ କୁମାର ବିଶ୍ୱାଳ, ନରେନ୍ଦର ସିଂହ, କରୁଣାକର ସାହୁ, ଧିରେନ କୁମାର ସାହୁ, ଶ୍ରୀଶ ଚନ୍ଦ୍ର ମିଶ୍ର, ରାଜ କୁମାର ପ୍ରସାଦ ଏବଂ ସୁଧାଂଶୁ ପଟ୍ଟନାୟକ ନିର୍ବାଚିତ ହୋଇଛନ୍ତି । ନିର୍ବାଚନ ଫଳାଫଳ ଘୋଷଣା ପରେ ଇଫକୋ ପାରାଦୀପ ୟୁନିଟ ମୁଖ୍ୟ ତଥା ନିର୍ଦ୍ଦେଶକ କେ.ଜେ.ପଟେଲ ୟୁନିୟନର ସମସ୍ତ ନୂତନ ନିର୍ବାଚିତ ସଦସ୍ୟଙ୍କୁ ଅଭିନନ୍ଦନ ଜଣାଇବା ସହ କର୍ମଚାରୀଙ୍କ କଲ୍ୟାଣ ସହିତ କାରଖାନାର ଉଲ୍ଲେଖନୀୟ ଅଗ୍ରଗତି ପାଇଁ ସହଯୋଗର କାମନା କରିଛନ୍ତି।

# ପ୍ରଦୂଷଣରେ ଭରା କଳିଙ୍ଗନଗର

## ଦିନ ହେଉବା ରାତି ଧୂଳିଧୂଆଁ ଆମସାଥୀ

ଦ ନ ଗ ଦ ି : (ମହାଭାରତ)ଯାଜପୁର କଳିଙ୍ଗନଗର ରେ ଦିନକୁ ଦିନ ବାୟୁମଣ୍ଡଳ ଦୂଷିତ ହେବାକୁ ଲାଗିଥିବା ବେଳେ ,କାରଖାନା ମାନ ବୃଦ୍ଧି ଘଟିବାରେ ଲାଗି ଛୋଟ ବଡ଼କି ୨୦ରୁ ଉର୍ଦ୍ଧ କାରଖାନା କଳିଙ୍ଗନଗରରେ ସ୍ଥାପନ ହୋଇ କାର୍ଯ୍ୟରତ ହୋଇଅଛ। କାରଖାନା କୁ ପ୍ରତିଦିନ ହଜାର ହଜାର ସଂଖ୍ୟାର ମାଲ୍ ବୋଝେଇ ଗାଡ଼ି ସାଙ୍ଗକୁ ଦଶ ହଜାରରୁ ଉର୍ଦ୍ଧ ଗାଡ଼ି କାରଖାନାକୁ ପ୍ରବେଶ କରି,କାର୍ଯ୍ୟରତ ଶ୍ରମିକ ମାନଙ୍କୁ ନେବା ଆଣିବା କରିବା ସହ , ବାହାର ଦେଶ ଓ ରାଜ୍ୟକୁ ହଜାର ହଜାର ସଂଖ୍ୟାର ମାଲ୍ ବୋଝେଇ ଗାଡିମଧ ଯାତାୟାତ କରୁଛନ୍ତି। କାରଖାନା ରୁ ବିଷାକ୍ତ ଦୁଆଁ ନିର୍ଗତ ହୋଇ ବାୟମଣ୍ଡଳ ପ୍ରଦୂଷିତ କରିବାସହ ,ଗାଡ଼ି ମୋଟର କୋଳାହଳ ରେ ସରା କଳିଙ୍ଗନଗର ଧୂଳି ଧୂଆଁ



ବିସ୍ତରଣରେ ଉବୁଟୁବୁ ହେଉଛି। ଫଳରେ ଦିନ ହେଉବା ରାତି ରାସ୍ତା ଧୂଳି ଧୂଆଁରେ ପରିପୂର୍ଣ୍ଣ ହେଉଛି। ଜନସାଧାରଣ ଙ୍କ ଯାତାୟାତ ରେ ବୋହୂ ସମସ୍ୟା ଆଣିବା ସହ, ରାସ୍ତା ଜାମ ହୋଇ ବୋହୂ ଦୁର୍ଘଟଣା ଘଟିବାସହ ବୋହୂ ଲୋକଙ୍କୁ ଦୁର୍ଭାଗ୍ୟରେ ପକାଉଛି। ଟ୍ରାଫିକ ନିୟନ୍ତ୍ରଣ ନଥିବା ହେତୁ ବୋହୂ ଦୁର୍ଘଟଣା ଘଟି ଦିନକୁଦିନ ଏହା ବୃଦ୍ଧି ମଧ ହେବାକୁ ଲାଗିଛି।। ଯାହା ଫଳରେ ଏଠାରେ ବସ ବାସ କରୁଥିବା ମଣିଷ ମଧ ମନରେ ଭୟବିତ ହେଉଅଛି। ପ୍ରତ୍ୟେକ ଦିନ ଆଖି ଆଗରେ ଘଟିଚାଲିଛି ଭୟାବହ ଦୁର୍ଘଟଣା, ଏହାର ସମାଧାନ ଆଗାମୀଦିନରେ ନହେଲେ, ବୋହୂ ସଙ୍କଟ ଆଣିବ କଳିଙ୍ଗନଗର ରେ ବସବାସ କରୁଥିବା ଜନସାଧାରଣଙ୍କ ପାଇଁ, ମାନପୁର ସ୍ଥିତ ଏକ ଓଭର୍ ବ୍ରିଜ ମଧ ଜାମ ହେବା ଫଳରେ ଘଣ୍ଟା ଘଣ୍ଟା ସମୟ ଅପେକ୍ଷା କରିବାପରେ ମଧ ଜାମ ରୁ ବର୍ତ୍ତୀ ପାରୁନାହାନ୍ତି ସଧାରଣ ଲୋକେ, କଳିଙ୍ଗନଗର ଟାଟା ୩ ନମ୍ବର ଚାରି ଛକ ରାସ୍ତା ଆଠ ଛକି ହୋଇ ରାସ୍ତା ରେ ବିପଦପୂର୍ଣ୍ଣ ହୋଇ ଯାତାୟାତ କରୁଛନ୍ତି ଜନସାଧାରଣ।

## କାର୍ଯ୍ୟ ରେ ଯୋଗଦେଲେ ଜଗତସିଂହପୁର ର ନୂଆ ଜିଲ୍ଲାପାଳ ଜେ.ସୋନାଲ



(ପାରାଦ୍ୱୀପ) ଲଳିତ ମୋହନ ବେହେରା, ଜିଲ୍ଲା ପରିଷଦ ର ମୁଖ୍ୟ ବିକାଶ ତଥା ନିର୍ବାହୀ ଅଧିକାରୀ ରବି ନାରାୟଣ ଜେଠୀ,ଉପ ଜିଲ୍ଲାପାଳ ପ୍ରଦୀପ କୁମାର ସାହୁ ଏବଂ ଜିଲ୍ଲା ର ଅନ୍ୟ ବରିଷ୍ଠ ଅଧିକାରୀ ମାନେ ନୂତନ ଜିଲ୍ଲାପାଳଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। ଶ୍ରୀ ସୋନାଲ ପୂର୍ବରୁ ବୌଦ୍ଧ ଜିଲ୍ଲା ର ଜିଲ୍ଲାପାଳ ଭାବେ କାର୍ଯ୍ୟରତ ଥିଲେ। ଜଗତସିଂହପୁର ଜିଲ୍ଲା ର ପୂର୍ବତନ ଜିଲ୍ଲାପାଳ ଅନୁପମ ସାହା ଗତ ଜୁଲାଇ ୧୮ ତାରିଖ ରେ ମୁଖ୍ୟମନ୍ତ୍ରୀ ଙ୍କର ଅତିରିକ୍ତ ସଚିବ ଭାବେ ବଦଳି ହୋଇଥିଲେ । କାର୍ଯ୍ୟରେ ଯୋଗଦେବା ପୂର୍ବରୁ ଜିଲ୍ଲାପାଳ ଜିଲ୍ଲାର ଅଧିଷ୍ଠାତ୍ରୀ ଦେବୀ ମା ସାରଳାଙ୍କୁ ଦର୍ଶନ କରିଥିଲେ।

ପାରାଦୀପ /ଜଗତସିଂହପୁର - ଜଗତସିଂହପୁର ଜିଲ୍ଲା ର ନୂତନ ଜିଲ୍ଲାପାଳ ଭାବେ ଶୁକ୍ରବାର ଦିନ କାର୍ଯ୍ୟରେ ଯୋଗଦେଇଛନ୍ତି ଶ୍ରୀ ଜେ.ସୋନାଲ (ଭାପ୍ରସେ) । ୨୦୧୮ ବ୍ୟାଚ ର ଆଇଏଏସ୍ ଶ୍ରୀ ସୋନାଲ ପୂର୍ବରୁ ଜିଲ୍ଲାପାଳ ଦାୟିତ୍ୱରେ ଥିବା ଅତିରିକ୍ତ ଜିଲ୍ଲାପାଳ ସମ୍ବି କୁମାର ରାଉତ ଙ୍କ ଠାରୁ କାର୍ଯ୍ୟଭାର ଗ୍ରହଣ କରିଥିଲେ । ଅତିରିକ୍ତ ଜିଲ୍ଲାପାଳ ସମ୍ବି କୁମାର ରାଉତ, ଅତିରିକ୍ତ ଜିଲ୍ଲାପାଳ

## ନୟାଗଡ଼ ମାର୍କେଟରୁ ଆଳୁ ଉଭାନ୍

# ଖାଉଟି ଏବଂ ବ୍ୟବସାୟୀଙ୍କ ଚିନ୍ତା ବଢ଼ାଇଛି ଆଳୁ



ନୟାଗଡ଼, ( ମହାଭାରତ ) : ନୟାଗଡ଼ରେ ମାର୍କେଟରୁ ଆଳୁ ଉଭାନ୍, ଖାଉଟି ହେଲେଣୀ ଟେନ୍ ସନ୍ୟ ଖାଉଟି ଏବଂ ବ୍ୟବସାୟୀଙ୍କ ଚିନ୍ତା ବଢ଼ାଇଛି ଆଳୁ। ଆଳୁ ଦର କମିବା ପରିବର୍ତ୍ତେ ଦିନ କୁ ଦିନ ଆକାଶ ଛୁଆଁ ହେବାରେ ଲାଗିଛି। ଆଳୁ କେଜି ୬୦ ଟଙ୍କା ଥିବା ବେଳେ ତାହା ପୁଣି ଖରାପ ଆଳୁ। ସେପଟେ ଜିଲ୍ଲାକୁ ଆବଶ୍ୟକ ପରିମାଣ ଆଳୁ ଆସୁନଥିବାରୁ ବ୍ୟବସାୟୀଙ୍କ ବେପାର ଘାଟା ହେଉଥିବା ବେଳେ ଖାଉଟି ମାନେ କିଲେ ଆଳୁ ନେବା ଜାଗାରେ ଅଧ କେଜି ନେଉଛନ୍ତି। ପଶ୍ଚିମବଙ୍ଗ ରୁ ଆବଶ୍ୟକ ପରିମାଣ ଆଳୁ ନଆସିବା ପର୍ଯ୍ୟନ୍ତ ମାର୍କେଟରେ ଏଭଳି ଆଳୁ ର ଚଢା ଦର୍ ସ୍ଥିତିରେ ରହିବ ବୋଲି ଖୁଚୁରା ବ୍ୟବସାୟୀ ମାନେ କହିଛନ୍ତି। କିନ୍ତୁ ଯୋଗାଣ ବିଭାଗ ପକ୍ଷରୁ କୁହାଯାଇଛି ଆଳୁ ଯୋଗାଣ କମ ରହିଥିବାରୁ ଖୁଚୁରା ବ୍ୟବସାୟୀ ମାନେ ଗୋଦାମ ଠାରୁ କିଣିଥିବା ଆଳୁ କେଜି ୫ ଟଙ୍କା ଲାଭ ରଖି ବିକ୍ରୀ କରିବା ପାଇଁୟ ଖୁଚୁରା ବ୍ୟବସାୟୀ ମାନେ ପ୍ରତିଦିନ ଦୋକାନ ଆଗରେ ଆଳୁ ରେଟ୍ ର ଚାର୍ଟ ମାରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଆଇନ୍ ଉଲଂଘନ କଲେ ଜୋରିମାନା ଦେବା ପାଇଁ ବ୍ୟବସାୟୀଙ୍କୁ କଡା ନିର୍ଦ୍ଦେଶ ଦେଇଛି ଯୋଗାଣ ବିଭାଗ। ଜିଲ୍ଲାରେ ଆଳୁ ସଙ୍କଟ ଦେଖା ଦେଇଥିବା ରୁ ଅମାନିଆ ବ୍ୟବସାୟୀଙ୍କୁ ସାବାଡ କରିବା ପାଇଁ ଯୋଗାଣ ବିଭାଗ ଇନ୍ ଫୋର୍ସମେଣ୍ଟ ଟିମ୍ ଗଠନ କରାଯାଇ ବିଭିଉ ସ୍ଥାନରେ ରେଡ କରାଯାଇଛି। ଗରିବ ମଧ୍ୟବର୍ତ୍ତୀ ଲୋକଙ୍କ ପାଇଁ ଆଳୁ ଦର ଆକାଶ ଛୁଆଁ ହୋଷ ଉଡ଼ାଇ ଦେଇଥିବା ବେଳେ, ଆଳୁ କୁ ନେଇ ରାଜନୀତି ନ କରି ଉଭୟ ସରକାର ଆଳୁ ଦର ନିୟନ୍ତ୍ରଣ କରିବା ଖାଉଟି ଏବଂ ବ୍ୟବସାୟୀ ମାନେ ଦାବି କରିଛନ୍ତି।

## ଚତୁର୍ଦ୍ଦଶାହ ଦିବସରେ ଗୁରୁ ପୂଜା ଏବଂ ସନ୍ଥ ପୂଜନ



କଣ୍ଟାପଡ଼ା(ମହାଭାରତ): କଟକ ଜିଲ୍ଲା କଣ୍ଟାପଡ଼ା ବ୍ଲକ୍ ଅନ୍ତର୍ଗତ ଭୋଦଲ ଗ୍ରାମରେ ସମାଜସେବୀ ମାଧବାନନ୍ଦ ଭୋଇ ଙ୍କ ପିତା ଦିବ୍ୟାତ୍ମା ଧୃବ ଚରଣ ଭୋଇଙ୍କ ଚତୁର୍ଦ୍ଦଶାହ ଦିବସ ନିରାଡମ୍ବର ଭାବରେ ପାଳିତ ହୋଇ ଯାଇଛି। ଉକ୍ତ ଦିବସରେ ଆତ୍ମାର ସଦ୍ ଗତି କାମନା ପରିପ୍ରେକ୍ଷୀରେ ପ୍ରାଚୀ ଗୁରୁ ଧର୍ମ କ୍ଷେତ୍ର ଆନୁକୂଲ୍ୟରେ ଗୁରୁ ପୂଜା ଏବଂ ସ୍ୟ ପୂଜନ କାର୍ଯ୍ୟକ୍ରମ କରାଯାଇଥିଲା। ସର୍ବ ପ୍ରଥମେ ଗ୍ରାମର ପ୍ରାରମ୍ଭରୁ ପ୍ରେମାଚାର୍ଯ୍ୟ ମଧୁସୂଦନଙ୍କ ବିଗ୍ରହଙ୍କୁ ଓଁ କୃଷ୍ଣ ମଧୁସୂଦନ, ବାସୁଦେବ ଜନାର୍ଦ୍ଦନ ସଙ୍କୀର୍ତ୍ତନ ଗାନ କରାଯିବା ପୂର୍ବକ ପୁଷ୍ପାର୍ଘ୍ୟ ପ୍ରଦାନ କରାଯାଇ ସ୍ୱର୍ଗତ ଭୋଇଙ୍କ ମଧୁ ନିର୍ମାଲ୍ୟ ବାସ୍ ଭବନକୁ ଅଣା ଯାଇଥିଲା। ଏହାପରେ ଗୁରୁ ଦେବଙ୍କ ବିଗ୍ରହଙ୍କୁ ବନ୍ଦାପନା କରାଯାଇ ଗୁରୁ ପୂଜା କରାଯାଇଥିଲା। ପରେ ପରେ ପ୍ରାଚୀ ଗୁରୁ ଧର୍ମ କ୍ଷେତ୍ରର ମଠାଧୀଶ ଦାମୋଦର ଦାସ ମହାରାଜ ଶ୍ରୀଯୁକ୍ତ ଧୃବ ଭୋଇଙ୍କ ଉଦ୍ଦେଶ୍ୟରେ ସ୍ମୃତି ଚାରଣ କରିବା ସହିତ ପିତା ମାତାଙ୍କ ସେବା ଉଦ୍ଦେଶ୍ୟରେ ପ୍ରବଚନ ପ୍ରଦାନ କରିଥିଲେୟ ପ୍ରତ୍ୟେକ ସନ୍ତାନ ପାଇଁ ବାପା ମାଆ ଶ୍ରେଷ୍ଠ ସମ୍ପତ୍ତି ଅଟନ୍ତି । ତେଣୁ ସନ୍ତାନମାନେ ବାପା ମାଆଙ୍କୁ କେବେ ଅଣଦେଖା କରିବା ଉଚିତ ନୁହେଁ ବୋଲି ମଠାଧୀଶ ଦାମୋଦର ଦାସ ମହାରାଜ ଉକ୍ତ ପ୍ରବଚନରେ କହିଥିଲେ । ଏହାପରେ ପ୍ରାଚୀ ଗୁରୁ ଧର୍ମ କ୍ଷେତ୍ର ଏବଂ ଅନ୍ୟ ଆଶ୍ରମରୁ ଆସିଥିବା ସାଧୁସ୍ୟମାନଙ୍କର ପୂଜନ କରାଯାଇଥିଲା। ସର୍ବଶେଷରେ ଆଶ୍ରମକୁ ଆସୁଥିବା ଦିବ୍ୟାଙ୍ଗ ଏବଂ ବରିଷ୍ଠ ନାଗରିକଙ୍କ ସେବା ଉଦ୍ଦେଶ୍ୟରେ ଏକ ହ୍ୱିଲ ଚେୟାର ପ୍ରଦାନ କରା ଯାଇଥିଲା।

## ତୃତୀୟଲିଙ୍ଗୀ ମାନଙ୍କ ପାଇଁ ଏସ ସି ବି ଓ ଏମ୍ସ ରେ ଖୋଲିବ ସ୍ୱତନ୍ତ୍ର ୱାର୍ଡ

ଅନୁଗୋଳ,(ମହାଭାରତ):ତୃତୀୟଲିଙ୍ଗୀ ମାନେ ଡାକ୍ତର ଖାନା କୁ ଆସିଲେ କେଉଁ ୱାର୍ଡ ରେ ରହିବେ ସେ ନେଇ ନାନା ସମସ୍ୟା ସୃଷ୍ଟି ହେଉଛି , ସେମାନେ କେତେବେଳେ ପୁରୁଷ ୱାର୍ଡ ରେ ତ କେତେବେଳେ ମହିଳା ୱାର୍ଡ ରେ ରଖାଯାଉଛି। କିନ୍ତୁ ଏଥିରେ ତୃତୀୟଲିଙ୍ଗୀ ମାନେ ସହଜ ମନେ କରୁନାହାନ୍ତି । ଫଳରେ ସେମାନେ ଡାକ୍ତର ଖାନା କୁ ଆସୁନାହାନ୍ତି । ଓଡିଶାରେ କେବଳ କିଉର ସ୍ୱେଚ୍ଛାସେବୀ ଚିନ୍ମୟୀ ଦାସଙ୍କ ଉଦ୍ୟମ ରେ ଅନୁଗୋଳ ମୁଖ୍ୟ ଚିକିତ୍ସାଳୟ ରେ ପ୍ରଥମଥର ପାଇଁ ତୃତୀୟଲିଙ୍ଗୀ କକ୍ଷ ଅନୁଗୋଳ ମୁଖ୍ୟ ଚିକିତ୍ସାଳୟ ରହିଛି । ଆଜି ସ୍ୱାସ୍ଥ୍ୟ ମନ୍ତ୍ରୀ ଶ୍ରୀଯୁକ୍ତ ମୁକେଶ ମହାଲିଙ୍ଗ ଅନଗୋଳ ଗସ୍ତ ସମୟ ରେ ଆସିଥିବା ବେଳେ ଚିନ୍ମୟୀ ଦାସ ଏକ ଦାବିପତ୍ର ଦେଇଛନ୍ତି ଯେଉଁଥିରେ ଏସ ସି ବି ଓ ଏମ୍ସ ରେ ଶହେ ଶଯ୍ୟା ବିଶିଷ୍ଟ ସ୍ୱତନ୍ତ୍ର କକ୍ଷ ନିର୍ମାଣ କରାଯାଉ । ଏଥିରେ ସ୍ୱାସ୍ଥ୍ୟ ମନ୍ତ୍ରୀ ତୃତୀୟଲିଙ୍ଗୀ ଆବଶ୍ୟକ କୁ ଅନୁଭବ କରି ସମ୍ମତି ପ୍ରଦାନ କରିଛନ୍ତି ।

## ପୂର୍ବତନ ନଗରପାଳିକା ଙ୍କ ଆକସ୍ମିକ ମୃତ୍ୟୁ

ଆସିକା(ମହାଭାରତ): ଆସିକା ବିଜ୍ଞାପିତ ଅଞ୍ଚଳ ପରିଷଦର ପୂର୍ବତନ ଉପାଧକ୍ଷା ତଥା ଅଧକ୍ଷ ରୂପେ ଦାୟିତ୍ୱ ତୁଲାଇଥିବା ବିଜ୍ଞାପିତ ଅଞ୍ଚଳ ପରିଷଦ ୱାର୍ଡ ନମ୍ବର ୦୨ ବାଣୀବିହାର ର ସ୍ୱରୂପାରାଣୀ ରାଉତ ଙ୍କ ଆକସ୍ମିକ ମୃତ୍ୟୁ ଘଟିଛି । ଗତକାଲି ହଠାତ ତାଙ୍କର ମୁଣ୍ଡ ଯନ୍ତ୍ରଣା ହେବାରୁ ବ୍ରହ୍ମପୁର ବଡ଼ ମେଡିକାଲ କୁ ଚିକିତ୍ସା ନିମନ୍ତେ ନିଆଯାଇଥିଲା । ଆଜି ଅପରାହ୍ନରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କ ମୃତ୍ୟୁ ଘଟିଛି । ଶନିବାର ସନ୍ଧ୍ୟା ସମୟରେ ବାଣୀବିହାର ନିଜ ବାସଭବନଙ୍କୁ ତାଙ୍କ ମର ଶରୀରକୁ ଅଣାଯାଇଥିଲା । ତାଙ୍କର ମର ଶରୀର ପାଖରେ ତାଙ୍କ ସ୍ୱାମୀ ସଚିତାନନ୍ଦ ରାଉତ, ବଡ ପୁଅ ବିକ୍ରମ ନନ୍ଦ ରାଉତ, ଦୁଇ ବୋଉ, ନାତି ନାତୁଣୀ ଉପସ୍ଥିତ ଥିଲେ । ପ୍ରକାଶ ଥାଉକି ସେ ଆସିକା ସେବା ସମବାୟ ସମିତି ର ଉପ ସଭାପତି ରୂପେ ନିର୍ବାଚିତ ହୋଇଥିଲେ। ଆସିକା ଅଞ୍ଚଳର ଜଣାଶୁଣା ସମବାୟ ବିତ ସଚିତା ନନ୍ଦ ରାଉତଙ୍କ ଧର୍ମ ପତ୍ନୀ ତଥା ଆସିକା ବିଜ୍ଞାପିତ ଅଞ୍ଚଳ ପରିଷଦ ୱାର୍ଡ ନମ୍ବର ୧୩ ର କାଉନସିଲର ନିଗମାନନ୍ଦ ରାଉତ ଙ୍କ ମା ଅଟନ୍ତି । ତାଙ୍କ ମୃତ୍ୟୁ ଖବର ପ୍ରଚାର ହେବା ପରେ ଆସିକା ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି।

## ଛତିଆ ସରକାରୀ ଉଚ୍ଚ ବିଦ୍ୟାଳୟରେ ସମ୍ବର୍ଦ୍ଧନା ସଭା

ବଡ଼ଚଣା,(ମହାଭାରତ): ଯାଜପୁର ଜିଲ୍ଲା ବଡ଼ଚଣା ବ୍ଲକ୍ ଅନ୍ତର୍ଗତ ଇଛା ନଗର ପଟଣା ଆଞ୍ଚଳିକ ସାଧନ କେନ୍ଦ୍ର ପକ୍ଷରୁ ସମ୍ବର୍ଦ୍ଧନା ସଭା ଛତିଆ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ପ୍ରଧାନ ଶିକ୍ଷକ ପର୍ଶୁକାନ୍ତ ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇ ଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବଡ଼ଚଣା ର ମାନ୍ୟବର ବିଧାୟକ ଅମର କୁମାର ନାୟକ ଯୋଗ ଦେଇ କାର୍ଯ୍ୟକ୍ରମକୁ ଉଦ୍ଘାଟନ କରିବା ସହ ବଡ଼ଚଣା ରେ ପୂଜ୍ୟ ପୂଜାକୁ ସମ୍ମାନ ଜଣାଇ ଆୟୋଜକ ମାନଙ୍କୁ ସାଧୁବାଦ୍ ଜଣାଇ ଥିଲେ।ଏବଂ ନିଜ ଭାଷଣରେ ଏହା ବଡ଼ଚଣା ର ସ୍ୱାଭିମାନ ବୋଲି କହିଥିଲେ ।ସମ୍ମାନିତ ଅତିଥି ଭାବେ ପୂର୍ବତନ ମଣ୍ଡଳ ଶିକ୍ଷାଧିକାରୀ ସବିତା ସାହୁ, ସହ ଶିକ୍ଷା ଅଧିକାରୀ ନୀଳାମ୍ବର ମିଶ୍ର ,ନୂତନ ଭାବେ ନିଯୁକ୍ତ ସିଆର୍ ସି ସି ରଶ୍ମିତା ମହାନ୍ତି,ପୂର୍ବତନ ସିଆରସିସି ନାରାୟଣ ପ୍ରଧାନ,ପୂର୍ବତନ ସିଆରସିସି ରଶ୍ମି ରଞ୍ଜନ ଷେଣ୍ଡ ,ଅବସର ପ୍ରାପ୍ତ ମଣ୍ଡଳ ସହ ଶିକ୍ଷାଧିକାରୀ ଅମିୟ କୁମାର ଦାସ,ଅବସରପ୍ରାପ୍ତ ବିଜ୍ଞାନ ଶିକ୍ଷକ ଧିରେନ୍ କୁମାର ମହାପାତ୍ର,ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷୟତ୍ରୀ ପ୍ରଭାତିନି ପରିଡା,ଅବସରପ୍ରାପ୍ତ କନିଷ୍ଠ ସହକାରୀ ପ୍ରସନ୍ତ କୁମାର ରାଉତ,ପ୍ରଧାନ ଶିକ୍ଷୟତ୍ରୀ ଉର୍ମିଳା ଦାସ ପ୍ରମୁଖଙ୍କ ସମେତ ବହୁ ଶିକ୍ଷକ ଓ ଶିକ୍ଷୟତ୍ରୀ ମାନଙ୍କୁ ଉତ୍ତରୀୟ ପୁଷ୍ପ ଗୁଚ୍ଛ ଓ ମାନପତ୍ର ଦ୍ୱାରା ସମ୍ବର୍ଦ୍ଧିତ କରାଯାଇ ଥିଲା। ବିଦ୍ୟାଳୟର ଛାତ୍ର ଛାତ୍ରୀ ମାନଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ଗାନ କରାଯାଇଥିଲାୟରଶ୍ମି ରଞ୍ଜନ ସେଣ୍ଡ ମଞ୍ଚ ପରିଚାଳନା କରିଥିଲେୟଶିକ୍ଷୟତ୍ରୀ ମାନସୀ ମିଶ୍ର ଧନ୍ୟବାଦ୍ ଅର୍ପଣ କରିଥିଲେ।

## ବାଇକ୍ ସହ କାର ଧକ୍କା, ୨ ଗୁରୁତର

ହିଞ୍ଜିଳିକାଟୁ,(ମହାଭାରତ): ୫୯ ନଂ ଜାତୀୟ ରାଜପଥ ତଥା ହିଞ୍ଜିଳିକାଟୁ ପୌରାଞ୍ଚଳ ରଜାସାହି ଛକ ନିକଟରେ ଦୂର୍ଘଟଣା ଘଟି ୨ ଜଣ ଗୁରୁତର ଆହତ ହୋଇଛନ୍ତି। ଆହତ ମାନେ ହେଲେ ବଡଗଡ ଗ୍ରାମର ଏ. ସୁରେନ୍ଦ୍ର ସରାବ (୫୬) ଓ ଏ. ସନ୍ଧ୍ୟାରାଣୀ ସରାବ (୪୮) । ସ୍ଥାନୀୟ ଲୋକେ ଆହତଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ୧୦୮ ଆମ୍ବୁଲାନ୍ସ ଯୋଗେ ହିଞ୍ଜିଳିକାଟୁ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସନ୍ଧ୍ୟାଙ୍କ ଅବସ୍ଥା ଗୁରୁତର ଥିବାରୁ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ଅଧିକ ଚିକିତ୍ସା ପାଇଁ ବ୍ରହ୍ମପୁର ବଡ ଡାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଛି। ଖବର ପାଇ ହିଞ୍ଜିଳି ପୁଲିସ ଦୂର୍ଘଟଣା ସ୍ଥଳରେ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ଉଭୟ ଗାଡିକୁ ଜବତ କରି ଘଟଣାର ତଦନ୍ତ ଚଳାଇଛ। ପ୍ରକାଶ ଯେ ଏକ କାର (ଓଆର୦୭ ଡବ୍ଲ୍ୟୁ ୦୦୨୧) ନିମିନା ଠାରୁ ବ୍ରହ୍ମପୁର ଅଭିମୁଖେ ଯାଉଥିବା ବେଳେ ରାସ୍ତା ମଝିରେ କାର ଚାଳକ ଜଣଙ୍କ ହଠାତ ଗାଡି ଦରଜା ଖୋଲି ଦେବାରୁ କାର ପ୍ୱାର୍ଶ୍ୱ ଦେଇ ଯାଉଥିବା ଏକ ମୋଟର ସାଇକେଲ (ଓଡି୦୭ଏଫ୍ ୭୬୯୪)ରେ ଯାଉଥିବା ବଡଗଡ ଅଞ୍ଚଳର ଜୈନିକ ଦମ୍ପତି ସହ ଧକ୍କା ଘଟିଥିଲା।

## ବିଷାକ୍ତ ସାପ କାମୁଡ଼ାରେ ଯୁବକ ଗୁରୁତର

ଆସିକା (ମହାଭାରତ): ଆସିକା ଥାନା କର୍ଣ୍ଣୋଳି ଗ୍ରାମରେ ବିଷାକ୍ତ ସାପ କାମୁଡ଼ାରେ ଜଣେ ଯୁବକ ଗୁରୁତର ହୋଇଛନ୍ତି । ଗୁରୁତର ଯୁବକ କର୍ଣ୍ଣୋଳି ବଡ଼ ସାହି ର ମଦନ ଗୌଡ଼ ହୋଇଥିବା ଗୁରୁତର ହୋଇଛନ୍ତି । ସୂଚନା ମୁତାବକ ମଦନ ଧାନ ଚାଷ ଲାଗି କ୍ଷେତ କୁ ଯାଇଥିବା ସମୟରେ ବିଷାକ୍ତ ସାପ ତାଙ୍କୁ କାମୁଡ଼ିଥିଲା । ଫଳରେ ସେ ଗୁରୁତର ହୋଇଥିବା ବେଳେ ସ୍ଥାନୀୟ ଲୋକେ ତାଙ୍କୁ ସେଠାରୁ ଉଦ୍ଧାରକରି ଚିକିତ୍ସା ନିମନ୍ତେ ଆସିକା ଉପଖଣ୍ଡ ଚିକିତ୍ସାଳୟ ରେ ଭର୍ତ୍ତି କରିଥିଲେ ।

## ଫାଇଲେରିଆ ନିରାକରଣ ଅଭିଯାନ

କରଞ୍ଜିଆ,(ମହାଭାରତ)ଆଜି ଠାକୁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଆନୁକୂଲ୍ୟରେ ଫାଇଲେରିଆ ନିରାକରଣ ଅଭିଯାନ ଉଦଘାଟିତ ହୋଇଥିବାବେଳେ ସାମୁହିକ ଔଷଧ ସେବନ କାର୍ଯ୍ୟକ୍ରମ ଶୁଭାରମ୍ଭ ହୋଇଛି ।ବ୍ଲକ ସଭାଗୃହରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଡାକ୍ତର ଚିତ୍ତରଞ୍ଜନ ନାୟକ ପୌରହିତ୍ୟ କରିଥିବାବେଳେ ବିଡ଼ିଓ ସ୍ୱପ୍ନେଶ୍ୱର ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋକପାତ କରିଥିଲେ । ଡାକ୍ତର ନାୟକ, ଫାଇଲେରିଆ କିପରି ମଶାଙ୍କ ଦ୍ୱାରା ବ୍ୟାପୁଛି ଏବଂ ବହୁ ବିଳମ୍ବରେ ଲକ୍ଷଣ ପ୍ରକାଶ ପାଉଛି ସେ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ଆଶା କର୍ମୀ କିମ୍ବା ତାଲିମ ପ୍ରାପ୍ତ ସ୍ୱେଚ୍ଛାସେବୀ ଘରକୁ ଘର, ସ୍କୁଲ, କଲେଜ, ବିଭିନ୍ନ ଅନୁଷ୍ଠାନକୁ ଯାଇ ବୟସ ଅନୁପାତରେ ଔଷଧ ସେବନ କରାଇବେ। ଏବଂ ଆଜି ବ୍ଲକ ସଭାଗୃହ ରେ ଠାକୁରମୁଣ୍ଡା ଗୋଷ୍ଠି ଉନ୍ନୟନ ଅଧିକାରୀ ସ୍ୱପ୍ନେଶ୍ୱର୍ ବେହେରା ଓ ଡାକ୍ତର ଚିତ୍ତରଞ୍ଜନ ନାୟକ ପ୍ରଥମେ ଶୁଭାରମ୍ଭ କରିଥିଲେ । ଏ କ୍ଷେତ୍ରରେ ଜନସାଧାରଣ, ବୁଦ୍ଧିଜୀବୀ,, ଗଣମାଧ୍ୟମ ସହଯୋଗ ଆଶା କରିଥିଲେ ଡାକ୍ତର ଶ୍ରୀ ନାୟକ ।

## ପତିତପାବନ ଯୁବକ ସଂଘ ପକ୍ଷରୁ ବୃକ୍ଷ ରୋପଣ

ବେଗୁନିଆ,(ମହାଭାରତ): ସ୍ଥାନୀୟ ପତିତପାବନ ଯୁବକ ସଂଘ ପକ୍ଷରୁ ଓଡିଶା ଆଦର୍ଶ ବିଦ୍ୟାଳୟ ପରିସରରେ ବିଭିନ୍ନ ପ୍ରଜାତିର ଚାରା ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଏଥିରେ ଅତିଥି ଭାବେ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଅଧ୍ୟକ୍ଷ ଭକ୍ତି ରଞ୍ଜନ ବେହେରା, ବେଗୁନିଆ ଗ୍ରାମ୍ୟ କମିଟି ସଭାପତି ଲାଲା ଦିଲ୍ଲୀପ କୁମାର ରାୟ, ସମ୍ପାଦକ ଭାଗିରଥି ପରିଡ଼ା,ସ୍ଥାନୀୟ ଶ୍ରୀ ଜଗନ୍ନାଥ ମନ୍ଦିର ସଭାପତି ଦୀନବନ୍ଧୁ ଦାଶ,ସମାଜସେବୀ ପ୍ରତାପ କୁମାର ସାହୁ ଓ ଶିକ୍ଷକ ରଶ୍ମିଚନ୍ଦ କରଙ୍କ ସମେତ ଶିକ୍ଷକ/ଶିକ୍ଷୟିତ୍ରୀ ଓ ଛାତ୍ର ଛାତ୍ରୀ ମାନଙ୍କ ଉପସ୍ଥିତିରେ ବିଭିନ୍ନ ଚାରା ରୋପଣ କରାଯାଇଥିଲା । କାର୍ଯ୍ୟକ୍ରମକୁ ପତିତପାବନ ଯୁବକ ସଂଘର ଉପଦେଷ୍ଟା ଦିବାକର ସାହୁ,ସଭାପତି ହିମାଂଶୁ ଭୂଷଣ ଦାଶ, ଉପସଭାପତି ବିଶ୍ୱରଂଜନ ଦାସ, ସମ୍ପାଦକ ଗଙ୍ଗାଧର ମାର୍ଥା, ସହ ସମ୍ପାଦକ ବଟକୃଷ୍ଣ ମହାପାତ୍ର, କୋଷାଧ୍ୟକ୍ଷ ଲକ୍ଷ୍ମୀଧର ସାହୁ, ସଭ୍ୟ ରାକେଶ ହରିଚନ୍ଦନ, ଅଶ୍ୱିନୀ କୁମାର ପଟନାୟକ, ଲାଲା ଅମିତ କୁମାର ରାୟ,ସରୋଜ କୁମାର ମହାପାତ୍ର, ରବିନାରାୟଣ ଦଳେଇ, ପ୍ରଶାନ୍ତ କୁମାର ଜେନା,ସନାତନ ମଲିକ ଓ ସତ୍ୟପ୍ରିୟ ମହାପାତ୍ର ପ୍ରମୁଖ ପରିଚାଳନା କରିଥିଲେ।

# ଜିଲ୍ଲା ସ୍ତରୀୟ ଜାତୀୟ କୃମି ନାଶକ ଦିବସର ଶୁଭାରମ୍ଭ କାର୍ଯ୍ୟକ୍ରମ

ରାୟଗଡ:-(ମହାଭାରତ):ଆଜି ରାୟଗଡ ଜିଲ୍ଲା ମୁଖ୍ୟ ଚିକିତ୍ସା ତଥା ଜନ ସ୍ୱାସ୍ଥ୍ୟ ଅଧିକାରୀ ଡ଼ା ଲାଲ ମୋହନ ରାଉତରାୟ ଙ୍କ ଅଧ୍ୟକ୍ଷତାରେ ଜି ସି ଡ଼ି ଜିଲ୍ଲା ଉଚ୍ଚ ବିଦ୍ୟାଳୟରେ ଜାତୀୟ କୃମିନାଶକ ଦିବସ ର ଶୁଭାରମ୍ଭ ହୋଇଯାଇଛି । ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲା ଜନ ସ୍ୱାସ୍ଥ୍ୟ ଅଧିକାରୀ (ପରିବାର କଲ୍ୟାଣ ) ଡା ମମତା ସାହୁ, ଅତିରିକ୍ତ ଜିଲ୍ଲା ଜନ ସ୍ୱାସ୍ଥ୍ୟ ଅଧିକାରୀ (ରୋଗ ନିୟନ୍ତ୍ରଣ), ଜିଲ୍ଲା ଶିକ୍ଷା ଅଧିକାରୀ ଡ ବସନ୍ତ କୁମାର ନାୟକ , ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀ ଭଜନଲାଲ ମାଝୀ, ଜାତୀୟ ସ୍ୱାସ୍ଥ୍ୟ ମିଶନ ର ଜିଲ୍ଲା କାର୍ଯ୍ୟକ୍ରମ ପରିଚାଳକ ଶ୍ରୀ ରାଜେଶ୍ୱର ରାଓ ପଟ୍ଟନାୟକ, ଏବଂ ଜି ସି ଡ଼ି ଉଚ୍ଚ ବିଦ୍ୟାଳୟ ର ପ୍ରଧାନ ଶିକ୍ଷୟିତ୍ରୀ ସୁଶ୍ରୀ ନମିତା ପଧାନ ସମେତ ଅନ୍ୟ କର୍ମଚାରୀ ଉପସ୍ଥିତ ଥିଲେ । ଜାତୀୟ କୃମିନାଶକ ଦିବସ ବର୍ଷ କୁ ଦୁଇଥର ଫେବୃଆରୀ ଓ ଅଗଷ୍ଟ ମାସ ରେ ପାଳନ ହୁଏ । ୧ ରୁ ୧୯ ବର୍ଷ ବୟସର ସମସ୍ତ ପିଲାମାନେ ଏହି ଦିନ ବିଦ୍ୟାଳୟ ଓ ଅଙ୍ଗନୱାଡ଼ି କେନ୍ଦ୍ରରେ କୃମିନଶକ ବଟିକା ଖାଆନ୍ତି। ଯେଉଁ ପିଲାମାନେ କୌଣସି କାରଣ ବଶତଃ



କୃମୀନାଶକ ଦିବସ ରେ ଏହି ବାଟିକା ଖାଇପାରି ନ ଥାଆନ୍ତି, ସେମାନେ ସେହି ନିର୍ଦ୍ଦିଷ୍ଟ ଦୁଇ ମାସ ର ୧୭ ତାରିଖ ଦିନ ବା ମପ ଅପ୍ ଦିବସ ରେ ବଟିକା ସେବନ କରିଥାନ୍ତି । ବିଦ୍ୟାଳୟ ଏବଂ ଅଙ୍ଗନୱାଡିଭିତ୍ତିକ ଜାତୀୟ କୃମିନାଶକ କାର୍ଯ୍ୟକ୍ରମ ନିରାପଦ, ଏହି କାର୍ଯ୍ୟକ୍ରମ ଦ୍ୱାରା ଏହି ସ୍ୱାସ୍ଥ୍ୟ ସେବା ପ୍ରତି ପିଲାଙ୍କ ନିକଟରେ ପହଞ୍ଚିପାରେ । ପ୍ରତ୍ୟେକ ବର୍ଷ ଏହି କାର୍ଯ୍ୟକ୍ରମ ଦ୍ୱାରା ବିଦ୍ୟାଳୟରେ ଅନୁପସ୍ଥିତି ହ୍ରାସ ହେବା ସହିତ ଏହା ପିଲାମାନଙ୍କୁ ଏକ ସୁସ୍ଥ, ପୁଷ୍ଟିକର ପରିବେଶ ପ୍ରଦାନ କରିବାରେ ସହାୟକ ହେଉଛି । ପିଲାମାନଙ୍କୁ କୃମି ସଂକ୍ରମଣରୁ ରକ୍ଷା କରିବା ନିମନ୍ତେ ଆଲବେଣ୍ଡାଜୋଲ ବଟିକା ବେଶ ଲାଭଦାୟକ ହେଉଛି ଏବଂ ଏହା ସଂକ୍ରମଣକୁ ନିୟନ୍ତ୍ରଣ କରିବା ପାଇଁ ବେଶ୍ ପ୍ରଭାବଶାଳୀ । ଜାତୀୟ କୃମିନାଶକ ଦିବସ ପ୍ରସ୍ତୁତି ପାଇଁ ଶିକ୍ଷକ ଏବଂ ଅଙ୍ଗନୱାଡି କର୍ମୀଙ୍କୁ ସେମାନଙ୍କର ଦାୟିତ୍ୱ ଏବଂ ବଟିକା ଖାଇବାର ପଦ୍ଧତି ତଥା ଏହି କାର୍ଯ୍ୟକ୍ରମର ଉତ୍ତମ ପରିଚାଳନା ପାଇଁ ତାଲିମ ଦିଆଯିବା ସହିତ ଏହାର ସଚେତନତା ସୃଷ୍ଟି କରିବା ପାଇଁ କୁହାଯାଇଥାଏ । ସ୍ୱାସ୍ଥ୍ୟ ବିଭାଗ, ଶିକ୍ଷା ବିଭାଗ ର ପ୍ରତ୍ୟକ୍ଷ ତ୍ତ୍ୱାବଧାନ ରେ ଏହି ଜାତୀୟ କାର୍ଯ୍ୟକ୍ରମ କରାଯାଇଥାଏ।

ମହାଭାରତ
ଏଇ ପୃଥିବୀରେ...
ପ୍ରତିଟି ଖବର ହାତ ପାହାନ୍ତାରେ



# ଗଡର ଗ୍ରାମରେ ଅଗ୍ନିଶମ ବିଭାଗର ସଚେତନ କାର୍ଯ୍ୟକ୍ରମ



**ଆର. ଉଦୟଗିରି,(ମହାଭାରତ) :** ପ୍ରତ୍ୟେକ ରବିବାର ଭଳି ଏହି ରବିବାର ମଧ୍ୟ ଆର. ଉଦୟଗିରି ଅଗ୍ନିଶମ ବିଭାଗକୁ ନେଇ ସଚେତନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଏହିକାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅଗ୍ନିଶମ ଅଧିକାରୀ ଶ୍ରୀ ରାହୁଲ ବାରିଆ , ଓ ଅଗ୍ନିଶମ କର୍ମଚାରୀ ଶ୍ରୀଧର ସେଠୀ , ରମାକାନ୍ତ ପ୍ରଧାନ, ନଳିନୀ ସେଠୀ , ମୌସମ ରଞ୍ଜନ ଡାଙ୍ଗୁଆ ଯୋଗଦେଇଥିଲେ । ଏବଂ ମୋହନା ବ୍ଲକର ବରିଷ୍ଠ ସାମ୍ବାଦିକମାନେ ମଧ୍ୟ ଉପସ୍ଥିତ ଥିଲେ । ସମସ୍ତ ଅତିଥିମାନଙ୍କୁ ସମ୍ମାନ ସହିତ ଗାଆଁ ମୁଣ୍ଡରୁ ସଙ୍କୀର୍ତ୍ତନ କରି ପୁଷ୍ପ ଚନ୍ଦନ କରି ସ୍ୱାଗତ କରି ଆଣିବା ସହ ସସଂଗରେ ଉପଢୌକନ ଦେଇ ସମ୍ମାନିତ କରିଥିଲେ ଗ୍ରାମର ଯୁବତୀ ମାନେ । ପରେ ଅଗ୍ନିଶମ ଅଧିକାରୀ ଶ୍ରୀ ରାହୁଲ ଅଗ୍ନିଶମ ବିଭାଗ ବିଷୟରେ ବୁଝାଇବାସହ ଶ୍ରୀଧର ସେଠୀ ଗଡର ଗ୍ରାମ ବାସୀଙ୍କୁ ପ୍ରାଞ୍ଜଳ ଭାବେ ଅଗ୍ନିକୁ କିପରି ଆୟତ କରିବେ ଓ ନିଜେ ସୁରକ୍ଷିତ ରହିବା ସହ ଅନ୍ୟକୁ କିପରି ସୁରକ୍ଷା କରିବେ ସେ ବିଷୟରେ ଉପସ୍ଥାପନା ପାରିଥିଲେ । ଏପରିକି ଆପାଟିକାଳିନ ପରିସ୍ଥିତିରେ ଲୋକଙ୍କୁ କିଭଳି ଉଦ୍ଧାର କରିବେ ସେ ବିଷୟରେ ମଧ୍ୟ ଉପସ୍ଥାପନା କରିଥିଲେ । ଅଗ୍ନିଶମ ବିଭାଗ ଗ୍ରାମବାସୀଙ୍କ ଅନୁରୋଧ ରକ୍ଷାକରି ସେମାନଙ୍କୁ ସଚେତନ କରିଥିବାରୁ ଗ୍ରାମ ବାସୀଙ୍କ ତରଫରୁ ୱାର୍ଡ ସଭ୍ୟ ଶ୍ରୀ ମୋହନ ବଡ଼ ନାୟକ, ସମ୍ପାଦକ ଦଣ୍ଡପାଣି ମାଝୀ, ପୂଜକ ରଘୁନାଥ ଦାସ ଅଶେଷ ଅଶେଷ ଧନ୍ୟବାଦ୍ ଜ୍ଞାପନ କରିଛନ୍ତି ।

# ପୋଲର ସୁରକ୍ଷା ବାଡ ନଥିବାରୁ ବିପଦରେ ସ୍କୁଲ ଛାତ୍ରଛାତ୍ରୀ

**ହାଟଡିହି,(ମହାଭାରତ) :** ଭଙ୍ଗା ପୋଲ ରେ କାମ ଚଳାଉଛି ଜଳ ସେଚନ ବିଭାଗ। ସୂଚନା ଅନୁସାରେ ସାଳନ୍ଦୀ କେନାଲ ପ୍ରୋଜେକ୍ଟ ଆରମ୍ଭ ହୋଇଥିଲା । ଏହା ସରକାର ଙ୍କ ଦ୍ୱାରା ୧୯୬୦-୬୧ ମସିହା ରେ ଶୁଭା ରମ୍ଭ ହୋଇଥିଲା ବେଳେ ୧୯୮୧-୮୨ ସମ୍ପୂର୍ଣ୍ଣ ହୋଇଥଲା ଏଥିରେ ମୋଟ ତିନୋଟି ଜିଲ୍ଲା ଯାହା କି କେନ୍ଦୁଝରେ ଜିଲ୍ଲାର ହାଟଡିହି ବ୍ଲକ, ଭଦ୍ରକ ଜିଲ୍ଲାର ବନ୍ତ, ଭଦ୍ରକ ,ତିହିଡି ବ୍ଲକ ସମେତ ବାଲେଶ୍ୱର ଜିଲାର ଖଇରା, ବାସୁଦେବପୁର, ସିମୁଳିଆ ବ୍ଲକର ମୋଟ ୪୫୪୮୨ ହେକ୍ଟର ଜମି କୁ ଜଳ ସେଚନ ହେବାପାଇଁ ୧୭୮୬.୩୯ ଲକ୍ଷ ଟଙ୍କା ରେ ନିର୍ମାଣ ହୋଇଥିଲା। ଏହି ପରି ସାରା ଓଡ଼ିଶା ଥିବା କେନାଲ ମାନଙ୍କ ର ପ୍ରତି ବର୍ଷ ମରାମତି ନିମନ୍ତେ ଲକ୍ଷ ଟଙ୍କାର ବାର୍ଷିକ ଆର୍ଥିକ ବ୍ୟୟବରାଦ ଆକଳନ କରାଯାଇ ସରକାର ଟଙ୍କା ମଞ୍ଜୁର କରୁଥିବା ବେଳେ କେବଳ ଟଙ୍କା ଗୁଡ଼ିକ ଠିକାଦାର ଓ



ଯନ୍ତ୍ରୀ ଙ୍କ ସୁକଳ୍ପିତ ପ୍ରକଳ୍ପ ଗୁଡ଼ିକ ରେ ଖର୍ଚ୍ଚ କରାଯାଉଥିବା ଦେଖିବାକୁ ମିଳୁଛି। ଉକ୍ତ ୪୫୪୮୨ହେକ୍ଟର ଜମି କୁ ଜଳ ସେଚନ କରିବା ସମୟ ରେ ଆବଶ୍ୟକ ପୋଲ ଗୁଡ଼ିକ ପ୍ରତି ବର୍ଷ ମରାମତି ନିମନ୍ତେ ଆସୁଥିବା ଅର୍ଥ ରାଶି କୁ ବିଭିନ୍ନ କେନାଲ ର ସାଇଡ ପ୍ୟାକିଂ ନାମ ରେ ଖର୍ଚ୍ଚ କରାଯାଉଥିବା ଦେଖିବାକୁ ମିଳିଛି। ଯାହାକି ୨୦୨୩-୨ ୪ ଆର୍ଥିକ ବର୍ଷ ରେ ସରକାର ଜଳ ସେଚନ ବିଭାଗ ର ବିଭିନ୍ନ ପୋଲ, କଲଭର୍ଟ, ରିଙ୍ଗ ରୋଡ, କେନାଲ ବେସ, କେନାଲ ରେ କବାଟ ଆଦି କୁ ମରାମତି କରିବା ପାଇଁ ୫୭୬୦୬.୩୯ ଲକ୍ଷ୍ୟ ଟଙ୍କା ମଞ୍ଜୁର କରିଥିବା ବେଳେ କୌଣସି ଦଦରା ପୋଲ, ଭଙ୍ଗା ପୋଲ, ଗୁଡ଼ିକ ମରାମତି ନକରି ଟଙ୍କା ଖର୍ଚ୍ଚ କରିଥିବା ଦେଖିବାକୁ ମିଳିଛି। ଯାହାର ଉଦାହରଣ ସ୍ୱରୂପ ଆମେ କେନ୍ଦୁଝର ଜିଲ୍ଲାର ବିଦ୍ୟାଧର ପୁର ଠାରୁ ଆଖୁଆପଦା ପର୍ଯ୍ୟନ୍ତ ଯାଇଥିବାଲମ୍ବି ଥିବା କେନାଲ ଟିରେ ଦୁଇ ଶହ ରୁ ଅଧିକ ଦଦରା ପୋଲ ବିପଦ ପୂର୍ଣ୍ଣ ଅବସ୍ଥା ରେ ରହିଥିବା ଦେଖିବାକୁ ମିଳେ। ହାଟଡିହି ବ୍ଲକ ହାଟଡିହି ପଞ୍ଚାୟତ ମଠ କୁଣ୍ଡିଶାହି, ତରଗଡ଼ିଆ, ପନ୍ଦାଡୋ, ଇଞ୍ଚୋଳ , ଆମ୍ଭୋ ଆଦି ଗ୍ରାମ ଗୁଡ଼ିକ ନିକଟରେ ରହିଥିବା କେନାଲ ର ପୋଲ ଗୁଡ଼ିକ ଏବେ ସୁରକ୍ଷା ବାଡ ନଥିବା ଦେଖିବାକୁ ମିଳେ। ଯାହାକୁ କାମ ନକରି ଟଙ୍କା ଗୁଡ଼ିକ ଆବଶ୍ୟକ ନଥିବା ସ୍ଥଳେ କାହା ସ୍ୱାର୍ଥ ଦୃଷ୍ଟିରୁ ଅନ୍ୟତ୍ର ଖର୍ଚ୍ଚ ହେଉଛି ତାହା ବୁଝା ପଡୁନି। ଏଥିରେ ବିଭାଗୀୟ ଯନ୍ତ୍ରୀ ମାନେ ଟଙ୍କା ଖିଆ ଠିକାଦାର ମାନଙ୍କୁ ଧରି ସମସ୍ୟା ର ସମାଧାନ ନକରି କାମ ରେ ଚୂନ ମାରି ଟଙ୍କା ଉଠାଉ ଥିବା ଦେଖିବାକୁ ମିଳୁଛି। ଏବେ ରାଜ୍ୟ ରେ ମୋହନ ସରକାର ଆସିବାରୁ କେବେ ଏହି ବିଭାଗ ଉପରେ ସରକାର ଙ୍କ ଆଖି ପଡ଼ିବ ଆଉ ଏହି ଦଦରା, ଭଙ୍ଗା ପୋଲ ଗୁଡ଼ିକ ର ଭାଗ୍ୟ ବଦଳିବ ତାକୁ ହିଁ ଅପେକ୍ଷା।

# ଝୁଲନ୍ତା ଅବସ୍ଥାରେ ଯୁବତୀଙ୍କ ମୃତ ଦେହ ଉଦ୍ଧାର



**ଅନୁଗୁଳ,(ମହାଭାରତ):** ଝୁଲନ୍ତା ଅବସ୍ଥାରେ ଯୁବତୀଙ୍କ ମୃତ ଦେହ ଉଦ୍ଧାର। ଅନୁଗୁଳ ଟାଉନ ଥାନା ଅନ୍ତର୍ଗତ ହାଟ ଛକ ମାଟିଆ ସାହି ରୁ ଆଜି ଜଣେ ଯୁବତୀ ଙ୍କର ମୃତ ଦେହ ଉଦ୍ଧାର କରିଛି ପୋଲିସ । ସୂଚନା ଯେ, ଅନୁଗୁଳ ଟାଉନ ଥାନା ଅନ୍ତର୍ଗତ ହାଟ ଛକ ମାଟିଆ ସାହିରେ ସ୍ୱାଗତ ଲୁଲୁ ଦାସଙ୍କ ୨୦ ବର୍ଷୀୟା ଝିଅ ପ୍ରତିଶ୍ରୀ ଦାସ ଙ୍କର ଆଜି ଝୁଲନ୍ତା ଅବସ୍ଥାରେ ମୃତ ଦେହ ଉଦ୍ଧାର କରିଛି ଅନୁଗୁଳ ଟାଉନ ପୋଲିସ । ତେବେ ମାଟିଆ ସାହି ବାସ ଭବନ ରେ ପ୍ରତିଶ୍ରୀ ଏବଂ ମା ଭଉଣୀ ଙ୍କ ସହ ରହୁଥିଲେ। ଗତ କାଲି ସମସ୍ତେ ଖାଇ ସାରି ଶୋଇବା ପରେ ପ୍ରତିଶ୍ରୀ ଶୋଇବାକୁ ଯାଇଥିଲେ। ଆଜି ସକାଳ ସମୟରେ ଦେଖିଲା ବେଳେକୁ ପ୍ରତିଶ୍ରୀ ନିଜ ଓଢ଼ଣି ସାହାଯ୍ୟରେ ପ୍ୟାନ ରେ ଝୁଲି ପଡିଥିଲେ । ସକାଳେ ପରିବାର ଲୋକେ ଦେଖିଲା ବେଳକୁ ପ୍ରତିଶ୍ରୀ ଙ୍କର ଜୀବନ ଚାଲି ଯାଇଥିବା ଦେଖିବାକୁ ପାଇଥିଲେ । ତେବେ ଯୁବତୀ ଜଣକ କାହିଁକି ଆତ୍ମହତ୍ୟା କରିଲେ ତାହା ବର୍ତମାନ ସୁଦ୍ଧା ଅସ୍ପଷ୍ଟ ରହିଛି। ଘଟଣାକୁ ନେଇ ଏ ପଟେ ପରିବାର ଲୋକେ ପୋଲିସ କୁ ଖବର ଦେଇଥିଲେ। ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଶବକୁ ଜବତ କରିବା ସହ ଶବ ବ୍ୟବଛେଦ ପାଇଁ ଶବ ବ୍ୟବଚ୍ଛେଦ ଗୃହକୁ ପଠାଇ ଦେଇଥିଲେ। ଘଟଣାକୁ ନେଇ ଅନୁଗୁଳ ଟାଉନ ପୋଲିସ ଅଧିକ ତଦନ୍ତ ଆରମ୍ଭ କରିଛି।

# ବିଜେପି ପକ୍ଷରୁ ତ୍ରିରଙ୍ଗା ଯାତ୍ରା ପାଇଁ ପ୍ରସ୍ତୁତି ବୈଠକ

**କୋକସରା,(ମହାଭାରତ) :** ଧର୍ମଗଡ଼ ନିର୍ବାଚନ ମଣ୍ଡଳୀ ଆମପାଣି ମଣ୍ଡଳ ସଭାପତି ଅର୍ଜୁନ ଭାଟିଙ୍କ ସଭାପତିତ୍ୱରେ ବିଜେପି ପକ୍ଷରୁ ହର୍ ଘର୍ ତ୍ରିରଙ୍ଗା ଓ ତ୍ରିରଙ୍ଗା ଯାତ୍ରା ପାଇଁ ଏକ ପ୍ରସ୍ତୁତି ବୈଠକ ଶନିବାର ଦିନ ଡୁଡୁକାଠେଙ୍ଗା ଧାନ ମଣ୍ଡି ଠାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ କଳାହାଣ୍ଡି ଜିଲ୍ଲା ବିଜେପି ଉପ ସଭାପତି ତଥା ଉକ୍ତ କାର୍ଯ୍ୟକ୍ରମର ଆମପାଣି ମଣ୍ଡଳ ପ୍ରଭାରୀ ଲକ୍ଷ୍ମୀ କାନ୍ତ ବାଗ ଯୋଗ ଦେଇ ଥିଲେ । ପ୍ରଥମେ'ବନ୍ଦେ ମାତରଂ' ଗାନ କରି ସଭାକାର୍ଯ୍ୟ ଆରମ୍ଭ କରିଥିଲେ ।ମଣ୍ଡଳ ସାଧାରଣ ସମ୍ପାଦକ ସନ୍ତୋଷ ମାଝୀ ପରିଚୟ ପ୍ରଦାନ କରି ଥିଲେ ।ପରେ ଶ୍ରୀଯୁକ୍ତ ଲକ୍ଷ୍ମୀ କାନ୍ତ ବାଗ ଏହି ହର୍ ଘର୍ ତ୍ରିରଙ୍ଗା ଘର୍ ଘର୍ ତ୍ରିରଙ୍ଗା ଓ ତ୍ରିରଙ୍ଗା ଯାତ୍ରା ବିଷୟରେ ବିସ୍ତୃତ ଭାବେ ଆଲୋଚନା କରିଥିଲେ । ସେ କହିଥିଲେ ଚଳିତ ମାସ ୧୧ ତାରିଖ ରୁ ୧୪ତାରିଖ ପର୍ଯ୍ୟନ୍ତ ପ୍ରତି ମଣ୍ଡଳ ତଥା ନିର୍ବାଚନ ମଣ୍ଡଳୀ ରେ ଏହି ତ୍ରିରଙ୍ଗା ଯାତ୍ରା କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏବଂ ସମସ୍ତ ପ୍ରତିମୂର୍ତ୍ତି ସ୍ମାରକୀ ଚାରି ପାଖରେ



ସ୍ୱଚ୍ଛତା ଅଭିଯାନ ହେବ ଓ ପୁଷ୍ପମାଲ୍ୟ ଅର୍ପଣ କରାଯିବ। ଅଗଷ୍ଟ ୧୩ରୁ୧୫ ତାରିଖ ପର୍ଯ୍ୟନ୍ତ ହର୍ ଘର୍ ତ୍ରିରଙ୍ଗା ପ୍ରତ୍ୟେକ ଘର ବ୍ୟବସାୟ, ଅନୁଷ୍ଠାନ ରେ ଲାଗିବ।୧୪ଅଗଷ୍ଟ ବିଭାଜନ ବିଭିଷିକା 'ସ୍ମୃତିଦିବସ ଜିଲ୍ଲା ରେ ପାଳନ କରାଯିବ । ୧୬ଅଗଷ୍ଟ ହେଉଛି ଭାରତ ରତ୍ନ ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀ ଙ୍କ ପୁଣ୍ୟ ତିଥି ପାଳନ କରାଯିବ। ୧୯ ତାରିଖ ପବିତ୍ର ରାକ୍ଷୀ ବନ୍ଧନରେ ଦଳର ମହିଳା କାର୍ଯ୍ୟ କର୍ତ୍ତା ମାନେ ମୁଖିଆ ତଥା ପ୍ରଭାବିତ ନେତୃତ୍ୱ ମାନଙ୍କୁ ରାଖୀ ବାନ୍ଧିବା , ଏଭଳି ଅନେକ କାର୍ଯ୍ୟକ୍ରମ ଉପରେ ଶ୍ରୀ ଲକ୍ଷ୍ମୀକାନ୍ତ ପ୍ରାଞ୍ଜଳ ଭାବେ ବୁଝାଇ ସମସ୍ତଙ୍କୁ ପାଳନ କରିବା ପାଇଁ ଅନୁରୋଧ କରିଥିଲେ । କାର୍ଯ୍ୟ କ୍ରମରେ ଆମପାଣି ମଣ୍ଡଳ ବରିଷ୍ଠ କାର୍ଯ୍ୟ କର୍ତ୍ତା ଗରୁଡ ଧ୍ୱଜ ମାଝି, ବନମାଳି ବାଗ, ଆମପାଣି ମଣ୍ଡଳ ବିଜେପି ଉପ ସଭାପତି ଚକ୍ରଧର ବେଶ୍ରା, କୃଷ୍ଣ ନାଏକ, ଆମପାଣି ମଣ୍ଡଳ ବିଜେପି ମହିଳା ସଭାନେତ୍ରୀ ଧରିତ୍ରୀ ବାଗ, ମକରନ୍ଦ ବାଗ, ଅଭିଖିତ ସରାବୁ, ଲଖଣ ନାଏକ, ଅରକ୍ଷିତ ଭଞ୍ଜ, ପାରେଶର ପୁଝାରୀ, ପ୍ରେମଲାଲ ସରାବୁ, ଧନୁ ବାଗଙ୍କ ସମେତ ଅନେକ ଦଳୀୟ କର୍ମକର୍ତ୍ତା ଉପସ୍ଥିତ ରହିଥିଲେ। ଠିକ ସେହି ପରି କୋକସରା ମଣ୍ଡଳ ସଭାପତି ଦୁର୍ଗା ପ୍ରସାଦ ପ୍ରଧାନି ଙ୍କ ସଭାପତିତ୍ୱରେ ମଧ କୋକସରା ଠାରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ଏଥିରେ ତ୍ରିରଙ୍ଗା ଯାତ୍ରା କାର୍ଯ୍ୟକ୍ରମ ର ପ୍ରଭାରୀ ହିମାଂଶୁ ପଣ୍ଡା ଯୋଗ ଦେଇଥିବା ବେଳେ ମଣ୍ଡଳ ସାଧାରଣ ସମ୍ପାଦକ ତ୍ରିନାଥ ଶବର, ଶୁଶିଲ ପାଢ଼ୀ, ଧର୍ମାନନ୍ଦ ନେଗୀ, ପ୍ରମୋଦ ପ୍ରଧାନୀ , ନରେନ୍ଦ୍ର ପ୍ରଧାନୀ ଙ୍କ ସମେତ ଅନେକ ଦଳୀୟ କର୍ମକର୍ତ୍ତା ଉପସ୍ଥିତ ରହିଥିଲେ ।

# ଗାଁ ପରିମଳ ଧୋବା ତୁଠରୁ

**ଅନୁଗୋଳ,(ମହାଭାରତ) :** ଖରାପ ଭାବିବେନି ଆଜ୍ଞା, କହିବାର କାରଣ ଏହି ବାକ୍ୟଟି ଆଜି ଅନୁଗୁଳ ଜିଲ୍ଲା ପାଇଁ। ଅନୁଗୋଳ ରୁ କୁଆଡେ ଦ୍ୱିତୀୟ ଅଧିକ ରାଜସ୍ୱ ଆଦାୟ ହୁଏ ରାଜ୍ୟ ପାଇଁ, କିନ୍ତୁ ଲଜ୍ୟାର ବିଷୟ ଯେ ଏଠି ଜନସାଧାରଣଙ୍କ ପାଇଁ ଯାତାୟତ ପାଇଁ ବିପର୍ଣ୍ଣ ପୂର୍ଣ୍ଣ ଅବସ୍ଥାରେ ଜିଲ୍ଲାବାସି ହନ୍ତସନ୍ତ ହୁଅନ୍ତି କ୍ଷ ସରକାର ବଦଳିବା ପରେ ବି ସ୍ଥିତି ସୁଧୁରିବାର ନାଁ ଧରୁନି । ଜିଲ୍ଲାକୁ ସ୍ୱାଗତଂ ଜଣାଉଥିବା ପ୍ରଥମ ବଆଁରପାଳ ଛକରେ ନାହିଁ ନଥିବା ଅବସ୍ଥା ପାଇଁ ସ୍ଥାନୀୟ ବାସିନ୍ଦା ଦୁଃଖପ୍ରକାଶ କରିଛନ୍ତି । ରାଜ୍ୟକୁ ରାଜ୍ୟ ଯୋଡୁଥିବା ଏହି ଛକରେ ଭାରୀଯାନ ଗୁଡିକର ନୋ ଏଣ୍ଟ୍ରିରେ ମନଇଚ୍ଛା ଯିଏ ଯେଉଁଥି ପାରିଲା ଗାଡ଼ି ରଖିଲା ଓ ରାସ୍ତା ମଝିରେ ବ୍ରେକ୍ ଡାଉନ୍ ହେଲେ ଯାନ ବାହାନ ଗୁଡିକ ବହୁତ୍ ଦିନ ପର୍ଯ୍ୟନ୍ତ ପଡ଼ିରହୁଛି ସେଥିପାଇଁ ଏଠି ଜନସାଧାରଣ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି ।



# ଓଡ଼ିଶା ରାଜ୍ୟ ଅଣଗେଜେଟେଡ୍ କର୍ମଚାରୀ ସମନ୍ୱୟ ସମିତିର ଏକ କାର୍ଯ୍ୟକାରୀଣି ବୈଠକ

**କୋରାପୁଟ,(ମହାଭାରତ) :** ଓଡ଼ିଶା ରାଜ୍ୟ ଅଣଗେଜେଟେଡ୍ କର୍ମଚାରୀ ସମନ୍ୱୟ ସମିତି ର ଏକ କାର୍ଯ୍ୟକାରୀଣି ବୈଠକ ପୁରୀ ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟ ଠାରେ ଅନୁଷ୍ଠିତ ହୋଇଯାଇଛି ଏଥିରେ ରାଜ୍ୟ ଅଣଗେଜେଟେଡ୍ କର୍ମଚାରୀ ସମନ୍ୱୟ ସମିତି ର ସାଧାରଣ ସମ୍ପାଦକ ଶ୍ରୀ ରବିନ୍ଦ୍ର ନାଥ ପ୍ରଧାନଙ୍କ ଆହ୍ୱାନ କ୍ରମେ ବିଭିନ୍ନ ଜିଲ୍ଲାର ନେତୃବୃନ୍ଦ ଓ ରାଜ୍ୟ କର୍ମକର୍ତ୍ତା ଉପସ୍ଥିତ ହୋଇଥିଲେ ଓଡ଼ିଶାର ମାନ୍ୟବର ଉପ ମୁଖ୍ୟମନ୍ତ୍ରୀ ଶ୍ରୀମତି ପ୍ରଭାତୀ ପରିଡ଼ା ବୈଠକ ରେ ଯୋଗଦାନ କରିବା ନିମନ୍ତେ ସହମତି ପ୍ରକାଶ କରିଥିବା ସ୍ଥଳେ ସବୁ ପ୍ରକାରର ପ୍ରସ୍ତୁତି ଚୁଡ଼ାନ୍ତ ହୋଇଥିଲା ଅନିବାର୍ଯ୍ୟ କାରଣ ବସତ ସେ ବୈଠକରେ ଯୋଗଦାନ କରି ପାରିଲେ ନାହିଁ, ଉକ୍ତ ବୈଠକରେ ଶ୍ରୀ ଜ୍ଞାନ ରଞ୍ଜନ ଦାଶ କାର୍ଯ୍ୟକାରୀ ସଭାପତି ରାଜ୍ୟ ଅଣଗେଜେଟେଡ୍ କର୍ମଚାରୀ ସମନ୍ୱୟ ସମିତି ଆୟୋଜନ କରିବା ବେଳେ ଶ୍ରୀ ନାରାୟଣ ଦାଶ୍ ରାଜ୍ୟ ସଭାପତି ଅଣଗେଜେଟେଡ୍ କର୍ମଚାରୀ ସମନ୍ୱୟ ସମିତି ସଭାପତିତ୍ୱ କରିଥିଲେ, ଶ୍ରୀ



ପ୍ରସନ୍ନ କୁମାର ତ୍ରିପାଠୀ ପୂର୍ବତନ କାର୍ଯ୍ୟକାରୀ ସଭାପତି ରାଜ୍ୟ ଅଣଗେଜେଟେଡ୍ କର୍ମଚାରୀ ସମନ୍ୱୟ ସମିତି, ରାଜ୍ୟ ଅଣଗେଜେଟେଡ୍ କର୍ମଚାରୀ ସମନ୍ୱୟ ସମିତି ଅଧ୍ୟକ୍ଷ ଶ୍ରୀ ସୁନନ୍ଦ କାନୁନଗୋ, ଶ୍ରୀ ସୁକାନ୍ତ ମହାପାତ୍ର, ଲିଗାଲ କମିଟି ଅଧ୍ୟକ୍ଷ ଓ ଶ୍ରୀ ଲକ୍ଷ୍ମୀ ନାରାୟଣ ସେଠି ରାଜ୍ୟ ବରିଷ୍ଠ ଉପସଭାପତି ଅଣଗେଜେଟେଡ୍ କର୍ମଚାରୀ ସମନ୍ୱୟ ସମିତି ମଞ୍ଚାସିନ ହୋଇ ନିଜ ନିଜର ଅଭିଭାଷଣ ପ୍ରଦାନ କରିଥିଲେ, ସମସ୍ତ ସଙ୍ଗଠନ ର ସଭାପତି ଓ ସମ୍ପାଦକ ନିଜ ନିଜ ବିଭାଗର କର୍ମଚାରୀ ମାନଙ୍କର ଦାବି ରାଜ୍ୟ ନେତୃବୃନ୍ଦ ଙ୍କ ନିକଟରେ ଉପସ୍ଥା ପନ କରିଥିଲେ, କୋରାପୁଟ ଜିଲ୍ଲା ଶାଖା ପକ୍ଷରୁ ଶ୍ରୀ ଶଶୀ ଭୂଷଣ ଦାଶ୍ ସଭାପତି ଅଣଗେଜେଟେଡ୍ କର୍ମଚାରୀ ସମନ୍ୱୟ ସମିତି କୋରାପୁଟ ଜିଲ୍ଲା ଶାଖା, ଶ୍ରୀ ବୃନ୍ଦାବନ ପଣ୍ଡା ବରିଷ୍ଠ ଉପଦେଷ୍ଟା ଓ ଶ୍ରୀ ରମାକାନ୍ତ ମହାପାତ୍ର କାର୍ଯ୍ୟାଳୟ ସଭାପତି ଅଣଗେଜେଟେଡ୍ କର୍ମଚାରୀ ସମନ୍ୱୟ ସମିତି ଉକ୍ତ ବୈଠକରେ ଯୋଗଦାନ କରିଥିଲେ, ଶ୍ରୀ ଦାଶ୍ ସଭାପତି ଅଣଗେଜେଟେଡ୍ କର୍ମଚାରୀ ସମନ୍ୱୟ ସମିତି କୋରାପୁଟ ଜିଲ୍ଲା ଶାଖା ତାଙ୍କର ଅଭିଭାଷଣରେ ଜୟପୁର ଓ ବୋରିଗୁମ୍ମା ଠାରେ ଅଣଗେଜେଟେଡ୍ କର୍ମଚାରୀ ସମନ୍ୱୟ ସମିତି କୋରାପୁଟ ଜିଲ୍ଲା ଶାଖା ର ବୈଠକ କରିବା ସହିତ କର୍ମଚାରୀ ମାନଙ୍କ ନ୍ୟାର୍ଯ୍ୟ ଦାବି ପୁରଣ ନିମନ୍ତେ ସରକାର ଓ ରାଜ୍ୟ ସଂଘ ର ଦୃଷ୍ଟି ଆକର୍ଷଣ କରିଥିବା ନେଇ ମଞ୍ଚାସିନ ନେତୃବୃନ୍ଦଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ, ଶ୍ରୀ ଶଶୀ ଭୂଷଣ ଦାଶ୍ ସଭାପତି ଓଡ଼ିଶା ଅମଲା ସଂଘ କୋରାପୁଟ ଜିଲ୍ଲା ଶାଖା ଓ ସଭାପତି ଅଣଗେଜେଟେଡ୍ କର୍ମଚାରୀ ସମନ୍ୱୟ ସମିତି କୋରାପୁଟ ଜିଲ୍ଲା ଶାଖା ଙ୍କ ସାଙ୍ଗଠନିକ ଦକ୍ଷତା, କର୍ମଚାରୀ ସେବା କର୍ମଷ୍ଠ, ସଂଘୀୟ ମମତା ସହିତ ସମୟାନୁବର୍ତିତା ଯୋଗୁଁ ମୁଖ୍ୟ ଅତିଥିଙ୍କ ତରଫରୁ ରାଜ୍ୟ ଅଣଗେଜେଟେଡ୍ କର୍ମଚାରୀ ସମନ୍ୱୟ ସମିତି ସଭାପତି, ସମ୍ପାଦକ, କାର୍ଯ୍ୟକାରୀ ସଭାପତି, ସାଙ୍ଗଠନିକ ସମ୍ପାଦକ, ଅଧକ୍ଷଙ୍କ ସମେତ ବହୁ ବରିଷ୍ଠ ନେତୃବୃନ୍ଦ ଉତ୍ତରୀୟ ଓ ମାନପତ୍ର ଦେଇ ଶ୍ରୀ ଦାଶ୍ ଙ୍କୁ ସମ୍ବର୍ଦ୍ଧିତ କରିଥିଲେ ପରି ଶେଷରେ ଶ୍ରୀ ଜ୍ଞାନ ରଞ୍ଜନ ଦାଶ କାର୍ଯ୍ୟକାରୀ ସଭାପତି ରାଜ୍ୟ ଅଣଗେଜେଟେଡ୍ କର୍ମଚାରୀ ସମନ୍ୱୟ ସମିତି ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିବା ସହିତ ସଭା ସାଙ୍ଗ କରିଥିଲେ।

# ମହିଳା ସହ ଅଶ୍ଲିଳ ହରକତ କରି ଗିରଫ ହେଲେ ପଞ୍ଚାୟତ କାର୍ଯ୍ୟ ନିର୍ବାହି ଅଧିକାରୀ



**ଟିଟିଲାଗଡ,(ମହାଭାରତ) :** ବଲାଙ୍ଗୀର ଜିଲ୍ଲା ସଇଁତଳା ଥାନା ଡେଙ୍ଗ ପଞ୍ଚାୟତ କାର୍ଯ୍ୟନିର୍ବାହି ଅଧିକାରୀ ଅକ୍ଷୟ କୁମାର ମହାନ୍ତି ଗିରଫ ହୋଇ କୋର୍ଟ ଚାଲାଣ କରିଛନ୍ତି ।ସୂଚନା ଯୋଗ୍ୟ ଯେ କିଛି ଦିନ ତଳେ ପଞ୍ଚାୟତ କାର୍ଯ୍ୟ ନିର୍ବାହି ଅଧିକାରୀ ଅକ୍ଷୟ କୁମାର ମହାନ୍ତି ଓ ଉକ୍ତ ଅଞ୍ଚଳ ର ଜଣେ ଯୁବତୀଙ୍କ ସହ ପଞ୍ଚାୟତ କାର୍ଯ୍ୟାଳୟ ଭିତରେ ଅଶ୍ଳିଳ କାମ କରୁଥିବା ସିସି ଟିଭି ଫୁଟେଜ ସାମାଜିକ ଗଣମାଧ୍ୟମ ରେ ଭାଇରାଲ ହୋଇଥିଲା। ତେବେ ଉକ୍ତ ପଞ୍ଚାୟତ ର ସରପଞ୍ଚଙ୍କ ସ୍ୱାମୀ ଟିକେସ୍ୱର ସାହୁ ଏହା ସାମାଜିକ ଗଣମାଧ୍ୟମ ଏକ୍ସରେ ମଧ ପୋଷ୍ଟ କରିଥିଲେ। ତେବେ ଏ ନେଇ ସଂପୃକ୍ତ ମହିଳା ସଇଁତଳା ଥାନା ରେ ଲିଖିତ ଭାବେ ଅଭିଯୋଗ କରିଥିଲେ ।ଅଭିଯୋଗ ପରେ ସଇଁତଳା ପୋଲିସ ନିର୍ବାହି ଅଧିକାରୀ ଶ୍ରୀ ମହାନ୍ତି କୁ ଅଟକ ରଖି ପଚରା ଉଚରା କରିବା ପରେ ଘଟଣା ରେ ସଂପୃକ୍ତ ଥିବା ନେଇ ପଞ୍ଚାୟତ କାର୍ଯ୍ୟ ନିର୍ବାହି ଅଧିକାରିକୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା କହିଛନ୍ତି ଟିଟିଲାଗଡ ଏସଡିପିଓ ଅଙ୍କିତା କୁମ୍ଭାର।

# ପ୍ୟାକ୍ସ ସମ୍ପାଦକ ଚାଷୀଙ୍କୁ ଟଙ୍କା ମାଗୁଥିବାର ଘଟଣାରେ DRCSଙ୍କ ଦ୍ୱାରସ୍ଥ ହେଲେ ଚାଷୀ...



**ବଲାଙ୍ଗୀର,(ମହାଭାରତ) :** ପୁଣିଥରେ ସାମ୍ନାକୁ ଆସିଲା ଚାଷିକୁ ଶୋଷଣ କରୁଥିବାର ଦୃଶ୍ୟ। ସୂଚନା ଯୋଗ୍ୟ ଯେ ବଲାଙ୍ଗିର ଜିଲ୍ଲା ସଇଁତଳା ବ୍ଲକ୍ ଅନ୍ତର୍ଗତ ବିଜେପୁର ପ୍ୟାକ୍ସ ରେ ଚାଷୀ ଖରିଫ ଧାନ ବିକ୍ରି କରିବା ପାଇଁ ରେଜିଷ୍ଟ୍ରେଶନ ଫର୍ମ ଭରୁ ଥିବା ବେଳେ । ବିଜେପୁର ପ୍ୟାକ୍ସ ସମ୍ପାଦକ ବିଘ୍ନେଶ୍ୱର ଭୋଇ ୧୦୦ ଟଙ୍କା ଲେଖାଏ ଅର୍ଥ ଆଦାୟ କରୁ ଥିବାର ଚାଷୀ ଅଭିଯୋଗ କରିଛନ୍ତି । ଆଜି ବିଜେପୁର ପ୍ୟାକ୍ସର ଚାଷୀମାନେ ବଲାଙ୍ଗିର ଉଜଉଝ ଅଫିସ୍ କୁ ଆସି ଲିଖିତ ଅଭିଯୋଗ କରିବା ସହିତ ନିରୀହ ଚାଷୀ ମାନଙ୍କୁ ଲୁଟୁଥିବା ସମ୍ପାଦକ ବିଘ୍ନେଶ୍ୱର ଭୋଇଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଦାବି କରିଛନ୍ତି । ଚାଷୀ ମାନଙ୍କ ସହିତ ଭାରତୀୟ କିଶାନ ସଂଘର ବଲାଙ୍ଗୀର ଜିଲ୍ଲା ସଭାପତି ଡ ଶଶିଭୂଷଣ ସାହୁ ଓ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ରାଧାକୃଷ୍ଣ ମେହେର ଉଜଉଝ ଙ୍କୁ ଭେଟି ରୋକ୍ ଠୋକ୍ ଶୁଣାଇ ଦେଇଥିଲେ ଉକ୍ତ ଘଟଣାର ଉଚ୍ଚସ୍ତରୀୟ ତଦନ୍ତ କରି ସଂପୃକ୍ତ ପ୍ୟାକ୍ସ ସମ୍ପାଦକଙ୍କ ବିରୁଦ୍ଧରେ କଠୋର ପଦକ୍ଷେପ ନ ନେଲେ ଆଗାମୀ ଦିନରେ ରାଜରାସ୍ତାକୁ ଓହ୍ଲାଇବା ପାଇଁ କହିଛନ୍ତି ।

# ଭିଣେଇ ଆକ୍ରମଣରେ ଶଳା ଭାଉଜ ଓ ଶଳା ଆହତ



**କରଞ୍ଜିଆ,(ମହାଭାରତ) :** ମଦ୍ୟ ପାନ କରି ଭିଣେଇ ଉନ୍ମକ୍ତ କାଣ୍ଡ ଭିଆଇ ଶଳା ଭାଉଜ ଓ ଶଳା କୁ ଆହତ କରିଥିବା ବେଳେ ଶାଳା ର ଆକ୍ରମଣ ରେ ଭିଣେଇ ମଧ୍ୟ ଆହତ ହୋଇଛନ୍ତି। ସମସ୍ତ ଆହତ ଠାକୁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ରେ ଚିକିତ୍ସା ପାଇଁ ଭର୍ତ୍ତି ହୋଇଛନ୍ତି। ମିଳିଥିବା ସୂଚନା ଅନୁଯାୟୀ ଠାକୁରମୁଣ୍ଡା ବ୍ଲକ ମହୁଲଡ଼ିହା ଥାନା ଅନ୍ତର୍ଗତ ଧାତକିଡ଼ିହା କଲୋନୀ ସାହି ରେ ଏପରି ଘଟଣା ଘଟିଛି। ଆହତ ଶଳା ଭାଉଜ ସୁମିତା ନାୟକ ଥାନାରେ ଅଭିଯୋଗ ପରେ ପୋଲିସ ଘଟଣା ର ତଦନ୍ତ କରୁଛି। ବିଭାହ ପରେ ଭିଣେଇ ମାନସ ଦଳେଇ ପ୍ରାୟ ୨୦ ବର୍ଷ ହେବ ଶଶୁର ଘର ଗାଁ ରେ ରହୁଥିଲେ ।ଅଧିକାଂଶ ସମୟରେ ତାଙ୍କ ସ୍ତ୍ରୀ ସହିତ ଝଗଡା ହେଉଥିବା ବେଳେ ଶନିବାର ରାତିରେ



ମାନସ ମଦ୍ୟପାନ କରି ସ୍ତ୍ରୀ କୁ ଆକ୍ରମଣ କରିବାରୁ ସ୍ତ୍ରୀ ଗାଁ ଭିତରେ ଥିବା ତାଙ୍କ ବାପା ଘରକୁ ଦୌଡି ପଳାଇ ଆସିଥିଲେ। ମାନସ ତା ପରଦିନ ରବିବାର ଦିନ ପ୍ରାୟ ୧୧ ଟା ସମୟରେ ଶଶୁର ଘର କୁ ଆସି ଗଣ୍ଡଗୋଳ କରିଥିଲେ ।ମାନସ ପ୍ରଥମେ ଶାଳା ଭାଉଜ ସୁମିତା କୁ ଏକ ଛୁରୀ ରେ ମୁଣ୍ଡ କୁ ଆକ୍ରମଣ କରି ଥିଲେ। ପରେ ଛେଳି ଚରାଇବାକୁ ଯାଇଥିବା ଶଳା ସକ୍ଷନ୍ତୁନୁ ଘରେ ପହଞ୍ଚିବା ପରେ ଶଳା ଓ ଭିଣେଇ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ଗଣ୍ଡଗୋଳ ରେ ଶଳା ଓ ଭିଣେଇ ଉଭୟ ଆହତ ହୋଇଥିଲେ।

# ନାଲକୋ ନଗର ସଂଘ କାର୍ଯ୍ୟାଳୟରେ ମୂଳନିବାସୀ ଦିବସ ପାଳିତ

**ଅନୁଗୋଳ,(ମହାଭାରତ):** ନାଲକୋ ନଗର ଠାରେ ଶୁକ୍ରବାର ଦିନ ସନ୍ଧ୍ୟା ୭ ଘଟିକା ସମୟରେ ନାଲକୋ ଅନୁସୂଚିତ ଜାତି ଓ ଜନଜାତି କର୍ମଚାରୀ କଲ୍ୟାଣ ସଂଘ କାର୍ଯ୍ୟାଳୟରେ ଅର୍ନ୍ତଜାତୀୟ ମୂଳନିବାସୀ ଦିବସ ବର୍ଣ୍ଣାଢ ସମାବେଶରେ ଅନୁଷ୍ଠିତ ହୋଇଯାଇଅଛି । ସଂଘର ସଭାପତି କେଦାର ନାଥ ଦେହୁରୀଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ନାଲକୋର ଉପ ମହାପ୍ରବନ୍ଧକ ଶ୍ରୀଯୁକ୍ତ ରମେନ୍ଦ୍ର କୁମାର ପ୍ରଧାନ, ମୁଖ୍ୟ ବକ୍ତା ଭାବେ ବରିଷ୍ଠ ଆଇନଜୀବି ଶ୍ରୀଯୁକ୍ତ ପ୍ରତାପ କୁମାର ନାଏକ, ସମ୍ମାନିତ ଅତିଥି ଭାବେ ଡଃ. ଦଶରଥ କିସାନ, ବରିଷ୍ଠ ପ୍ରବନ୍ଧକ ଶ୍ରୀଯୁକ୍ତ ଅଭିରାମ ହାଁସଦାଃ, ପ୍ରବନ୍ଧକ ଶ୍ରୀଯୁକ୍ତ ରାମଚନ୍ଦ୍ର ମାଝୀ, ପ୍ରବନ୍ଧକ ଶ୍ରୀଯୁକ୍ତ ସୁକାନ୍ତ ସେଠୀ ଯୋଗ ଦେଇ ବହୁମୂଲ୍ୟ ବକ୍ତବ୍ୟ ରଖିଥିଲେ । ସଭାର ପ୍ରାରମ୍ଭରେ ସମସ୍ତ ଅତିଥି ମାନଙ୍କୁ ସ୍ୱାଗତ କରାଯାଇ ଅତିଥି ପରିଚୟ ପ୍ରଦାନ କରାଯାଇଥିଲା । ମହାନ



ସ୍ୱାଧିନତା ସଂଗ୍ରାମୀ ଓ ମହାପୁରୁଷଙ୍କ ଫଟୋଚିତ୍ରରେ ପୁଷ୍ପ ମାଲ୍ୟାର୍ପଣ ଓ ପ୍ରଦୀପ ପ୍ରଜ୍ଜଳନ କରାଯାଇଥିଲା । ମୁଖ୍ୟ ଅତିଥି ଶ୍ରୀଯୁକ୍ତ ପ୍ରଧାନ ଆଦିବାସୀଙ୍କ ପ୍ରତି ଅତ୍ୟାଚାରର ପ୍ରତିରୋଧ, ଶିକ୍ଷା କ୍ଷେତ୍ରରେ ଅଗ୍ରଗତି ସମ୍ବନ୍ଧରେ ବିସ୍ତୃତ ଭାବରେ ବର୍ଣ୍ଣନା କରିଥିଲେ । ମୁଖ୍ୟ ବକ୍ତା ଶ୍ରୀ ନାଏକ ସମ୍ବିଧାନ ଓ ସାମ୍ପ୍ରତିକ ପରିସ୍ଥିତି ଉପରେ ଆଲୋକପାତ କରିଥିଲେ । ଶ୍ରୀ ହାଁସଦାଃ ଆଦିବାସୀଙ୍କ ଜୀବନୀ ଓ ପେଷା ଆଇନ ଉପରେ ବର୍ଣ୍ଣନା କରିଥିଲେ । ଶ୍ରୀଯୁକ୍ତ ମାଝୀ ଆଦିବାସୀଙ୍କ ଇତିହାସ ସହିତ ଭାଷା ଓ ସଂସ୍କୃତି ସମ୍ବନ୍ଧରେ ବର୍ଣ୍ଣନା କରିଥିଲେ । ଶ୍ରୀ ସେଠୀ ସଂରକ୍ଷଣ ଉପରେ ଆଲୋକପାତ କରିଥିଲେ । ସାଧାରଣ ସମ୍ପାଦକ କୃଷ୍ଣ ସିଂ ଜଙ୍କ ଅର୍ନ୍ତଜାତୀୟ ମୂଳନିବାସୀ ଦିବସ ପାଳନର ତାତ୍ପର୍ଯ୍ୟ ବର୍ଣ୍ଣନା କରିଥିଲେ । ଏହି କାର୍ଯ୍ୟକ୍ରମକୁ ସହ ସମ୍ପାଦକ ବାସିଲ ଏକ୍କା, ସାଂଗଠନିକ ସଂପାଦକ ତୈଲୋକ୍ୟ କୁମାର ନାୟକ, ରବିନ୍ଦ୍ରନାଥ ନାଏକ, କୈଳାସ ଚନ୍ଦ୍ର ଶିଅଳ, ଯଦୁନାଥ ପ୍ରଧାନ, ଉପେନ୍ଦ୍ର ବେହେରା, ସୁରେନ୍ଦ୍ର ନାଥ ଅମାଙ୍ଗ, ଦେବେନ୍ଦ୍ର ଓରାମ, ମକରଧ୍ୱଜ ଦେହୁରୀ, ଜଳଦେବ ନାଏକ, କୈଳାସ ଚନ୍ଦ୍ର ଭୋଇ, ମନୋରଞ୍ଜନ ମଲିକ, ଗିରିଧାରୀ ପ୍ରଧାନ ଓ ସଂଘର ସମସ୍ତ ସଭ୍ୟାସଭ୍ୟଙ୍କ ସହଯୋଗରେ ସଫଳ ହୋଇଥିଲା । ଶେଷରେ ସହ କୋଷାଧ୍ୟକ୍ଷ ଆଲୋକ କୁମାର ମାଝୀ ଧନ୍ୟବାଦ ଅର୍ପଣ କରିଥିଲେ ।

# ପ୍ୟାରିସ ଅଲିମ୍ପିକ୍ସ : ମିଳିଲା କମ୍, ଶିଖେଇଲା ଅଧିକ

ପ୍ୟାରିସ,୧୧।୮: ପ୍ୟାରିସ ଅଲିମ୍ପିକ୍ସରେ ଭାରତୀୟ ଆଥଲେଟ ସମସ୍ତଙ୍କୁ ନିରାଶ କରିଛନ୍ତି। ଭାରତ ପକ୍ଷରୁ ୧୧୭ ଜଣିଆ କଣ୍ଟିଜେଣ୍ଟକୁ ପ୍ୟାରିସ ଅଲିମ୍ପିକ୍ସ ପାଇଁ ପଠାଯାଇଥିଲା। ହେଲେ ଦେଶକୁ ଗୋଟିଏ ରୌପ୍ୟ ସହ ମିଳିଛି ମାତ୍ର ୬ଟି ପଦକ। ଏଥିରେ ଗୋଟିଏ ହେଲେ ସ୍ୱର୍ଣ୍ଣ ପଦକ ମଧ ନାହିଁ। ଅଲିମ୍ପିକ୍ସର ଗତ ସଂସ୍କରଣ ଟୋକିଓରେ ହୋଇଥିବା ବେଳେ



ଭାରତ ଗୋଟିଏ ସ୍ୱର୍ଣ୍ଣ ସହ ୭ଟି ପଦକ ଜିତିଥିଲା। ଏହା ଅଲିମ୍ପିକ୍ସରେ ଭାରତର ସର୍ବଶ୍ରେଷ୍ଠ ପ୍ରଦର୍ଶନ ରହିଥିଲା। ଲାଗୁଥିଲା ପ୍ୟାରିସରେ ପଦକ ସଂଖ୍ୟା ଡବଲ ଡିଜିଟ ହେବ।

କିନ୍ତୁ ଟୋକିଓ ଠାରୁ ମଧ ଭାରତୀୟ ଆଥଲେଟ କମ ପଦକ ଜିତିଛନ୍ତି। ଅବଶ୍ୟ ରେସଲର ଭିନେଶ ଫୋଗାଟଙ୍କ ପଦକ ନିଷ୍ପତ୍ତି ଏଯାଏ ହୋଇନି। ଯଦି ରାୟ ତାଙ୍କ ସପକ୍ଷରେ ଯାଏ, ତା'ହେଲେ ଭାରତର ପଦକ ସଂଖ୍ୟା ଟୋକିଓ ସହ ସମାନ ହେବ। ହେଲେ ସ୍ୱର୍ଣ୍ଣ ପଦକ ମିଳିବ ନାହିଁ। ତେବେ ସୁଟିଂରେ ୩, ଆର୍ଚ୍ଚେରୀରେ ଗୋଟିଏ, ବ୍ୟାଡମିଣ୍ଟନରେ ଗୋଟିଏ, ବକ୍ସିଂରେ ଗୋଟିଏ, ରେସଲିଂରେ ଗୋଟିଏ ଓ ୱେଟଲିଫ୍ଟିଂରେ ଗୋଟିଏ ପଦକ ଜିତିବାରୁ ଅଳ୍ପକେ ହାତଛଡ଼ା କରିଥିଲା ଭାରତ।

ଭାରତୀୟ ଅଲିମ୍ପିକ୍ସ ଇତିହାସରେ ପ୍ରଥମଥର ପାଇଁ ସବୁଠାରୁ ଅଧିକ ୧୧୭ ଜଣ ଆଥଲେଟଙ୍କୁ ପ୍ୟାରିସ ପଠାଯାଇଥିଲା। ଅରଶା କରାଯାଉଥିଲା ଯେ ଭାରତର ପଦକ ସଂଖ୍ୟା ଏକ ଅଙ୍କରୁ ଦୁଇକୁ ବିବୟ ପଦକ ସଂଖ୍ୟା ଦୁଇ ଅଙ୍କ ଛୁଇଁବା ସ୍ୱପ୍ନ ଅଧା ରହି ଯାଇଛି ସତ। କିନ୍ତୁ ପ୍ୟାରିସ ଅଲିମ୍ପିକ୍ସରେ ନୂଆ। ଆଶା ମଧ ସୃଷ୍ଟି ହୋଇଛି।୨୦୨୮ ଲା ଅଲିମ୍ପିକ୍ସରେ ଭାରତ ଦମଦାର ପ୍ରଦର୍ଶନ କରିବ ବୋଲି କୁହାଯାଉଛି।

ଭାରତର ଅଲିମ୍ପିକ୍ସ ଅଭିଯାନ ଦମଦାର ଢଙ୍ଗରେ ଆରମ୍ଭ ହୋଇଥିଲା। ଅଲିମ୍ପିକ୍ସର ଦ୍ୱିତୀୟ ଦିନରେ ମନୁ ଭାକର ମହିଳା ୧୦ ମିଟର ଏୟାର ପିସ୍ତଲ ଇଭେଣ୍ଟରେ ଦେଶ ପାଇଁ ବ୍ରୋଞ୍ଜ ପଦକ ଜିତିଥିଲେୟ ଦୁଇ ଦିନ ପରେ ଭାକର ଇତିହାସ ସୃଷ୍ଟି କରି ପ୍ରଥମ ଭାରତୀୟ(ସ୍ୱାଧୀନ ଭାରତ) ଭାବେ ଗୋଟିଏ ଅଲିମ୍ପିକ୍ସରେ ଦୁଇ ପଦକ ଜିତିଥିଲେ। ଏଥର ସେ ୧୦ ମିଟର ଏୟାର ପିସ୍ତଲ ମିକ୍ସଡ ଇଭେଣ୍ଟରେ ସରବଜୋତ ସିଂହଙ୍କୁ ସାଥୀ କରି ପୁଣି ବ୍ରୋଞ୍ଜ ପଦକ ହାତେଇଥିଲେ।

ପଦକ ସଂଖ୍ୟା ଡବଲ ଡିଜିଟକୁ ବୃଦ୍ଧି ପାଇବାର ସମ୍ଭାବନା ସେତେବେଳେ ସୃଷ୍ଟି ହୋଇଥିଲା ଯେତେବେଳେ ଅଗଷ୍ଟ ୧ରେ ପୁରୁଷ ୫୦ ମିଟର ରାଇଫଲ ଥ୍ରୀ ପୋଜିସନ ମ୍ୟାଚରେ ସ୍ୱପ୍ନିଲ କୁଶାଲେ ବ୍ରୋଞ୍ଜ ପଦକ ଜିତିଥିଲେ। ଗତ ଦୁଇଟି ଯାକ ଅଲିମ୍ପିକ୍ସରେ ଭାରତକୁ ଶୁଟିଂରେ କୌଣସି ପଦକ ମିଳି ନଥିବା ବେଳେ ଏଥର ୩ଟି ପଦକ ହାତେଇବା ଭାରତୀୟଙ୍କୁ ଉତ୍ସାହିତ କରିଥିଲା।

ହେଲେ ଏହାର ୭ ଦିନ ଯାଏ ଭାରତୀୟମାନେ କୌଣସି ପଦକ ଜିତିବାକୁ ସକ୍ଷମ ହୋଇ ନଥିଲେ। ଫଳରେ ଭାରତର ପଦକ ସଂଖ୍ୟା ଦୁଇ ଅଙ୍କ ଛୁଇଁବାର ସ୍ୱପ୍ନ ଚୂରମାର ହୋଇଯାଇଥିଲା। କାରଣ ଭାରତ ପାଖରେ ପଦକ ଜିତିବାର ଖେଳାଳିଙ୍କ ସଂଖ୍ୟା ବହୁତ କମ ରହିଥିଲା। ଦେଶର ଭରସା ନୀରଜ ଚୋପ୍ରା, ହକି ଟିମ, ମୀରାବାଈ ଚାନୁ ଓ ରେସଲରମାନଙ୍କ ଉପରେ ରହିଥିଲା

ଅଲିମ୍ପିକ୍ସର ୧୧ତମ ଦିନରେ ଭିନେଶ ଫୋଗାଟ ଭାରତ ପାଇଁ ପଦକ ପକ୍କା କରିଥିଲେ। ସେ ପ୍ରଥମ ଭାରତୀୟ ରେସଲର ଭାବେ ଫାଇନାଲରେ ପହଞ୍ଚିଥିଲେ। କିନ୍ତୁ ଫାଇନାଲ ବାଉଟ ପୂର୍ବରୁ ତାଙ୍କୁ ଡିସକ୍ୱାଲିଫାଏଡ ହେବାକୁ ପଡ଼ିଥିଲା। ୫୦ କେଜି ବର୍ଗରେ ସେ ଲଢୁଥିବା ବେଳେ ତାଙ୍କ ଓଜନ ଏହାଠାରୁ ୧୦୦ ଗ୍ରାମ ଅଧିକ ରହିଥିଲା।

ଏହାର ଦିନକ ପୂର୍ବରୁ ହକି ଟିମ ମଧ ସେମି ଫାଇନାଲରେ ହାରିଥିଲା। ଅବଶ୍ୟ ପରବର୍ତ୍ତୀ ଅବସ୍ଥାରେ ଭାରତୀୟ ହକି ଟିମ ବ୍ରୋଞ୍ଜ ପଦକ ଜିତିବାକୁ ସକ୍ଷମ ହୋଇଥିଲା। ଭାରତର ଏକମାତ୍ର ଭାରଉତ୍ତୋଳନକାରୀ ମୀରାବାଈ ପଦକ ଦେବେ ବୋଲି ସମସ୍ତେ ଚାହିଁ ରହିଥିଲେ। କାରଣ ଟୋକିଓ ଅଲିମ୍ପିକ୍ସରେ ସେ ରୌପ୍ୟ ପଦକ ଜିତିଥିଲେ। ହେଲେ ସେ ପ୍ୟାରିସରେ ୪ର୍ଥ ସ୍ଥାନରେ ରହିଥିଲେ।ଅଗଷ୍ଟ ୮ ଭାରତୀୟଙ୍କ ପାଇଁ ସବୁଠାରୁ ବଡ଼ ଦିନ ଥିଲା। କାରଣ ଟୋକିଓରେ ସ୍ୱର୍ଣ୍ଣ ଜିତିଥିବା ନୀରଜ ମୈଦାନକୁ ଓହ୍ଲାଇବାର ଥିଲା। ସେ ଜାଭେଲିନ ଥ୍ରୋ ଫାଇନାଲରେ ୮୯.୪୫ ମିଟର ଦୂରତା ଅତିକ୍ରମ କରି ରୌପ୍ୟ ପଦକ ହାତେଇଥିଲେ। ତାଙ୍କ ଠାରୁ ଯଥେଷ୍ଟ ଆଗକୁ ୯୨.୯୭ ମିଟରକୁ ଜାଭେଲିନ ଫିଙ୍ଗି ପାକିସ୍ତାନର ଅର୍ଶଦ ନଦୀମ ସ୍ୱର୍ଣ୍ଣ ଦକ ଭାରତ ଠାରୁ ନେଇ ଯାଇଥିଲେ।

ଅଗଷ୍ଟ ୮ରେ ହକି ଓ ଜାଭେଲିନରୁ ପଦକ ମିଳିବାରୁ ଭାରତର ପଦକ ସଂଖ୍ୟା ୫କୁ ବୃଦ୍ଧି ପାଇଥିଲା। ଦିନକ ପରେ ରେସଲର ଅମନ ଶେହରାୱତ ଭାରତ ପାଇଁ ଶେଷ ବ୍ରୋଞ୍ଜ ଜିତିବାକୁ ସକ୍ଷମ ହୋଇଥିଲେ। ଶେଷ ଦିନରେ ରିତିକାର ହୁଡାଙ୍କ ଠାରୁ ଦେଶ ପଦକ ଅପେକ୍ଷାରେ ରହିଥିଲା। କିନ୍ତୁ ସେ ମଧ କ୍ୱାର୍ଟର ଫାଇନାଲରେ ହାରି ଯାଇଥିଲେ। ଏଥିସହ ଭାରତର ଅଲିମ୍ପିକ୍ସ ଅଭିଯାନ ଗୋଟିଏ ରୌପ୍ୟ ଓ ୫ ବ୍ରୋଞ୍ଜ ସହ ଶେଷ ହୋଇଥିଲା।

## ଅଳ୍ପକେ ହାତଛଡ଼ା ୮ ପଦକ

୨୦୨୪ ପ୍ୟାରିସ୍ ଅଲିମ୍ପିକ୍‌ରେ ଚତୁର୍ଥ ସ୍ଥାନର ଚକ୍ରବ୍ୟୂହ ଭେଦ କରିପାରି ନାହାନ୍ତି ବହୁ ଭାରତୀୟ ଖେଳାଳି ଯଦି ସେମାନେ ଆଉ ଗୋଟିଏ ସ୍ଥାନ ଆଗକୁ ବଢ଼ିପାରିଥାଆନ୍ତେ ତାହେଲେ ଭାରତର ପଦକ ସଂଖ୍ୟା ଦୁଇ ଅଙ୍କ ପାରି କରି ଯାଇଥାନ୍ତା। ଏହାଛଡ଼ା ସେମିଫାଇନାଲ୍ ଯିବା ମାତ୍ରେ ଅତି କମ୍‌ରେ କାଂସ୍ୟ ପଦକ ନିଶ୍ଚିତ ହେଉଥିବା ବକ୍ସିଂରେ ବି ଏଥର ଏକାଧିକ ଭାରତୀୟ ମୁଷ୍ଟିଯୋଦ୍ଧା ନିଜର କ୍ୱାର୍ଟର୍ ଫାଇନାଲ୍ ଲଢ଼େଇ ହାରି ପଦକରୁ ବଞ୍ଚିତ ହୋଇଛନ୍ତି। ପଦକରୁ ଅଳ୍ପକେ ବଞ୍ଚିତ ଅଲିମ୍ପିକ୍ ଯୋଦ୍ଧାଙ୍କୁ ନେଇ ଏହି ସ୍ୱତନ୍ତ୍ର ଉପସ୍ଥାପନା।

**ଅର୍ଜୁନ୍ ବବୁଟା:** ବନ୍ଧୁକଚାଳନାରେ ମନୁ ଭାକର ୨ଟି ପଦକ ପାଇବା ପରେ ଏହି ଖେଳରୁ ଭାରତୀୟଙ୍କ ପଦକ ଆଶା ବହୁତ ବଢ଼ି ଯାଇଥିଲା। ହେଲେ ପୁରୁଷ ୧୦ ମିଟର୍ ଏୟାର୍ ରାଇଫଲ୍ ଫାଇନାଲ୍‌ରେ ଅର୍ଜୁନ୍ ବବୁଟା ୨୦୮.୪ ପଏଣ୍ଟରେ ଶେଷ କରି ଚତୁର୍ଥ ସ୍ଥାନରେ ରହିଥିଲେ। ୯.୫ ନମ୍ବର ବିଶିଷ୍ଟ ନିଜ ଶେଷ ସଟ୍‌ରେ ହିଁ ସେ ପୋଡିୟମ୍ ଚଢ଼ିବାରୁ ବଞ୍ଚିତ ହୋଇଥିଲେ।

**ମନୁ ଭାକର:** ଗୋଟିଏ ଅଲିମ୍ପିକ୍‌ରେ ୨ଟି ପଦକ ଜିତିବାରେ ପ୍ରଥମ ଭାରତୀୟ ହୋଇଥିବା ମନୁ ଭାକର ତୃତୀୟ ପଦକ ପାଇ ବିରଳ ରେକର୍ଡ ହାସଲରୁ ଅଳ୍ପକେ ବଞ୍ଚିତ ହୋଇଥିଲେ। ମହିଳା ୨୫ ମିଟର୍ ପିସ୍ତଲ୍ ଇଭେଣ୍ଟର ଫାଇନାଲ୍‌ରେ ସେ ହଙ୍ଗେରିର ଭେରୋନିକା ମେଜର୍‌ଙ୍କ ସହ ସମାନ ପଏଣ୍ଟ ପାଇ ତୃତୀୟ ସ୍ଥାନରେ ରହିଥିଲେ କିନ୍ତୁ ଟାଇବ୍ରେକର୍ ପାଇଁ ହୋଇଥିବା ସୁଟ୍‌ଅଫ୍‌ରେ ମନୁ ଅଳ୍ପକେ ହାରି ଚତୁର୍ଥରେ ରହିଥିଲେ।

**ଧୀରଜ-ଅଙ୍କିତା:** ତୀରନ୍ଦାଜୀରେ ସର୍ବପ୍ରଥମ ଅଲିମ୍ପିକ୍ ପଦକ ଜିତିବା ପାଇଁ ପ୍ୟାରିସ୍‌ରେ ସୁବର୍ଣ୍ଣ ସୁଯୋଗ ସୃଷ୍ଟି ହୋଇଥିଲା ।ମିଶ୍ରିତ ଯୁଗଳ ଦଳଗତ ପ୍ରତିଯୋଗିତାରେ ଯୁବ ତୀରନ୍ଦାଜ ଧୀରଜ ବୋମଦେବରା ଏବଂ ଅଙ୍କିତା ଭକତଙ୍କ ଯୋଡ଼ି କାଂସ୍ୟ ପଦକ ପାଇଁ ଲଢ଼ିଥିଲେ। ତେବେ ଆମେରିକୀୟ ଯୋଡ଼ିଙ୍କଠାରୁ ପରାସ୍ତ ହୋଇଥିଲେ।

**ମାହେଶ୍ୱରୀ-ଅନନ୍ତ:** ଯଦି ବନ୍ଧୁକଚାଳନାରେ ଚତୁର୍ଥ ସ୍ଥାନରେ ରହିଥିବା ଭାରତୀୟମାନେ ଏହି ଚକ୍ରବ୍ୟୂହକୁ ଭେଦି ପଦକ ହାସଲ କରିବାରେ ସମର୍ଥ ହୋଇଥାଆନ୍ତେ। ତାହେଲେ କେବଳ ସୁଟିଂରୁ ଭାରତ ୬ଟି ପଦକ ହାସଲ କରିପାରି ଥାଆନ୍ତା। କାରଣ ସ୍କିଟ୍ ମିଶ୍ରିତ ଦଳଗତ ଇଭେଣ୍ଟରେ ଭାରତର ମାହେଶ୍ୱରୀ ଚୌହାନ ଏବଂ ଅନନ୍ତଜିତ ସିଂହ ନାରୁକାଙ୍କ ଯୋଡ଼ି ମଧ ଚତୁର୍ଥ ସ୍ଥାନରେ ନିଜ ଅଭିଯାନ ଶେଷ କରିଥିଲେ। କାଂସ୍ୟ ପଦକ ଲଢ଼େଇରେ ସେମାନେ ମିଳିତ ଭାବେ ୪୩ଟି ଲକ୍ଷ୍ୟ ଭେଦି ଚୀନ୍ (୪୪)ଠାରୁ ଅଳ୍ପକେ ହାରିଥିଲେ।

**ଲକ୍ଷ୍ୟ ସେନ୍:** ୨୨ ବର୍ଷୀୟ ଯୁବ ସଟଲର୍ ଲକ୍ଷ୍ୟ ସେନ୍ ନିଜ ଖେଳ ଦ୍ୱାରା ଏଥର ସମସ୍ତଙ୍କୁ ପ୍ରଭାବିତ କରିଥିଲେ ଜଣେ ପରେ ଜଣେ ବିଶ୍ୱ ମହାରଥୀଙ୍କୁ ହରାଇ ସେ ସେମିଫାଇନାଲ୍ ପର୍ଯ୍ୟନ୍ତ ଯାଇଥିଲେ। ହେଲେ ସେମିଫାଇନାଲ୍ ଓ ତାପରେ ତୃତୀୟ ସ୍ଥାନ ପାଇଁ ହୋଇଥିବା ମ୍ୟାଚ୍ ହାରି ସେ ଭାରତୀୟ ସମର୍ଥକଙ୍କୁ ନିରାଶ କରିଥିଲେ। ତାଙ୍କ ପରାଜୟ ପରେ ୨୦୧୨ ଲଣ୍ଡନ୍ ଅଲିମ୍ପିକ୍‌ରୁ ବ୍ୟାଡ୍‌ମିଣ୍ଟନ୍‌ରେ ଲଗାତାର ପଦକ ଜିତି ଆସୁଥିବା ଭାରତର ସଫଳତାର ଧାରାରେ ବ୍ରେକ୍ ଲାଗିଥିଲା।

**ମୀରାବାଈ ଚାନୁ:** ଭାରତର ଅନ୍ୟତମ ପ୍ରମୁଖ ପଦକ ଆଶାୟୀ ଭାରୋତ୍ତୋଳିକା ମୀରାବାଈ ଚାନୁ ଏଥର ନିଜ ସାମର୍ଥ୍ୟ ଅନୁଯାୟୀ ପ୍ରଦର୍ଶନ କରି ନପାରି ଚତୁର୍ଥରେ ସନ୍ତୁଷ୍ଟ ରହିଥିଲେ। ଟୋକିଓରେ ରୌପ୍ୟ ଜିତି ଭାରତ ପାଇଁ ପଦକ ଅଭିଯାନ ଆରମ୍ଭ କରିଥିବା ଚାନୁ ଏଥର ମହିଳା ୪୯ କେଜି ବର୍ଗରେ ମୋଟ୍ ୧୯୯ କେଜି ଭାର ଉଠାଇ କାଂସ୍ୟ ବିଜୟିନୀ ଥାଇଲାଣ୍ଡ ପ୍ରତିଦ୍ୱନ୍ଦ୍ୱୀଙ୍କଠାରୁ ମାତ୍ର ୧ କେଜି ପଛରେ ରହି ଯାଇଥିଲେ।

**ନିଶାନ୍ତ ଦେବ:** କ୍ୱାର୍ଟର୍ ଫାଇନାଲ୍ ଜିତିଥିଲେ ସେ ପଦକ ନିଶ୍ଚିତ କରିଥାଆନ୍ତେ କ୍ୱାର୍ଟର୍ ଫାଇନାଲ୍‌ରେ ଖୁବ୍ ଭଲ ପ୍ରଦର୍ଶନ ମଧ କରିଥିଲେ। ହେଲେ ବକ୍ସିଂର ବିବାଦୀୟ ସ୍କୋରିଂ ବ୍ୟବସ୍ଥା କାରଣରୁ ନିଶ୍ଚିତ ବିଜୟ ହାତଛଡ଼ା କରି ପୁରୁଷ ୭୧ କେଜି ବର୍ଗରେ ଦୁର୍ଭାଗ୍ୟଜନକ ଭାବେ ପଦକ ହରାଇଥିଲେ ଯୁବ ବକ୍ସର୍ ନିଶାନ୍ତ ଦେବ। **ଲଭ୍‌ଲୀନା:** ଟୋକିଓରେ ପଦକ ବିଜୟିନୀ ଲଭ୍‌ଲୀନା ଏଥର ମୁଷ୍ଟିଯୁଦ୍ଧରେ ପଦକର ସବୁଠୁ ବଡ଼ ଦାବିଦାର ଥିଲେ ହେଲେ ମହିଳା ୭୫ କେଜି ବର୍ଗ କ୍ୱାର୍ଟର୍ ଫାଇନାଲ୍‌ରେ ଅଧିକ ଶକ୍ତିଶାଳୀ ଚୀନ୍ ପ୍ରତିଦ୍ୱନ୍ଦ୍ୱୀଙ୍କଠାରୁ ହାର ମାନିଥିଲେ। ଫଳରେ ଆଉ ଏକ ପଦକ ଅଳ୍ପକେ ଖସି ଯାଇଥିଲା।




Printed & Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 & Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ